# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୧/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 11/2022 Page 16 ₹ 7.00 ★★★★

୪୯ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 18 ମୂଲ୍ୟ₹୭/-




**ଦ୍ରୁତ ଦ୍ୱିଶତକ ହାସଲରେ ଇଶାନ କିଶନଙ୍କ ରେକର୍ଡ**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଦ୍ରୁତ ଦ୍ୱିଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି ଭାରତୀୟ ବ୍ୟାଟର ଇଶାନ କିଶନ।

୧୬

୧୫

**ତାପସୀଙ୍କୁ ପ୍ରଶଂସା**

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଦ୍ୱାରା ଅଭିନୀତ ଏବଂ ପ୍ରଯୋଜିତ ଫିଲ୍ମ 'ବ୍ଲର'କୁ କ୍ରିଟିକ୍ସ ଖୁବ୍ ପ୍ରଶଂସା କରିଛନ୍ତି।





ଭୁବନେଶ୍ୱର ୟୁନିଟ୍-୬ ଖେଳପଡ଼ିଆରେ କେନେଲ କ୍ଲବ୍ ପକ୍ଷରୁ ଚାଲିଥିବା ଜାତୀୟ ଡଗ୍ ଶୋ'ର ଶନିବାର ଦ୍ୱିତୀୟ ଦିବସର ଓବିଡିଏନ୍ସ ଟ୍ରାଏଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଲ୍‌ଜିଆନ ମାଲିନଇସ୍ କୁକୁରମାନେ। **(ଫଟୋ- ବିକାଶ)**

# ନିର୍ମାଣ ନିଗମକୁ ବୁଡ଼ାଇବେ ଅଧିକାରୀ

## ସିଏଜି ରିପୋର୍ଟରେ ଦୁର୍ନୀତିର ଗନ୍ଧ

**ଓସିସିଏଲ୍‌ର ୨୦ କୋଟି ବରବାଦ**

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ସରକାରୀ ସଂସ୍ଥା ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ(ଓସିସିଏଲ୍) ବୁଡ଼ିବାକୁ ବସିଲାଣି। ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ମିଳିମିଶି ନିଗମକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି। କେତେଜଣ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଏହି ଲାଭଜନକ ସଂସ୍ଥାକୁ ଭିତରୁ ଖୋଳ କରିସାରିଲାଣି। ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ହେଉଥିବା ପୁଳାପୁଳା ଦୁର୍ନୀତି, ନିମ୍ନମାନର କାମ, ଠିକାଦାର ପ୍ରୀତି, ଅଯଥା ଅପଚୟକୁ ଅନୁମୋଦନ, ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଓସିସିଏଲ୍‌କୁ ଆର୍ଥିକ ସ୍ତରରେ ଦୁର୍ବଳକରି ଚାଲିଛି। ଅଧିକାରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ କମ୍ପାନୀକୁ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି)ଙ୍କ ଦ୍ୱାରା ଗତ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯାଇଥିବା ରିପୋର୍ଟରେ ଓସିସିଏଲ୍‌ର ଏଭଳି ଚାଞ୍ଚଲ୍ୟକର ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି, ଜଳସମ୍ପଦ ବିଭାଗର ଡ୍ୟାମ୍, ସ୍ପିଲ୍‌ୱେ, ହାଇଡ୍ରୋଲିକ୍ ଫାଟକ, ବ୍ୟାରେଜ, ଜଳଭଣ୍ଡାର, କେନାଲ ଇତ୍ୟାଦି କାର୍ଯ୍ୟର ନିର୍ମାଣ ପାଇଁ ରାଜ୍ୟ ସରକାର ୧୯୬୧ରେ ଓସିସିଏଲ୍ ଗଠନ କରିଥିଲେ। ଏହାର ଦୈନନ୍ଦିନ କାର୍ଯ୍ୟ ଦେଖିବାକୁ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ, ପରିଚାଳନା ନିର୍ଦ୍ଦେଶକ(ମେକାନିକାଲ), ୪ ଜଣ ସାଧାରଣ ପରିଚାଳକ(ସିଭିଲ), ଜଣେ ସାଧାରଣ ପରିଚାଳକ(ମେକାନିକାଲ), ଜଣେ ଚିଫ୍ ଆକାଉଣ୍ଟାଣ୍ଟ, ଜଣେ ପ୍ରଶାସନିକ ଅଧିକାରୀ ଏବଂ ଜଣେ କମ୍ପାନୀ ସେକ୍ରେଟାରି ନିଯୁକ୍ତି ପାଇଛନ୍ତି। ସିଏଜି ୨୦୧୬-୧୭ରୁ ୨୦୨୦-୨୧ ଅବଧିକୁ ଅନ୍ତର୍ଭୁକ୍ତ କରି ଓସିସିଏଲ୍ କମ୍ପାନୀ କାର୍ଯ୍ୟାଳୟ ସହ ୫ଟି ପ୍ରକଳ୍ପ କାର୍ଯ୍ୟାଳୟର ନଥି ଓ ତଥ୍ୟକୁ ଯାଞ୍ଚ ପରିସରଭୁକ୍ତ କରିଥିଲେ। ସିଏଜି ଜାଣିବାକୁ ପାଇଛନ୍ତି ଯେ ଉକ୍ତ ସମୟ ମଧ୍ୟରେ କମ୍ପାନୀ ୩ ବର୍ଷିଆ କର୍ପୋରେଟ ଯୋଜନା କିମ୍ବା ବାର୍ଷିକ ଯୋଜନା ପ୍ରସ୍ତୁତ କରିନାହିଁ। କାରବାର, ଲାଭ, ଲକ୍ଷ୍ୟ ଓ ପ୍ରତିଶ୍ରୁତିକୁ ନେଇ କମ୍ପାନୀ ପ୍ରତିବର୍ଷ ଜଳସମ୍ପଦ ବିଭାଗ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥାଏ। ମାତ୍ର କମ୍ପାନୀ ୨୦୧୭ରୁ ୨୦୨୦ ମଧ୍ୟରେ କାରବାର ଲକ୍ଷ୍ୟ ହାସଲ କରିପାରି ନାହିଁ। ଏହି ସମୟ ମଧ୍ୟରେ କମ୍ପାନୀର କାରବାର ୫୨ ପ୍ରତିଶତ ଅର୍ଥାତ୍ ୮୭୪ କୋଟିରୁ ୪୨୨ କୋଟି ଟଙ୍କାକୁ ହ୍ରାସ ପାଇଛି। ମାତ୍ର ଆଶ୍ଚର୍ଯ୍ୟକର କଥା, କମ୍ପାନୀର କାରବାର ହ୍ରାସ ପାଇଥିଲେ ମଧ୍ୟ ଲାଭ ଯଥେଷ୍ଟ ଅଧିକ ଥିଲା ବୋଲି ଦର୍ଶାଯାଇଥିଲା। ଏ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଓସିସିଏଲ୍ ଦ୍ୱାରା କରାଯାଉଥିବା ପ୍ରକଳ୍ପଗୁଡ଼ିକ ୯ ମାସରୁ ୯ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରି ନ ଥିଲା। ଡ୍ରେଜର ଓ ପାଇପ୍ ଲାଇନ ମୂଲ୍ୟ ବୃଦ୍ଧି କରି ଓସିସିଏଲ୍ ଅଧିକାରୀ ଠିକାଦାରମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାରୁ କମ୍ପାନୀକୁ ୭.୧୨ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ମହାନଦୀ ବ୍ୟାରେଜ ଉପରମୁଣ୍ଡରେ ସୋଆଲ ଅପସାରଣ ପାଇଁ ଜଳ ସମ୍ପଦ ବିଭାଗ ଓସିସିଏଲ୍ ଦ୍ୱାରା ୨୨୨.୧୯ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଦିଆଯାଇଥିଲା। ତେବେ ଏହି କାର୍ଯ୍ୟ ପାଇଁ ୨୦୧୪ ନଭେମ୍ବରରେ ପୂର୍ତ୍ତ ବିଭାଗ ଦ୍ୱାରା ଏସ୍‌ଓଆରରେ ଧାର୍ଯ୍ୟ କରାଯାଇଥିବା ଡ୍ରେଜିଂର ୟୁନିଟ୍ ମୂଲ୍ୟକୁ ଅନ୍ତର୍ଭୁକ୍ତ କରା ନ ଯାଇ ଜଳସମ୍ପଦ ବିଭାଗ ☞ପୃଷ୍ଠା-୪




# ପି.ଟି. ଉଷା ଆଇଓଏ ସଭାପତି



**ନୂଆଦିଲ୍ଲୀ, ୧୦।୧୨ (ପି.ଟି.)**

ଦେଶର କ୍ରୀଡ଼ା ପ୍ରଶାସନରେ ନୂଆ ଯୁଗ ଆରମ୍ଭ ହୋଇଛି। କିମ୍ବଦନ୍ତୀ ଆଥଲେଟ୍ ପି. ଟି. ଉଷାଙ୍କୁ ଶନିବାର ବିଧିବଦ୍ଧ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ଆଇଓଏ ସଭାପତି ପଦ ଅଳଙ୍କୃତ କରିବାରେ ସେ ପ୍ରଥମ ମହିଳା। ୫୮ବର୍ଷୀୟା ଉଷା ଏକାଧିକ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟିନୀ। ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ୪୦୦ମିଟର ହର୍ଡଲ୍ସ ଫାଇନାଲରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଜଜ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜି୨୦: କେବଳ ଆଲୋଚନା**

# ୪ ବର୍ଷ ୟୁଜି ପାଠ୍ୟକ୍ରମ ପରେ ଅନର୍ସ ଡିଗ୍ରୀ

**ୟୁଜିସିର ନୂଆ ଚିଠା ପ୍ରସ୍ତାବ, ଖୁବ୍‌ଶୀଘ୍ର ବିଜ୍ଞପ୍ତି**

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)**

ଏଣିକି ସ୍ନାତକରେ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ପଢ଼ିବାକୁ ପଡ଼ିବ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ନୂଆ ଚିଠା ନିୟମାବଳୀ ଅନୁଯାୟୀ, ୩ ବର୍ଷ ପରିବର୍ତ୍ତେ ୪ ବର୍ଷ ଅଣ୍ଡରଗ୍ରାଜୁଏଶନ (ୟୁଜି) ପାଠ୍ୟକ୍ରମ ଶେଷ କରିବା ପରେ ଛାତ୍ରୀଛାତ୍ର ଅନର୍ସ ଡିଗ୍ରୀ ସାର୍ଟିଫିକେଟ ପାଇବାକୁ ସକ୍ଷମ ହେବେ। ଜାତୀୟ ଶିକ୍ଷାନୀତି ଅନୁସାରେ ରାଜ୍ୟରେ ଶିକ୍ଷାର ସଂସ୍କାର ପାଇଁ ବିଭିନ୍ନ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଉଛି। ଏହି ଆଧାରରେ ୪ ବର୍ଷିଆ ଅଣ୍ଡରଗ୍ରାଜୁଏଟ୍ ଚିଠା ପାଠ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଆସନ୍ତା ସୋମବାର ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇପାରେ। ସେଥିରେ ୪ ବର୍ଷର ସ୍ନାତକ ପାଇଁ ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀ ରହିବ। ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍ ପାଇବା ପାଇଁ ପୂର୍ବପରି ତିନିବର୍ଷ ପଢ଼ିବାକୁ ପଡ଼ିବ। ତେବେ ସ୍ନାତକ ଅନର୍ସ ଡିଗ୍ରୀ ପାଇଁ ୪ବର୍ଷ ରଖାଯାଇଛି। ସେହିଭଳି ଯେଉଁ ଛାତ୍ରୀଛାତ୍ର ପ୍ରାରମ୍ଭିକ ୬ଟି ସେମିଷ୍ଟରରେ ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିବେ ଏବଂ ଗ୍ରାଜୁଏଶନ ସ୍ତରରେ ରିସର୍ଚ୍ଚ କରିବାକୁ ଚାହିଁବେ, ସେମାନଙ୍କୁ ଚତୁର୍ଥ ବର୍ଷରେ ☞ପୃଷ୍ଠା-୪

# ହିମାଚଳରେ ସୁଖବିନ୍ଦର ସରକାର

- ■ ଉପମୁଖ୍ୟମନ୍ତ୍ରୀ ହେବେ ମୁକେଶ ଅଗ୍ନିହୋତ୍ରୀ
- ■ ଆଜି ଶପଥ ଗ୍ରହଣ, ପ୍ରତିଭା ସିଂ ନିରାଶ

**ଶିମ୍‌ଲା/ନୂଆଦିଲ୍ଲୀ, ୧୦।୧୨**

ହିମାଚଳ ପ୍ରଦେଶ ନିର୍ବାଚନ ବେଳେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଦଳ ପାଇଁ ସଫଳତା ଆଣିଦେଇଥିବା ସୁଖବିନ୍ଦର ସିଂ ସୁଖୁ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ହେବେ। ସେହିପରି ବିଦାୟୀ ବିଧାନସଭାର ବିରୋଧୀ ଦଳ ନେତା ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଶନିବାର କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉଭୟେ ରବିବାର ଶପଥ ନେବେ। ଫଳରେ ରାଜ୍ୟରେ ସରକାର ଚଳାଇବା ପାଇଁ ଅଣ୍ଟା ଭିଡ଼ିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦିବଂଗତ ନେତା ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂଙ୍କ ଆଶା ମଉଳିଯାଇଛି। ନଭେମ୍ବର ୧୨ରେ ହିମାଚଳ ପ୍ରଦେଶ ବିଧାନସଭାର ୬୮ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହାର ଫଳାଫଳ ଗୁରୁବାର ଘୋଷଣା କରାଯାଇଥିଲା। କଂଗ୍ରେସ ୪୦ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିବାବେଳେ ଭାଜପାକୁ ୨୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାଜପାର ପରାଜୟ ପରେ ☞ପୃଷ୍ଠା-୪



ସୁଖବିନ୍ଦର ସିଂ ସୁଖୁ

# ସାମୁଦ୍ରିକ ଜୀବଙ୍କୁ ମଣିଷ ବିପଦ

**୧୫୦,୩୮୮ ପ୍ରଜାତିକୁ ରେଡ୍ ଲିଷ୍ଟ ଭୁକ୍ତ କଲା ଆଇୟୁସିଏନ୍**

**ମଣ୍ଟ୍ରିଲ, ୧୦।୧୨**

ସମୁଦ୍ରରେ ରହୁଥିବା ଜୀବଙ୍କ ପାଇଁ ଏବେ ଘାତକ ସାଜିଛି ମଣିଷ। ମନୁଷ୍ୟକୃତ ଅନେକ କାରଣ ସାମୁଦ୍ରିକ ପ୍ରାଣୀଙ୍କ ଜୀବନକୁ ପ୍ରଭାବିତ କରିଛି। ବେଆଇନ ମାଛଧରିବା, ଜାହାଜ ଚଳାଚଳ, ପ୍ରଦୂଷଣ, ଅଜଣା ରୋଗ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରରେ ବାସ କରୁଥିବା ଲକ୍ଷାଧିକ ପ୍ରଜାତି ଏବେ ବିପଦ ଆଡ଼କୁ ମୁହାଁଇଛନ୍ତି। ଆଗାମୀ ଦିନରେ ସେମାନେ ବିଲୁପ୍ତ ହେବାକୁ ବସିଥିବାବେଳେ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ୍ ଅଫ୍ ନେଚର୍ (ଆଇୟୁସିଏନ୍) ୧,୫୦, ୩୮୮ ସ୍ପେସିସ୍‌ଙ୍କୁ ରେଡ୍ ଲିଷ୍ଟ ଅନ୍ତର୍ଭୁକ୍ତ କରିଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ କେବଳ ଯେ ମନୁଷ୍ୟ ଜୀବନଯାପନକୁ ପ୍ରଭାବିତ କରିଛି ତା' ନୁହେଁ ଏହାଦ୍ୱାରା ଜୀବଜଗତରେ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀଙ୍କ ଜୀବନ ବିପଦ ଆଡ଼କୁ ଠେଲି ହୋଇଯାଇଛି । ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ମନୁଷ୍ୟକୃତ କାରଣ ପାଇଁ ସାମୁଦ୍ରିକ ପ୍ରାଣୀ ଓ ଉଦ୍ଭିଦ କ୍ଷୟ ହେବାକୁ ବସିଛନ୍ତି। ଲକ୍ଷାଧିକ ସାମୁଦ୍ରିକ ଜୀବଙ୍କୁ ରେଡ୍ ତାଲିକା ଭୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୨,୧୦୮ ପ୍ରଜାତିର ପ୍ରାଣୀଙ୍କ ଜୀବନ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ସେମାନେ ଖୁବ୍‌ଶୀଘ୍ର ବିଲୁପ୍ତ ହେବାର ଆଶଙ୍କା ରହିଛି। ସେହିପରି ସମୁଦ୍ରରେ ରହୁଥିବା ମୋଟ ୧୭,୯୦୩ ସାମୁଦ୍ରିକ ଜୀବ ଏବଂ ଉଦ୍ଭିଦଙ୍କ ଭିତରୁ ୧,୫୫୦ରୁ ଅଧିକ ପ୍ରାଣୀ ମରଣ ମୁହଁରେ ପଡ଼ିଛନ୍ତି। ଏଥିଲାଗି ଜଳବାୟୁ ପରିବର୍ତ୍ତନ ୪୧% ଦାୟୀ ବୋଲି ଆଇୟୁସିଏନ୍ ପକ୍ଷରୁ କୁହାଯାଇଛି। ସୁଇଜରଲାଣ୍ଡର ଗ୍ଲାଣ୍ଡରେ ମୁଖ୍ୟାଳୟ ଥିବା ଆଇୟୁସିଏନ୍ ☞ପୃଷ୍ଠା-୪






## ଏୟାର ଇଣ୍ଡିଆ ବିମାନରେ ସାପ

ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଶନିବାର ଦୁବାଇ ବିମାନବନ୍ଦରରେ ଅବତରଣ କରିବା ପରେ ସେଥିରେ ଥିବା ମାଲ୍ ମଧ୍ୟରୁ ଏକ ସାପ ମିଳିଛି। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଅବତରଣ କରିଦିଆଯାଇଥିଲା। ସଙ୍ଗେ ସଙ୍ଗେ ଏୟାରପୋର୍ଟର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସାପ ବିମାନ ଭିତରକୁ କିପରି ଆସିଲା, ଡିଜିସିଏ ଏହାର ତଦନ୍ତ କରୁଥିବା ଜଣେ ଅଧିକାରୀ କହିଛନ୍ତି। କେରଳର କାଲିକଟ୍ ବିମାନବନ୍ଦରରୁ ବି୭୩୭-୮୦୦ ବିମାନଟି ଦୁବାଇ ଯାଇଥିଲା। ତେବେ ଏଥିରେ କେତେଜଣ ଯାତ୍ରୀ ଥିଲେ ତାହା ସ୍ପଷ୍ଟ ହୋଇ ନାହିଁ।

## ସଂକ୍ଷେପରେ

### ସାରା ବିଶ୍ୱରେ ଜିମେଲ୍ ଅଚଳ



**ନୂଆଦିଲ୍ଲୀ,୧୦।୧୨:** ଜିମେଲ୍ ବା ଗୁଗଲ ମେଲ୍ ସେବା ଶନିବାର ସାରା ବିଶ୍ୱରେ ଦୀର୍ଘସମୟ ପାଇଁ ଅଚଳ ହୋଇପଡ଼ିଥିଲା। ଫଳରେ କୋଟିକୋଟି ଜିମେଲ୍ ୟୁଜର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଜିମେଲ୍ ଆଉଟେଜ୍ ଷ୍ଟାଟସ୍‌ରେ ଏକ ସ୍ପାର୍କ ସ୍ପାଇକ୍ ଆସୁଥିବା ଡାଉନ ଡିଟେକ୍ଟର ଡଟ୍ କମ୍ ପକ୍ଷରୁ କୁହାଯାଇଛି। ଇମେଲ୍ ଯାଇପାରୁ ନ ଥିବା ଏବଂ ଜିମେଲ୍ ଆପ୍ କାମ କରୁ ନ ଥିବା ଭାରତୀୟ ୟୁଜରମାନେ ଅଭିଯୋଗ କରିଛନ୍ତି। ସେମାନେ ସୋସିଆଲ ମିଡିଆ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ବୋର୍‌ୱେଲ୍‌ରେ ଖସିଥିବା ବାଳକଙ୍କ ମୃତ୍ୟୁ

**ଭୋପାଳ,୧୦।୧୨:** ମଧ୍ୟପ୍ରଦେଶର ବେଟୁଲ ଜିଲାରେ ଗଭୀର ବୋର୍‌ୱେଲ୍ ମଧ୍ୟକୁ ଖସିପଡ଼ିଥିବା ବାଳକ ତନ୍ମୟ ସାହୁଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ତନ୍ମୟ ୪୦୦ ଫୁଟ୍ ଗଭୀର ବୋର୍‌ୱେଲ୍‌କୁ ଖସିପଡ଼ି ୫୫ ଫୁଟ୍‌ରେ ଅଟକି ରହିଥିଲେ। ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ବୁଧବାର ପିଲାଠାରୁ କୌଣସି ଜବାବ ମିଳି ନ ଥିଲା। ଜିଲା ପ୍ରଶାସନ ସହ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ୮୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସେମାନେ ପାର୍ଶ୍ୱରେ ଏକ ଗର୍ତ୍ତ ଖୋଳି ତନ୍ମୟ ପାଖରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ନିର୍ବନ୍ଧ ଦିନ ଯୁବତୀଙ୍କୁ ଘରୁ ଉଠାଇନେଲେ

**ହାଇଦ୍ରାବାଦ,୧୦।୧୨:** ତେଲଙ୍ଗାନାର ଜଣେ ଯୁବତୀଙ୍କୁ ନିର୍ବନ୍ଧ ଦିନ ତାଙ୍କ ଘରୁ ଅପହରଣ କରିନିଆଯାଇଛି। ଶୁକ୍ରବାର ପ୍ରାୟ ୪୦ ଜଣ ଲୋକ ୪ଟି କାର ଓ ଏକ ଟ୍ରକ୍‌ରେ ଆସି ଜବରଦସ୍ତ ଏମ୍. ବୈଶାଳୀ ରେଡ୍ଡୀଙ୍କ ଆଦିବାଟ୍ଲାସ୍ଥିତ ଘରେ ପ୍ରବେଶ କରି ଭଙ୍ଗାରୁଜା କରିବା ସହ ତାଙ୍କୁ ଉଠାଇ ନେଇଥିଲେ। ସେମାନେ ଯୁବତୀଙ୍କ ପରିବାର ଲୋକଙ୍କୁ ମଧ୍ୟ ମାଡ଼ ମାରିଥିଲେ। ପୋଲିସର ଦୀର୍ଘ ଉଦ୍ୟମ ପରେ ଯୁବତୀଙ୍କୁ ନିରାପଦରେ ସହ ଉଦ୍ଧାର କରାଯାଇଥିବାବେଳେ ୩୧ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ବିରୋଧରେ ଅପହରଣ ଏବଂ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଅପହରଣ ପାଇଁ ପରିବାର ଲୋକେ ମଦ ବ୍ୟବସାୟୀ କେ. ନବୀନ ରେଡ୍ଡୀଙ୍କୁ ଦାୟୀ କରିଛନ୍ତି। ସେ ଅନେକ ସମୟରେ ଯୁବତୀଙ୍କୁ ହଇରାଣ କରୁଥିଲେ ବୋଲି ଅଭିଯୋଗ ହୋଇଛି।

### ଛାଡ଼ପତ୍ର ଆବେଦନ ପାଇଁ ବର୍ଷେ ଅଲଗା ରହିବା ଅସାମ୍ବିଧାନିକ ସର୍ତ୍ତ



**ନୂଆଦିଲ୍ଲୀ,୧୦।୧୨(ପି.ଟି.):** ବିବାହ ବିଚ୍ଛେଦ ଆଇନରେ ଆପୋସ ବୁଝାମଣାରେ ଛାଡ଼ପତ୍ର ଆବେଦନ କରିବା ଲାଗି ବର୍ଷେ କିମ୍ବା ତଦୁର୍ଦ୍ଧ୍ୱ ସମୟ ସ୍ୱାମୀ ସ୍ତ୍ରୀ ଅଲଗା ରହିବା ଅସାମ୍ବିଧାନିକ ସର୍ତ୍ତ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଏହି ସର୍ତ୍ତ ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବା ଜଷ୍ଟିସ୍ ଏ. ମହମ୍ମଦ ମୁସ୍ତାକ ଏବଂ ଶୋବା ଆନାମ୍ମା ଏଆପେନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ବୈବାହିକ ବିବାଦରେ ସ୍ୱାମୀ ସ୍ତ୍ରୀଙ୍କ ଭଲ ପାଇଁ ଦେଶରେ ସମାନ ବିବାହ ଅଧିନିୟମ କାର୍ଯ୍ୟକାରୀ କରିବା ଦିଗରେ କେନ୍ଦ୍ର ସରକାର ଗୁରୁତର ସହ ବିଚାର କରିବା ଆବଶ୍ୟକ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଧର୍ମ ଆଧାରରେ ପକ୍ଷଙ୍କୁ ପରସ୍ପରଠାରୁ ଅଲଗା ରହିବା ସର୍ତ୍ତ ରଖାଯାଇଛି। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ନାଗରିକମାନଙ୍କ ସାଧାରଣ କଲ୍ୟାଣକୁ ଆଇନଗତ ପ୍ରାଥମିକତା ମିଳିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଛାଡ଼ପତ୍ର ଆଇନ, ୧୮୬୯ର ଧାରା ୧୦ଏ ଅନୁଯାୟୀ ସର୍ବନିମ୍ନ ୧ ବର୍ଷ ଅଲଗା ରହିବାକୁ ଏକ ଖ୍ରୀଷ୍ଟିଆନ ଦମ୍ପତିଙ୍କୁ କୁହାଯାଇଥିବାବେଳେ ଏହାକୁ ସେମାନେ କେରଳ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ୨୯୦ ଦିନରେ ଆକ୍ରମଣ

# ମିଶାଇଲ ମାଡ଼ରେ ବାଖମୁଟ୍ ଧ୍ୱଂସ

## ରୁଷିଆ ଓ ପାଶ୍ଚାତ୍ୟ ମଧ୍ୟରେ ହୋଇପାରେ ଭୟଙ୍କର ଯୁଦ୍ଧ: ନାଟୋ

କିଭ୍/ମସ୍କୋ,୧୦।୧୨

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଶନିବାର ୨୯୦ ଦିନ ପୂରିଛି। ଏହି ଅବସରରେ ରୁଷୀୟ ସୈନ୍ୟମାନେ ୟୁକ୍ରେନୀୟ ସହର ବାଖମୁଟ୍ ଉପରେ ତୁହାକୁ ତୁହା ମିଶାଇଲ ମାଡ଼ କରିଛନ୍ତି। ଆକ୍ରମଣରେ ବାଖମୁଟ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଇତିମଧ୍ୟରେ ମସ୍କୋକୁ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ ଯୁଦ୍ଧ ଧମକ ଦିଆଯାଇଛି।

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ସାଢ଼େ ୯ ମାସର ପ୍ରତିରୋଧ ସତ୍ତ୍ୱେ ମସ୍କୋ ତାଙ୍କ ଦେଶକୁ ଦଖଲ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରୁଷୀୟ ସୈନ୍ୟ ବାଖମୁଟ୍ ସହର ଉପରେ ଆକାଶମାର୍ଗରୁ ମିଶାଇଲ ଓ ରକେଟ ଷ୍ଟ୍ରାଇକ୍ କରୁଛନ୍ତି। ଆକ୍ରମଣରେ ଏହି ସହର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସୈନ୍ୟ ପୂର୍ବରୁ କେବଳ ୪ ପ୍ରଦେଶକୁ ଟାର୍ଗେଟ କରୁଥିଲେ। ସେପ୍ଟେମ୍ବର ଶେଷଭାଗରେ ସେମାନେ ବେଆଇନ ଭାବେ ଦଖଲ କରିନେଲେ। ୟୁକ୍ରେନ୍ ଏହା ବିରୋଧରେ ଲଢ଼େଇ ଜୋର୍‌ଦାର କରି ସମ୍ପୃକ୍ତ ଅଞ୍ଚଳକୁ ଛଡ଼ାଇ ଆଣିବା ପାଇଁ ଉଦ୍ୟମ କରୁଥିବାବେଳେ ପୁଟିନ୍‌ଙ୍କ ସୈନ୍ୟ ଏବେ ଦେଶର ଅନ୍ୟ ଭାଗଗୁଡ଼ିକ ଉପରେ ନଜର ପକାଇଛନ୍ତି। ଜେଲେନ୍‌ସ୍କି ଆହୁରି କହିଛନ୍ତି, ପୂର୍ବାଞ୍ଚଳର ଡୋନେସ୍କ, ଲୁହାନ୍‌ସ୍କ ପ୍ରଦେଶ ସୀମାନ୍ତରେ ସ୍ଥିତି ଅତି ଖରାପ ହୋଇଯାଇଛି। ୨୦୧୪ରେ ରୁଷୀୟ ସୈନ୍ୟମାନେ ୟୁକ୍ରେନ୍‌ର କ୍ରିମିଆକୁ ବେଆଇନ ଭାବେ ଦଖଲ କରିନେଇଥିଲେ। କିନ୍ତୁ ଡୋନ୍‌ବାସର ବଖମୁଟ୍, ସୋଲେଡାର, ମାରିଙ୍କା ଓ କ୍ରେମିନ୍ନାରେ ପୂର୍ବରୁ ପହଞ୍ଚିପାରି ନ ଥିବା ପ୍ରତିପକ୍ଷ ଏବେ ସେଠାରେ ତୁହାକୁ ତୁହା ଆକ୍ରମଣ ଜାରି ରଖିଛନ୍ତି। ବାଖମୁଟ୍ ବର୍ତ୍ତମାନ ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଲୋକେ ବାସହରା ହୋଇ ରାସ୍ତାରେ ଶୀତକାକରରେ ଜୀବନ ବିତାଉଛନ୍ତି। ଡୋନ୍‌ବାସ ଗଭର୍ନର ପାଭ୍‌ଲୋ କିରିଲେଙ୍କୋ କହିଛନ୍ତି, ମସ୍କୋର ଆକ୍ରମଣ ପରଠାରୁ ପ୍ରଦେଶରୁ ଲକ୍ଷାଧିକ ଲୋକ ପଳାୟନ କରିସାରିଲେଣି। ଶୁକ୍ରବାର ଓ ଶନିବାର ମଧ୍ୟରେ ୨୦ ଏୟାରଷ୍ଟ୍ରାଇକ୍ ଏବଂ ୬୦ ରକେଟ ମାଡ଼ ହୋଇଥିବା ୟୁକ୍ରେନ ସେନା ପକ୍ଷରୁ କୁହାଯାଇଛି। ଏସବୁ ଭିତରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ରୁଷୀୟ ନୋବେଲ ପୁରସ୍କାର ବିଜେତା ତଥା ହ୍ୟୁମାନ୍ ରାଇଟ୍ସ ଅର୍ଗାନାଇଜେଶନ୍ ମେମୋରିଆଲ ଅଧ୍ୟକ୍ଷ ୟାନ୍ ରାଚିନ୍‌ସ୍କି ପୁଟିନ୍‌ଙ୍କ ତଥାକଥିତ ମିଲିଟାରି ଅପରେଶନକୁ ପୂର୍ବର ସୋଭିଏଟ୍ ୟୁନିୟନ୍ ଅନୁସୃତ ଏକ ଅମାନବୀୟ ଯୁଦ୍ଧର ଆଖ୍ୟାଦେଇ କଡ଼ା ନିନ୍ଦା କରିଛନ୍ତି। ୟାନ୍ କହିଛନ୍ତି, ପୁଟିନ୍ ଓ ତାଙ୍କ ବିଚାରଧାରାର ଚାକରମାନେ ନିଜ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଫାସିବାଦ ବିରୋଧୀ ସଂଗ୍ରାମକୁ ହାଇଜାକ୍ କରିନେଇଛନ୍ତି। ସେହିପରି ରୁଷିଆ ଦଖଲରେ ଥିବା ନ୍ୟୁକ୍ଲିୟର ପ୍ଲାଣ୍ଟ ଉପରେ ଆକ୍ରମଣ ପରେ ଆଣବିକ ସଙ୍କଟ ଆଶଙ୍କା ଉପୁଜିଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଅଧ୍ୟକ୍ଷ ରାଫାଏଲ ଗ୍ରୋସି ମଧ୍ୟ ପୁଟିନ୍‌ଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ନାଟୋ ମହାସଚିବ ଜେନ୍ସ ଷ୍ଟୋଲ୍‌ଟେନବର୍ଗ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଥମୁ ନାହିଁ। ଏହାର ପରିଣାମ ରୁଷିଆ ଓ ପାଶ୍ଚାତ୍ୟର ସାମରିକ ମେଣ୍ଟ ମଧ୍ୟରେ ଏକ ଭୟଙ୍କର ଯୁଦ୍ଧକୁ ଜନ୍ମ ଦେଇପାରେ। ଏପରି ହେଲେ ଅନେକ ୟୁରୋପୀୟ ରାଷ୍ଟ୍ର ଏଥିରେ ସାମିଲ ହେବେ। କିନ୍ତୁ ଏଭଳି ସଂଘର୍ଷକୁ ଏଡ଼ାଇବା ପାଇଁ ଆମେ ଉଦ୍ୟମ କରୁଛୁ। ଆମେରିକା ମଧ୍ୟ ୟୁକ୍ରେନ୍‌କୁ ଅତିରିକ୍ତ ୨୭୫ ନିୟୁତ ଡଲାରର ସାମରିକ ସହାୟତା ଯୋଗାଇଦେଇଛି।



ଆକାଶମାର୍ଗରୁ ଧ୍ୱସ୍ତବିଧ୍ୱସ୍ତ ବାଖମୁଟ୍ ସହରର ଦୃଶ୍ୟ।

## ଶିଶୁ ଯୌନ ନିର୍ଯାତନାକୁ ଗୋପନ ରଖା ନ ଯାଉ: ସିଜେଆଇ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ନୀରବ ସଂସ୍କୃତି ଯୋଗୁ ଶିଶୁ ଯୌନ ନିର୍ଯାତନା ଏକ ଗୋପନ ସମସ୍ୟା ଭାବେ ରହିଯାଇଛି। ଏଭଳି ନିର୍ଯାତନା ସମ୍ପର୍କରେ ରିପୋର୍ଟ କରିବା ଲାଗି ପରିବାରଗୁଡ଼ିକୁ ସରକାର ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା (ପୋକ୍ସୋ) ଆଇନ ଉପରେ ଦୁଇଦିନିଆ ଜାତୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ଫୌଜଦାରି ବିଚାର ବ୍ୟବସ୍ଥାର କାର୍ଯ୍ୟକାରିତାରେ ବେଳେବେଳେ ପୀଡ଼ିତାଙ୍କ ଆଘାତକୁ ଯୋଡ଼ାଯିବା ଦୁର୍ଭାଗ୍ୟଜନକ ତଥ୍ୟ। ଏହାକୁ ରୋକିବା ଲାଗି ସରକାର ନ୍ୟାୟପାଳିକା ସହ ହାତ ମିଳାଇବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି। ଶିଶୁ ଯୌନ ନିର୍ଯାତନା ରୋକିବା ଦିଗରେ ରହିଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଅଶ୍ଳୀଳ ଉଦ୍ୟମ ବା ଉତ୍ପୀଡ଼ନକୁ ଯେପରି ପିଲାମାନେ ଜାଣିପାରିବେ ଓ ଅଭିଭାବକଙ୍କୁ ଜଣାଇବେ, ଏଥିପାଇଁ ଠିକ୍ ସ୍ପର୍ଶ ଓ ଭୁଲ୍ ସ୍ପର୍ଶ ଶବ୍ଦ ବ୍ୟବହାର କରାଯାଉଥିବାବେଳେ ଶିଶୁ ଅଧିକାର କର୍ମୀମାନେ ତାହା ପରିବର୍ତ୍ତେ ସୁରକ୍ଷିତ ଓ ଅସୁରକ୍ଷିତ ଶବ୍ଦ ବ୍ୟବହାର କରିବାକୁ ମାତାପିତାଙ୍କୁ ଆହ୍ୱାନ ଦେଇଛନ୍ତି। ସର୍ବୋପରି ଶିଶୁମାନଙ୍କ ସ୍ୱାର୍ଥଠାରୁ ପରିବାରର ତଥାକଥିତ ମର୍ଯ୍ୟାଦାକୁ ପ୍ରାଥମିକତା ଯେପରି ଦିଆ ନ ଯାଏ, ତାହା ସୁନିଶ୍ଚିତ କରିବା ଜରୁରୀ ଆବଶ୍ୟକତା ବୋଲି ସିଜେଆଇ କହିଛନ୍ତି।

# ତାମିଲନାଡୁରେ ମାଣ୍ଡୋସ ତାଣ୍ଡବ: ୪ ମୃତ



ମାଣ୍ଡୋସ ପ୍ରଭାବରେ ଚେନ୍ନାଇ କିଲପକରେ ଉପୁଡି ପଡ଼ିଥିବା ବିରାଟ ଗଛକୁ ସ୍ଥାନୀୟ ପ୍ରଶାସନ ରାସ୍ତାରୁ ହଟାଉଛି।

ଚେନ୍ନାଇ, ୧୦।୧୨

ବାତ୍ୟା ମାଣ୍ଡୋସ ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ବାତ୍ୟାରେ ମୋଟ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଲୋକଙ୍କ ଲକ୍ଷାଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଛି। ୪୦୦ରୁ ଉର୍ଦ୍ଧ୍ୱ ଗଛ ଉପୁଡ଼ି ଯାଇଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ କହିଛନ୍ତି। ମାଣ୍ଡୋସ ତାମିଲନାଡୁ ଉତ୍ତରାଞ୍ଚଳ ତଟରେ ପହଞ୍ଚିବା ବେଳକୁ ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେଇଥିବା ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତାମିଲନାଡୁର କାତମେଦୁ ଅଞ୍ଚଳ ମାଣ୍ଡୋସ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଏହା ଉପରେ ଦୃଷ୍ଟି ରଖିଛନ୍ତି। ବାତ୍ୟାର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କ ଆବଶ୍ୟକୀୟ ସୁବିଧା, ସହଯୋଗ ପ୍ରଦାନ କରାଯିବ ବୋଲି ଷ୍ଟାଲିନ କହିଛନ୍ତି। ଇଲେକ୍ଟ୍ରିକ୍ ପୋଲ୍ ଉପରେ ବହୁ ଗଛ ପଡ଼ିବା କାରଣରୁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି।

ବେଙ୍ଗାଲୁରୁରେ ମଧ୍ୟ ମାଣ୍ଡୋସର ପ୍ରଭାବ ଦେଖିବାକୁ ମିଳିଛି। ସହରର ତାପମାତ୍ରା ସର୍ବନିମ୍ନ ୧୬.୮ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଥିବାବେଳେ ୪.୩ ମି.ମି. ବର୍ଷା ରେକର୍ଡ ହୋଇଛି। ଏହା ଯୋଗୁ କର୍ଣ୍ଣାଟକରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ କର୍ଣ୍ଣାଟକର କୋଲାର, ହାସାନ ଏବଂ ଶିବମୋଗାରେ ଡିସେମ୍ବର ୧୩ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ସମ୍ପତ୍ତି ପାଇଁ ଅଭିନେତ୍ରୀ ବୀଣାଙ୍କୁ ହତ୍ୟାକଲେ ପୁଅ

ମୁମ୍ବାଇ, ୧୦।୧୨

ହିନ୍ଦୀ ମନୋରଞ୍ଜନ ଜଗତର ଜଣାଶୁଣା ଅଭିନେତ୍ରୀ ବୀଣା କପୁରଙ୍କ ମୃତ୍ୟୁ ଘଟିଛି। ସମ୍ପତ୍ତି ପାଇଁ ତାଙ୍କ ପୁଅ ସଚିନ କପୁର ଗତ ୬ ତାରିଖରେ ବୀଣାଙ୍କୁ ହତ୍ୟା କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିନେଇଛି। ଅଘଟଣ ନେଇ ଆମେରିକାରେ ରହୁଥିବା ବୀଣାଙ୍କ ପୁଅଙ୍କର ସନ୍ଦେହ ହୋଇଥିଲା। ଏହାପରେ ସେ ଜୁହୁ ଥାନାରେ ଫୋନ୍ ଯୋଗେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ଜୁହୁସ୍ଥିତ ବୀଣାଙ୍କ ଘରୁ ପୋଲିସ ଅଭିଯୁକ୍ତ ସଚିନଙ୍କୁ ଗିରଫ କରିଥିଲା। ୧୨ କୋଟି ଟଙ୍କାର ଏକ ଫ୍ଲାଟକୁ ନେଇ ମା'ପୁଅଙ୍କ ଭିତରେ କଥା କଟାକଟି ହୋଇଥିଲା। ଏଥିରେ ସଚିନ ରାଗିଯାଇ ଏକ ବେସ୍‌ବଲ୍ ବ୍ୟାଟରେ ବୀଣାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ, ଯାହାଫଳରେ ବୀଣାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସୂଚନା ମୁତାବକ ହତ୍ୟାପରେ ସଚିନ ଓ ତାଙ୍କ ଗୃହ ସହାୟକ ଲାଲୁକୁମାର ମଣ୍ଡଳ ବୀଣାଙ୍କ ମୃତଦେହକୁ ଘରଠାରୁ ୯୦ କି.ମି. ଦୂର ରାଇଗଡ ଜିଲା ମାଥେରାନ ନଦୀ ନିକଟରେ ଥିବା ଏକ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ।



ବୀଣା କପୁର

# ଜିମିଙ୍କୁ ୬ ବର୍ଷ ଜେଲ

ହଂକଂ,୧୦।୧୨

ହଂକଂର ଗଣତନ୍ତ୍ର ସପକ୍ଷବାଦୀ ମିଡିଆ ଟାଇକୁନ୍ ଜିମି ଲାଇଙ୍କୁ ଶନିବାର ଏକ ସ୍ଥାନୀୟ ଅଦାଲତ ୫ ବର୍ଷ ୯ ମାସ ଜେଲ ଦଣ୍ଡ ସହ ୨୫୭,୦୦୦ ହଂକଂ ଡଲାର ଜରିମାନା ଆଦେଶ ଦେଇଛନ୍ତି। ୭୫ ବର୍ଷୀୟ ଜିମିଙ୍କ ଦୋଷ ହେଲା ହଂକଂରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ 'ଆପଲ ଡେଲି' ଖବରକାଗଜକୁ ସେ ପାଣ୍ଠି ଯୋଗାଉଥିଲେ। ଲିଜ୍ ଉଲ୍ଲଂଘନ ସହ ଜଡ଼ିତ ଦୁଇଟି ଠକେଇ ମାମଲାରେ ହୋଇଥିବା ଏହି ଦଣ୍ଡବିଧାନ ପଛର ଅସଲ ଉଦ୍ଦେଶ୍ୟ ବିରୋଧୀଙ୍କ ମୁହଁ ବନ୍ଦ କରିବା ବୋଲି ସମାଲୋଚକମାନେ କହିଛନ୍ତି। ୨୦୧୯ରେ ଅର୍ଦ୍ଧ ସ୍ୱୟଂଶାସିତ ସହର ହଂକଂରେ ବେଜିଂ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଏଥିରେ ଡେମୋକ୍ରାସି କ୍ୟାମ୍ପେନର୍ ଜିମି ଲାଇଙ୍କ ଭୂମିକା ଚର୍ଚ୍ଚାକୁ ଆସିଥିଲା। ବିଦେଶୀ ତତ୍ତ୍ୱଙ୍କ ସହ ହାତ ମିଳାଇଥିବା ଅଭିଯୋଗରେ ଚାଇନା ପକ୍ଷରୁ ତାଙ୍କୁ କଠୋର ଜାତୀୟ ସୁରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା। କୋର୍ଟ ଜାମିନ ଅବେଦନ ଖାରଜ କରିବା ପରେ ଏହି ମିଡିଆ ଟାଇକୁନ୍ ଜେଲ୍‌ରେ ତାଙ୍କର ୭୩ତମ ଜନ୍ମଦିନ ପାଳିଥିଲେ। ଜିମିଙ୍କ ମିଡିଆ କମ୍ପାନୀ ନେକ୍ସଟ ଡିଜିଟାଲ ନିଜ ଅଫିସର କିଛି ଅଂଶକୁ ଅନ୍ୟ ଏକ କମ୍ପାନୀକୁ ଭଡ଼ାରେ ଦେଇ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ଜିମିଙ୍କୁ ଅନ୍ୟ ଏକ ମାମଲାରେ ୨୦ ମାସ ଜେଲ ଦଣ୍ଡାଦେଶ ହୋଇଛି। ଏତଦ୍‌ବ୍ୟତୀତ ତାଙ୍କ ବିରୋଧରେ ଆହୁରି କେତେକ ମାମଲା ବିଚାରାଧୀନ ରହିଛି। ହଂକଂରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲଢ଼େଇ କରୁଥିବା ବ୍ୟକ୍ତିମାନଙ୍କ ମୁହଁ ବନ୍ଦ କରିବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ନେଉଥିବା କୁହାଯାଉଛି।



### ଗଣତନ୍ତ୍ର ସପକ୍ଷବାଦୀଙ୍କ ମୁହଁ ବନ୍ଦ କରୁଛି ଚାଇନା

## ୧୩ରେ ବିଲ୍‌କିସ୍‌ଙ୍କ ଆବେଦନର ଶୁଣାଣି

**ନୂଆଦିଲ୍ଲୀ,୧୦।୧୨:** ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ ଗତ ଅଗଷ୍ଟ ୧୫ରେ ଗୁଜରାଟ ସରକାର କ୍ଷମା କରିଦେଇ ଜେଲରୁ ମୁକ୍ତ କରିଦେଇଥିଲେ। ଏହାକୁ ବିଲ୍‌କିସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆସନ୍ତା ୧୩ ତାରିଖରେ ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ଉକ୍ତ ରିଟ୍ ପିଟିଶନ୍‌ର ଶୁଣାଣି କରିବେ। ଅବଧି ପୂର୍ବରୁ ଅପରାଧୀମାନଙ୍କୁ ମୁକ୍ତ କରାଯିବା ସମ୍ପର୍କିତ ଦସ୍ତାବିଜ୍ ତାଙ୍କୁ ଦିଆଯାଇ ନ ଥିବା ବିଲ୍‌କିସ୍ ପିଟିଶନରେ ଦର୍ଶାଇଛନ୍ତି।

# ୫୬ କୋଟି ଭୋଟର ଆଧାର ଲିଙ୍କ୍ କରିଛନ୍ତି

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ଦେଶର ୯୫ କୋଟି ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ପାଖାପାଖି ୫୬ କୋଟି ସେମାନଙ୍କ ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ କରିଛନ୍ତି। ଭୋଟର ତାଲିକାରୁ ଜାଲ୍ ଭୋଟରଙ୍କୁ ହଟାଇବା ପାଇଁ ଏହାକୁ ଆଧାର ନମ୍ବର ସହ ସଂଯୋଗ କରିବା ଲାଗି ପଦକ୍ଷେପ ନିଆଯାଇଥିଲା। ସ୍ୱେଚ୍ଛାକୃତ ଭାବେ ଆଧାରକୁ ଭୋଟର ପରିଚୟ ପତ୍ର ସହ ଲିଙ୍କ୍ କରିବା ନିମନ୍ତେ ଗତବର୍ଷ ଡିସେମ୍ବରରେ ଜନପ୍ରତିନିଧି ଆଇନରେ ସଂଶୋଧନ କରାଯାଇଥିଲା। ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ନିୟମାବଳୀ ଜାରି କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ନୂଆ ଭୋଟର ଫର୍ମ ୬ବି ବ୍ୟବହାର କରିବାକୁ ଏବଂ ଅନ୍ୟମାନଙ୍କୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ସେମାନଙ୍କ ଆଧାର ନମ୍ବର ଶେୟାର କରିବାକୁ କୁହାଯାଇଥିଲା। ଏଥିପାଇଁ ୨୦୨୩ ଏପ୍ରିଲ ୧କୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।



# ବାଂଲାଦେଶରେ ସରକାର ବିରୋଧୀ ବିକ୍ଷୋଭ

## ପ୍ରଧାନମନ୍ତ୍ରୀ ହାସିନାଙ୍କ ଇସ୍ତଫା ଦାବି

ଢାକା,୧୦।୧୨(ପି.ଟି.)

ବାଂଲାଦେଶର ମୁଖ୍ୟ ବିରୋଧୀ ଦଳ ବିଏନ୍‌ପିର ଲକ୍ଷାଧିକ ସମର୍ଥକ ଶନିବାର ସରକାରବିରୋଧୀ ବିକ୍ଷୋଭ ରାଲିରେ ସାମିଲ ହୋଇଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ସମେତ ଦେଶରେ ସାନି ନିର୍ବାଚନ ଲାଗି ଦାବି କରିଛନ୍ତି। ହାସିନାଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ୭ ଜଣ ଏମ୍‌ପି ଇସ୍ତଫା ଘୋଷଣା କରିଛନ୍ତି। ହାସିନା ସରକାରଙ୍କ ଦୁର୍ନୀତି ଓ ଅତ୍ୟାଚାରରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଭୋଟ ଜାଲିଆତି କରି ଏହି ସରକାର କ୍ଷମତାକୁ ଆସିବା ପରେ ବିରୋଧୀ ଦଳ ନେତାମାନଙ୍କୁ ନିର୍ଯାତନା ଦେବା ସହ ବିନା ବିଚାରରେ ମୃତ୍ୟୁଦଣ୍ଡ ଦିଆଯାଉଥିବା ବିଏନ୍‌ପିର ଜଣେ ଏମ୍‌ପି କହିଛନ୍ତି।

ରାଲି ଆୟୋଜିତ ହୋଇଥିବା ଢାକାର ଗୋଲାପବାଗ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ହାସିନା ଭୋଟ ଚୋର ବୋଲି ଦଳୀୟ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ରାଲିରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିବା ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ରାଲି ପୂର୍ବରୁ ବିଭିନ୍ନ ଅଭିଯୋଗରେ ପୋଲିସ ବିଏନ୍‌ପି ମହାସଚିବ ମିର୍ଜା ଫକ୍‌ରୁଲ ଇସ୍‌ଲାମ ଆଲମଗିରଙ୍କ ସମେତ ଶତାଧିକ ବରିଷ୍ଠ ନେତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଶାସକ ଆୱାମୀ ଲିଗ୍‌ର କର୍ମୀମାନେ ବିଭିନ୍ନ ସ୍ଥାନରେ ସରକାର ସପକ୍ଷରେ ଶୋଭାଯାତ୍ରା କରିଥିଲେ।



**ବାଚସ୍ପତିଙ୍କୁ ସାକ୍ଷାତ କଲେ ବର୍ଷା**

ସୋମବାର ଶପଥ ନେବେ

ଭୁବନେଶ୍ୱର,(ବ୍ୟୁରୋ): ପଦ୍ମପୁର ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ନେତ୍ରୀ ବର୍ଷା ସିଂ ବରିହା ଶନିବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଭେଟିଛନ୍ତି। ଆରୁଖଙ୍କ ସରକାରୀ ବାସଭବନରେ ବର୍ଷା ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଆସନ୍ତା ସୋମବାର ପଦ୍ମପୁର ବିଧାୟିକା ଭାବେ ସେ ବିଧାନସଭାରେ ଶପଥ ନେବେ। ପଦ୍ମପୁରବାସୀଙ୍କ ସ୍ୱପ୍ନକୁ ସାକାର କରିବା ସହ ଲୋକଙ୍କ ସେବା କରିବେ। ଲୋକମାନେ କିପରି ସରକାରୀ ଯୋଜନାର ସୁବିଧା ପାଇପାରିବେ, ସେନେଇ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବେ ବୋଲି ବର୍ଷା କହିଛନ୍ତି।

# ଟଙ୍କା, ସୁନା ଲୋଭରେ ହତ୍ୟାକଲେ ନାତି

## ଗଳାକାଟି ବୃଦ୍ଧଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ




ଗିରଫ ଅଭିଯୁକ୍ତ ଓମ୍‌ପ୍ରକାଶ ମୁଦୁଲି (ବାମ)। ଜବତ ଟଙ୍କା, ସୁନା ଅଳଙ୍କାର।

**ନିଶ୍ଚିନ୍ତକୋଇଲି/ସାଲେପୁର, ୧୦।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କଟକ ଜିଲା ନେମାଳ ଥାନା ଅଧୀନ କଳମିଶ୍ରି ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମରେ ଗଳାକାଟି ବୃଦ୍ଧଙ୍କୁ ହତ୍ୟା ଘଟଣାର ଶୁକ୍ରବାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପର୍କୀୟ ନାତି ଓମ୍‌ପ୍ରକାଶ ମୁଦୁଲି(୧୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ନଗଦ ଟଙ୍କା, ସୁନା ଅଳଙ୍କାର ସମେତ ହତ୍ୟାରେ ବ୍ୟବହୃତ ଦାଆ ଓ କରୁରିକୁ ପୋଲିସ ଜବତ କରିଛି। ଏନେଇ ସାଲେପୁର ଏସ୍‌ଡିପିଓ ବିମଳ ବାରିକ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଟଙ୍କା, ସୁନା ଲୋଭରେ ପଡ଼ି ଜେଜେ ହୃଷୀକେଶ ମୁଦୁଲି (୬୯)ଙ୍କୁ ହତ୍ୟା କରିଥିବା ନେଇ ଓମ୍‌ପ୍ରକାଶ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ମୃତ ହୃଷୀକେଶଙ୍କ ଏକମାତ୍ର ପୁତ୍ର ହିମାଂଶୁ ଅନ୍ୟତ୍ର ଶିକ୍ଷାଲାଭ କରୁଥିବାରୁ ବହୁସମୟରେ ଘରେ ଅନୁପସ୍ଥିତ ରହୁଥିଲେ। ଏହାର ସୁଯୋଗ ନେଇ ନିକଟରେ ରହୁଥିବା ସମ୍ପର୍କୀୟ ନାତି ଓମ୍‌ପ୍ରକାଶ ବହୁ ସମୟରେ ହୃଷୀକେଶଙ୍କ ଘରେ ଚଳପ୍ରଚଳ ହେଉଥିଲେ। ଏପରିକି ସେଠାରେ ରାତ୍ରୀଯାପନ ମଧ କରିଆସୁଥିଲେ। ହୃଷୀକେଶଙ୍କ ପାଖରେ ଟଙ୍କା ଓ ସୁନା ଅଳଙ୍କାର ଥିବା ଦେଖିବା ପରେ ତାହାକୁ ନେବା ପାଇଁ ଓମ୍‌ପ୍ରକାଶ ଯୋଜନା ପ୍ରସ୍ତୁତ କରିଥିଲେ। ଏନେଇ ସେ ପୂର୍ବଯୋଜନା ମୁତାବକ ଗୁରୁବାର ରାତିରେ ହୃଷୀକେଶଙ୍କ ସ୍ତ୍ରୀ କନକଲତାଙ୍କ ନିକଟରେ ଶୋଇଥିଲେ। ଜେଜେ ଓ ଜେଜେ'ମା ଶୋଇପଡିବା ପରେ ଓମ୍‌ପ୍ରକାଶ ପ୍ରଥମେ ହୃଷୀକେଶଙ୍କ ରୁମ୍‌କୁ ଯାଇ ତାଙ୍କ ମୁଣ୍ଡ ଉପରେ ଥିବା ଆଲମିରା ଚାବି ଆଣିଥିଲେ। ଏହି ଚାବିରେ ସେ ଆଲ୍‌ମିରା ଖୋଲି ଟଙ୍କା ଓ ଅଳଙ୍କାର ଚୋରି କରୁଥିବା ବେଳେ ଜେଜେଙ୍କ ନିଦ ଭାଙ୍ଗିଯାଇଥିଲା। ଓମ୍‌ପ୍ରକାଶଙ୍କୁ ଚୋରି କରୁଥିବା ଦେଖି ସେ ପ୍ରତିବାଦ କରିଥିଲେ। ଏଥିଯୋଗୁ ଓମ୍‌ପ୍ରକାଶ ପାଖରେ ଲୁଚାଇ ରଖିଥିବା ମାରଣାସ୍ତ୍ରରେ ହୃଷୀକେଶଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଚିତ୍କାର ଶୁଣି କନକଲତା ଦୌଡି ଆସି ଓମ୍‌ପ୍ରକାଶଙ୍କ ହାତକୁ କାମୁଡି ଦେଇଥିଲେ। ମାତ୍ର ଓମ୍‌ପ୍ରକାଶ ତାଙ୍କୁ ମଧ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ଏଥିସହ ଘରେ ଥିବା ଆସବାବପତ୍ର ଓ କାଗଜପତ୍ରରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେ ଚୋରି କରିଥିବା ସୁନା ଅଳଙ୍କାର, ଟଙ୍କା ନେଇ ନିଜ ଘରର ଖଟତଳେ ଥିବା ଏକ ଏୟାର ବ୍ୟାଗରେ ରଖି ପୁନର୍ବାର ଜେଜେ ମା'ଙ୍କ ଘରକୁ ଫେରି ଆସିଥିଲେ। ହତ୍ୟାକାଣ୍ଡକୁ ଭିନ୍ନ ରୂପ ଦେବା ନିମନ୍ତେ ଓମ୍‌ପ୍ରକାଶ ବଡ ପାଟିରେ ଚିତ୍କାର କରି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ପାଟି ଶୁଣି ଗାଁ ଲୋକେ ଘଟଣାସ୍ଥଳକୁ ଆସିବା ପରେ ୪ ଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କ ଘରକୁ ଆସି ଏହି କାଣ୍ଡ କରିଥିବା ନେଇ ଓମ୍‌ପ୍ରକାଶ କହିଥିଲେ। ସ୍ଥାନୀୟ ଲୋକେ କନକଲତା ଓ ହୃଷୀକେଶଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ଟିମ୍ ଗଠନ କରି ଓମ୍‌ପ୍ରକାଶଙ୍କ ଉପରେ ନଜର ରଖିଥିଲା। ସେ କଟକ ରେଳ ଷ୍ଟେଶନରୁ ଅନ୍ୟ ସ୍ଥାନକୁ ଚାଲିଯିବାକୁ ଉଦ୍ୟମ କରୁଥିଲା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏହାପରେ ପୋଲିସର ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୋଇ ନ ପାରି ସେ ସତ ମାନିବା ସହ ଘରର ଖଟ ତଳେ ଏୟାର ବ୍ୟାଗରେ ଲୁଚାଇ ରଖିଥିବା ଟଙ୍କା ଓ ସୁନା ଅଳଙ୍କାର ସମ୍ପର୍କରେ କହିଥିଲେ। ମୃତ ହୃଷୀକେଶଙ୍କ ବଡ଼ ଭାଇ ନୃସିଂହ ମୁଦୁଲିଙ୍କ ଏତଲାକୁ ଭିତ୍ତି କରି ଏନେଇ ନେମାଳ ଥାନାରେ ମାମଲା (ନଂ .୨୧୯/୨୨) ରୁଜୁ ହୋଇଛି। ଅଭିଯୁକ୍ତ ଓମ୍‌ପ୍ରକାଶଙ୍କ ଜାମିନ ଆବେଦନ ନାକଚ ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ମାରଣାସ୍ତ୍ର ସହ ଟଙ୍କା ସୁନା ଜବତ

# ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ: ଶୀର୍ଷରେ ଓଡ଼ିଶା



**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)**

ୟୁନିଭର୍ସାଲ ହେଲ୍‌ଥ କଭରେଜ୍ ଡେ' ୨୦୨୨ ଅଭିଯାନରେ ଓଡ଼ିଶା ସର୍ବାଧିକ ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ(ଆଭା) ପ୍ରମାଣପତ୍ର କରି ଜାତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଶନିବାର ବାରାଣସୀରେ ଆୟୋଜିତ ୟୁନିଭର୍ସାଲ ହେଲ୍‌ଥ କଭରେଜ୍ ଡେ' ପାଳନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡା. ଡି. ବୃନ୍ଦା ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଆଭା ପ୍ରମାଣପତ୍ରରେ ଜଣେ ନାଗରିକଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ସମ୍ବନ୍ଧିତ ସମସ୍ତ ତଥ୍ୟ ରହିଥାଏ। କେନ୍ଦ୍ର ସରକାର ଓଡ଼ିଶାରୁ ୨୧.୯୦ଲକ୍ଷ ଆଭା ପ୍ରମାଣପତ୍ର ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ପୋର୍ଟାଲକୁ ବ୍ୟବହାର କରି ୪୩,୬୧,୮୯୫ଟି (୧୯୯%) ପ୍ରମାଣପତ୍ର କରି ଦେଶରେ ଶୀର୍ଷରେ ରହିପାରିଛି। ସେହିଭଳି ଦେଶରେ ଶ୍ରେଷ୍ଠ ୧୦ ଜିଲା ମଧ୍ୟରେ ଓଡ଼ିଶାର ଭଦ୍ରକ, ଯାଜପୁର, କଟକ, ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ ଏବଂ କେନ୍ଦୁଝର ରହିଛି।




# ସିରିଜ ଦୁର୍ଘଟଣାରେ ଜଣେ ମୃତ, ୮ ଗୁରୁତର

## ଜଗତପୁରରେ ମାଡ଼ିଗଲା ଟ୍ରକ୍

- ଚାଳକ ଗିରଫ, କାର୍ ଓ ବାଇକ୍ ଚୂରମାର
- ରାସ୍ତା କଡ଼ରେ ଫଳ ବିକିବା ହେଲା କାଳ




**ମଙ୍ଗୁଳି/ଜଗତ୍‌ପୁର, ୧୦।୧୨(ଡି.ଏନ୍.ଏ.)**

ଜଗତପୁର-ସାଲେପୁର ରାସ୍ତାର ନଖରାଗଡ଼ା ନିକଟରେ ଶନିବାର ସନ୍ଧ୍ୟାରେ ଏକ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ବଡ଼ମ୍ବା ନରସିଂହପୁର ଅଞ୍ଚଳର ସୁବାସ ସାହୁ। ସେ ଜଗତପୁର ଇମାମ୍‌ନଗରରେ ଘରଭଡ଼ା ନେଇ ରହିବା ସହ ଏକ ଫଳ ଦୋକାନ କରିଥିଲେ। ଗୁରୁତରଙ୍କ ମଧ୍ୟରେ ୨ଜଣ ସ୍ଥାନୀୟ ଲୋକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ୬ଜଣ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତରଙ୍କ ମଧ୍ୟରେ ୨ଜଣ ମହିଳା ଏବଂ ୬ଜଣ ପୁରୁଷ ଅଛନ୍ତି। ସମସ୍ତଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ପରେ ପ୍ରାୟ ଦୁଇଘଣ୍ଟା ଧରି ରାସ୍ତା ଜାମ୍ ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ କ୍ଷତିଗ୍ରସ୍ତ ହୋଇଥିବା ବାଇକ୍ ଓ କାର୍‌କୁ ଜବତ କରି ଥାନାକୁ ନେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରତ୍ୟକ୍ଷଦର୍ଶୀ ଅଟୋ ଚାଳକ ସତ୍ୟ ନାରାୟଣ ରାଉତଙ୍କ କହିବା ହେଲା ନଖରାଗଡ଼ା ନିକଟରେ ସନ୍ଧ୍ୟା ପ୍ରାୟ ୬ଟାରେ କେନ୍ଦ୍ରାପଡ଼ା ପଟୁ ଜଗତପୁର ଅଭିମୁଖେ ଆସୁଥିବା ଏକ ୧୨ଚକିଆ (ନଂ. ଓଆର-୧୯-୭୦୭୧) ଟ୍ରକ୍ ହଠାତ୍ ନିୟନ୍ତ୍ରଣ ହରାଇ ପିରବଜାରସ୍ଥିତ କାଳିଆ ଢାବାକୁ ଧକ୍କା ଦେଇଥିଲା। ଏହା ଦେଖି ଲୋକମାନେ ପାଟି କରି ଗୋଡ଼ାଇବାରୁ ଚାଳକ ଦ୍ରୁତଗତିରେ ଟ୍ରକ୍‌କୁ ଚଳାଇଥିଲେ। ପ୍ରାୟ ୩୦୦ମିଟର ପରେ ଏକ ସ୍କୁଟିକୁ ରକ୍ଷା କରିବାକୁ ଯାଇ ଡାହାଣ ପାର୍ଶ୍ୱରେ ଠିଆ ହୋଇଥିବା ଏକ କାର୍‌କୁ ଧକ୍କା ଦେଇଥିଲେ। ପରେ ଏକ ବାଇକ୍‌ରେ ବସିଥିବା ଯୁବକଙ୍କୁ ବାଇକ୍ ସହ ପ୍ରାୟ ୧୦ଫୁଟ ଦୂର ଘୋଷାରି ନେଇଥିଲା। ଏହା ପରେ ପୁଣି ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଫଳ ଦୋକାନ ଉପରେ ମାଡ଼ିଯାଇଥିଲା। ଫଳରେ ଫଳ ବିକାଳି ସୁବାସଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୨ଜଣ ମହିଳା ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଟ୍ରକ୍‌ଟି ଯେଉଁ କାର୍‌କୁ ଧକ୍କା ଦେଇଥିଲା ସେଥିରେ ୩ଜଣ ଲୋକ ବସିଥିବାବେଳେ ଦୁର୍ଘଟଣା ଯୋଗୁ ସେମାନେ ଚାପି ହୋଇ ଗୁରୁତର ହୋଇପଡ଼ିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଲୋକଙ୍କ କବଳ ଏବଂ ଟ୍ରକ୍‌କୁ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ପଛରେ ଆସୁଥିବା ବାଇକ ଚାଳକ ରାଜେଶ ମହାନ୍ତି କୁହନ୍ତି, ଟ୍ରକ୍‌ରେ କେହି ହେଲ୍‌ପର ନ ଥିଲେ। ସେଥିପାଇଁ ବାମ ପଟେ ଜଣେ ସ୍କୁଟି ଚାଳକଙ୍କୁ ଡ୍ରାଇଭର ଦେଖି ନ ପାରି ଓଭରଟେକ୍ କରୁଥିଲେ। ଏହି ସମୟରେ ସ୍କୁଟି ଚାଳକ ପାଟି କରିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏଭଳି ଦୁର୍ଘଟଣା ଘଟାଇଥାଇ ପାରନ୍ତି।

## ହାଇୱାକୁ ପଛପଟୁ ଧକ୍କାଦେଲା ଟାଟା ଏସିଇ | ଦୁର୍ଘଟଣାରେ ୨ ମୃତ

**ରଘୁନାଥପୁର/ବାଙ୍କୀ(ଡି.ଏନ୍.ଏ./ବି.ପ୍ର.)୧୦।୧୨**

ରଘୁନାଥପୁର ଥାନା କଟକ ପାରାଦୀପ ରାସ୍ତାର ପୂରଣଓଡ଼ପଡ଼ାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକଦ୍ୱୟ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଚର୍ଚ୍ଚିକା ସାହିର ଆକାଶ ବେହେରା ଓ ପାଟପୁର ସିଂଘନାଥପୁରର ସୁରେଶ ମଲ୍ଲିକ। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ କୁମର ମଲ୍ଲିକ। ସୁରେଶ ମାଛ ବ୍ୟବସାୟ କରନ୍ତି। ପାରାଦୀପରୁ ମାଛ ଆଣିବା ପାଇଁ ସେ ଶୁକ୍ରବାର ରାତିରେ ଓଡି୦୫-ଏଜେଡ୍-୧୫୬୭ ନଂ ବିଶିଷ୍ଟ ଟାଟାଏସିଇ ଗାଡ଼ି ବାଙ୍କୀରୁ ବାହାରିଥିଲେ। ଆକାଶ ଗାଡ଼ି ଚଳାଉଥିଲେ। ଆକାଶ ଏବଂ ସୁରେଶ ଗାଡ଼ିର ଆଗରେ ବସିଥିବାବେଳେ କୁମର ଗାଡ଼ି ଡାଲାରେ ବସିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ କଟକ ପାରାଦୀପ ରାସ୍ତାର ପୂରଣଓଡ଼ପଡ଼ା ରାସ୍ତା ପାର୍ଶ୍ୱରେ ପୂର୍ବରୁ ଏକ ବାଲିବୋଝେଇ ହାଇୱା ଟ୍ରକ୍ ଥୁଆ ହୋଇଥିଲା। ଏହି ସମୟରେ ପାରାଦୀପ ଅଭିମୁଖେ ଯାଉଥିବା ଟାଟାଏସିଇ ଗାଡ଼ିଟି ବିଳମ୍ବିତ ରାତି ପ୍ରାୟ ୩ଟାରୁ ସାଢ଼େ ୩ଟା ମଧ୍ୟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ହାଇୱାର ପଛପାର୍ଶ୍ୱରେ ପିଟି ହୋଇଯାଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଜୋର ଥିଲା ଯେ, ଗାଡ଼ିର ଆଗପାର୍ଶ୍ୱ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିବା ସହ ଡ୍ରାଇଭର ଆକାଶ ଏବଂ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିସହ ପଛ ଡାଲାରେ ବସିଥିବା କୁମର ଗୁରୁତର ହୋଇଥିଲେ। ଏହି ଘଟଣା ପରେ ହାଇୱା ଡ୍ରାଇଭର ସେଠାରୁ ହାଇୱା ନେଇ ଫେରାର ହୋଇଯାଇଥିବାରୁ ପୋଲିସ ତାକୁ ଠାବ କରିବାକୁ ସନ୍ଧାନ ଚଳାଇଛି। ଅପରପକ୍ଷରେ ଆହତ କୁମରଙ୍କୁ ଅଗ୍ନିଶମ ବାହିନୀ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏକ ମାମଲା(ନଂ. ୨୪୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ରାଜକିଶୋର ବେହେରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ୨ ମୃତଦେହ ସନ୍ଧ୍ୟାରେ ବାଙ୍କୀରେ ପହଞ୍ଚିବାପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।






**ଆଜିର ମନ୍ତବ୍ୟ**

ଗତ ଫେବୃୟାରୀରୁ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଚଳାଇଛି। ସେଥିପାଇଁ ସଂକ୍ଷିପ୍ତ ଏବଂ ଦ୍ରୁତ ଅଭିଯାନ ପରିବର୍ତ୍ତେ ଦୀର୍ଘମିଆଦୀ ଯୁଦ୍ଧ ପାଇଁ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ହେବ।
**-ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧରୀ, ବାୟୁସେନା ମୁଖ୍ୟ**

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଇଗଣ ଝଟେଇ,**
**ଏଠା କଥା ସେଠେଇଁ କହେ,**
**ନାଲବାଲୀ ଖେଣ୍ଟେଇ।**

କେତେକ ମହିଳା କଳିହା ପ୍ରକୃତିର ହୋଇଥାନ୍ତି। ଖେଣ୍ଟେଇ କରି କଥା କହି ଅଯଥା ଦ୍ୱନ୍ଦ୍ୱ ତଥା କଳହ ସୃଷ୍ଟି କରାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ୟା'ର କଥା ତା'ର ଆଗରେ ତା'ର କଥା ୟା'ର ଆଗରେ କହି ଅପ୍ରିୟତା ସୃଷ୍ଟି କରୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାହାପିଆଙ୍କର ରୀତି;**
**ବାହାରେ କାଢ଼ନ୍ତି ଢମ ବାରୋଢ଼ି,**
**ଘରେ ନ ଜାଳଇ ବତୀ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାରପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇଥାନ୍ତି। ଢମ ଗପିବାର ବା ବଡେଇ କରି କହିବାର ଇଏ ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ପ୍ରକାଶ କରିବା ଏପରି ବାହାପିଆ ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଡଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ, ସ୍ୱାମୀ ଗିରଫ

**ଝାରସୁଗୁଡ଼ା ଅଫିସ୍, ୧୦।୧୨**

ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ବଡମାଲ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ କାଲୋପତ୍ରାର ଗୋକୁଳ ଚରଣ ରାଉତ(୩୮)। ତାଙ୍କ ନିକଟରୁ ପୋଲିସ୍ ଛୁରି ଜବତ କରିଛି। ଆକ୍ରମଣରେ ଆହତ ମନିସା ରାଉତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୭୭/୨୨) ରୁଜୁକରି ତଦନ୍ତ ଚଳାଇଛି। ମନିସାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଏହି ଦମ୍ପତି କେନ୍ଦ୍ରପଡ଼ା ଜିଲା ରାଜକନିକାର ମୂଳବାସିନ୍ଦା ହୋଇଥିବାବେଳେ କିଛିବର୍ଷ ହେଲା ଝାରସୁଗୁଡ଼ାରେ କାମଧନ୍ଦା କରି ରହିଆସୁଛନ୍ତି। ଗୋକୁଳ ଏସ୍‌ଏମ୍‌ସି ପ୍ରକଳ୍ପରେ କାମ କରୁଥିବାବେଳେ ମନିସା ଏକ ହୋଟେଲରେ କାମ କରନ୍ତି। ହେଲେ କିଛିମାସ ହେଲା ଗୋକୁଳ କାମ କରିବାକୁ ଯାଉ ନ ଥିବାବେଳେ ସ୍ତ୍ରୀଙ୍କ ସହିତ ଝଗଡା କରନ୍ତି। ସ୍ତ୍ରୀ ମନିସା ବୁଝାଉଥିବାବେଳେ ସ୍ୱାମୀ ଉତ୍କ୍ଷିପ୍ତ ହୋଇ ଛୁରିରେ ଆକ୍ରମଣ କରିଥିଲେ।

# 'ସମସ୍ତେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର କରନ୍ତୁ'



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଅନ୍ୟ ଅତିଥି।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ

- ଭାସ୍କର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ, ଶଙ୍କର୍ଷଣ ମଙ୍ଗରାଜଙ୍କୁ ପ୍ରଚାରକ ସମ୍ମାନ

**ପୁରୀ ଅଫିସ, ୧୦।୧୨**

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଏକାଦଶ ବାର୍ଷିକ ଉତ୍ସବ ଓ ତ୍ରୟୋଦଶତମ ସାଧାରଣ ଅଧିବେଶନ ଶନିବାର ହୋଟେଲ ହଲିଡେ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ବିଶିଷ୍ଟ ଅତିଥି ଭାବେ ଡ. ତପନ କୁମାର ଚାନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଥିଲେ। ରାଜ୍ୟପାଳ ନିଜ ବକ୍ତବ୍ୟରେ ଗୀତାର ଅନେକ ଶ୍ଳୋକର ଉଦାହରଣ ଦେବା ସହ ମହାପ୍ରଭୁଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସମର୍ପିତ ଭାବନା ନେଇ କାମ କଲେ ସଫଳତା ମିଳିଥାଏ ବୋଲି କହିବା ସହ ମିଳିତ ଭାବେ ମହାପ୍ରଭୁଙ୍କ ମହିମାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୨' ଉନ୍ମୋଚିତ ହୋଇଥିଲା। ସେହିପରି ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଲେଖକ ଓ ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଶ୍ରୀଜଗନ୍ନାଥ ଚେତନାର ସୁପରିଚିତ ପ୍ରଚାରକ ଶଙ୍କର୍ଷଣ ମଙ୍ଗରାଜଙ୍କୁ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଶ୍ରୀଜଗନ୍ନାଥ ମନ୍ଦିର ଧର୍ମଗଡ଼, କଳାହାଣ୍ଡି ଏବଂ ଶ୍ରୀଜଗନ୍ନାଥ ମନ୍ଦିର କୋଏମ୍ବାଟୁରକୁ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଧର୍ମଗଡ଼ ତରଫରୁ ମନ୍ଦିର କାର୍ଯ୍ୟକର୍ତ୍ତା ତୁଷାର ରଞ୍ଜନ ପାଇଯୋଶୀ ଏବଂ କୋଏମ୍ବାଟୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଭାପତି ଅସିତ କୁମାର ସ୍ୱାଇଁ ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶ୍ରୀଜଗନ୍ନାଥଙ୍କ ପାଞ୍ଚଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଜ୍ୟୋତି ପ୍ରତିହାରୀ, ରତ୍ନପର୍ଣ୍ଣା ମହାରଣା, ସୂର୍ଯ୍ୟମଣି ସୁଆର, ପ୍ରଶାନ୍ତ ପଣ୍ଡା ଏବଂ ଶବି ପ୍ରଧାନ। କାର୍ଯ୍ୟକ୍ରମରେ ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଚିବ ଡ. ଅସିତ ମହାନ୍ତି ସଞ୍ଚାଳନ କରିଥିଲେ।

ବାର୍ଷିକ ଉତ୍ସବ ପୂର୍ବରୁ ତ୍ରୟୋଦଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ଆଗାମୀ ବର୍ଷ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଚଳିତ ମାସ ୨୦ରେ ଭୁବନେଶ୍ୱରରେ ହେବାକୁ ଥିବା ଶ୍ରୀଜଗନ୍ନାଥ ଚେତନା ମହାସମାରୋହ ସମ୍ବନ୍ଧରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେଥିରେ ଦୁଇଶହ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖୋର୍ଦ୍ଧା ଜିଲା ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ଓ କର୍ମକର୍ତ୍ତା ଯୋଗଦେବେ। ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାର ପାଇଁ ବିରାଟ ଆଧ୍ୟାତ୍ମିକ ସମ୍ମିଳନୀ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଥିଲା। ସନ୍ତୋଷ କୁମାର ପାତ୍ର, ରବିନାରାୟଣ ସାମନ୍ତରା, କରୁଣାକର ପ୍ରଧାନ, ହରେକୃଷ୍ଣ ପ୍ରତିହାରୀ, ସୁଦର୍ଶନ ନାୟକ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀନିବାସ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ନେଇ କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା ନେତୃତ୍ୱରେ ହରିଶଙ୍କରରୁ ପଦଯାତ୍ରାରେ ଆସି ଭୁବନେଶ୍ୱରରେ ପହଞ୍ଚିଥିବା କୋଶଳବାସୀ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ନବୀନ ନିବାସ ଯିବାବେଳେ ଶିଶୁ ଭବନ ଛକରେ ପୋଲିସ ଅଟକାଉଛି। **(ଫଟୋ- ମନୋରଞ୍ଜନ)**

# ଚୋରି ଅଭିଯୋଗରେ ଯୁବକ ଗିରଫ

**କଳିଙ୍ଗନଗର, ୧୦।୧୨(ଡି.ଏନ.ଏ.)**

ଯାଜପୁର ଟାଟା ଷ୍ଟିଲ୍ କାରଖାନାରୁ ଲୁହା ଚୋରି ଅଭିଯୋଗରେ କଳିଙ୍ଗନଗର ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଭୁବନ ଥାନା ଅଧୀନ ବରନାଳିର ଅଜିତ ସୋରେନ(୩୦)। ଅଜିତ ଟାଟା କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ତେଣୁ କାରଖାନା ପରିସରରେ ଥିବା ଲୁହାକୁ କଟର ଦ୍ୱାରା ଛୋଟଛୋଟ ଖଣ୍ଡ କରି କାଟି ବସ୍ତାରେ ଭର୍ତ୍ତି କରିଥିଲେ। ପରେ ସେ ଏହାକୁ ନେଇ ଆସୁଥିବାବେଳେ ଫାଟକରେ ସୁରକ୍ଷାକର୍ମୀଙ୍କ ହାତରେ ଧରା ପଡ଼ିଥିଲେ। ଏନେଇ ଟାଟା ଷ୍ଟିଲ୍ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୨୭୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ରାହୁ ପ୍ରଭାବରୁ ସମସ୍ୟା ବିଜଡ଼ିତ ମନ ହେତୁ ଟେନ୍‌ସନ ପିଛା ଛାଡ଼ିବ ନାହିଁ। ଟଙ୍କା ପଇସାକୁ କେନ୍ଦ୍ର କରି କିମ୍ବା ପର କଥା ଶୁଣି ଘରେ କଳହ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ଦ୍ୱିଜା ନକ୍ଷତ୍ର ସକାଶେ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ।

**ବୃଷ** - ବନ୍ଧୁଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ। କିନ୍ତୁ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ। ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ୍ ଜିନିଷ ପ୍ରାପ୍ତି ହେବ। କେତେକ ସାମାନ୍ୟ ଭୁଲରୁ ମୃଗଶିରାର କାମଗୁଡ଼ିକ ଶୃଙ୍ଖଳାରେ ନ ହୋଇ ବିଶୃଙ୍ଖଳିତ ହୋଇପାରେ।

**ମିଥୁନ** - ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଯୋଗୁ କାମ ହାସଲ ସକାଶେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇପାରିବେ। ପୁରାତନ ରୋଗର ପୀଡ଼ା କ୍ରମଶଃ ହ୍ରାସ ପାଇପାରେ। ଆନୁଷ୍ଠାନିକ କାମରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି। ଆଜି ଅପରାହ୍ନେ ବକେୟା ଟଙ୍କା ପାଇବାର ଆଶା ଉଜ୍ଜ୍ୱଳତର ହେବ।

**କର୍କଟ** - କୌଣସି କାମ କରିସାରିବା ପରେ ଭଲ-ମନ୍ଦର ବିଚାର କରି ଅସ୍ଥିର ରହିପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବାର ବହୁତ ସମ୍ଭାବନା ଅଛି।

**ସିଂହ** - ବୁଧ ଓ ଶୁକ୍ରଜନିତ କଥାବାର୍ତ୍ତାରେ ଶାଳୀନତା ଅଭାବରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ।

**କନ୍ୟା** - ଧନ ସ୍ଥାନରେ କେତୁ ଅର୍ଥହାନି ଘଟାଇ ସମସ୍ୟାରେ ପକାଇପାରନ୍ତି। କୌଣସି ବ୍ୟକ୍ତି ଫୁସୁଲା ଫୁସୁଲି କରି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଯୋଜନା କରିବେ। ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଯାହା ଆଶା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**ତୁଳା** - ମଙ୍ଗଳଙ୍କ ସୁଦୃଷ୍ଟିରୁ ଗୃହୋପଯୋଗୀ ଜମିଜମା କ୍ରୟ କରିପାରନ୍ତି। ଗତକାଲିର ଅସମ୍ପୂର୍ଣ୍ଣ ଘର କାମ ସାଙ୍ଗକୁ ଆଜିର ଅଫିସ୍ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଲକ୍ଷ୍ୟ ହାସଲ କରିବେ। ଅନ୍ୟର ଅସୁବିଧା ଦୂର ପାଇଁ ନିଜକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ବିଛା** - ଆଜି ବୁଧ ଓ ଶୁକ୍ରଙ୍କ ସୁପ୍ରଭାବରୁ ନୂତନ କର୍ମାରମ୍ଭ, ଯାନବାହନ ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଖୋଜୁଥିବା ଜିନିଷର ସନ୍ଧାନ ମିଳିଯିବ। ମାଲି ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ଧନୁ** - ଶନି ମୁଖଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ନୀରବତାକୁ ପ୍ରାଧାନ୍ୟ ଦେବେ। ଅଳସୁଆମି ତ୍ୟାଗକରି କାମରେ ତତ୍ପରତା ନ ଦେଖାଇଲେ ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନ ଆନମନା ହୋଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡ଼ିବ।

**ମକର** - ତୃତୀୟ ବୃହସ୍ପତିଙ୍କ ସ୍ଥିତିବଶରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ଏଣେ ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ ହେବ।

**କୁମ୍ଭ** - ବୃହସ୍ପତିଙ୍କ ସ୍ୱଗୃହମଣ୍ଡନ ଜନିତ ସ୍ୱାସ୍ଥ୍ୟ ସମସ୍ୟା କମି କମି ଆସିବ। କିନ୍ତୁ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ଉଦ୍ରେକ କରିବ।

**ମୀନ** - ରାହୁଙ୍କ କଳାକୌଶଳ ପ୍ରୟୋଗ କରି ଯାହା କାମ କରୁଥିଲେ ଆଜି ତାହା କାମକୁ ଆସିବ ନାହିଁ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଅନ୍ୟର କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରନ୍ତି।

ଆଜି ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ପୌଷକୃଷ୍ଣ ତୃତୀୟା ରବିବାର, ରାଶି ନକ୍ଷତ୍ର- ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୮ ଗତେ ଘ.୦୯।୦୮ ମଧ୍ୟେ, ଘ.୦୧।୦୦ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୩ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪ ବର୍ଷ ୟୁଜି ...

- **ପୂର୍ବପରି ୩ବର୍ଷରେ ମିଳିବ ସ୍ନାତକ ଡିଗ୍ରୀ ସାର୍ଟିଫିକେଟ୍**
- **ଚତୁର୍ଥ ବର୍ଷରେ ନେଇପାରିବେ ରିସର୍ଚ୍ଚ ବିଷୟ**
- **ପ୍ରଥମଥର ଲାଗୁ ହେବ କ୍ରେଡିଟ୍ ସ୍କୋର୍**
- **ଅନର୍ସ ଡିଗ୍ରୀଧାରୀଙ୍କ ପାଇଁ ପିଜି ପାଠ୍ୟକ୍ରମ ଏକବର୍ଷ ରହିବ**

ରିସର୍ଚ୍ଚ ବିଷୟ ବାଛିବା ପାଇଁ ସୁଯୋଗ ଦିଆଯିବ। ଆଉ ଏହା ପରେ ତାଙ୍କୁ ରିସର୍ଚ୍ଚ ସହିତ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ। ଯେଉଁ ଛାତ୍ରୀଛାତ୍ର ଏବେ ତିନି ବର୍ଷିଆ ସ୍ନାତକ ଡିଗ୍ରୀ ପାଇଁ ନାମ ଲେଖାଇଛନ୍ତି, ସେମାନେ ମଧ୍ୟ ଚାରି ବର୍ଷିଆ ସ୍ନାତକ ଡିଗ୍ରୀ ପଢ଼ିପାରିବେ ବୋଲି ୟୁଜିସି ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ସ୍ନାତକରେ ଏକ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ବର୍ଷକିଆ ସାର୍ଟିଫିକେଟ୍ ମିଳିବ। ଦୁଇ ବର୍ଷ ପରେ ଡିପ୍ଲୋମା ଓ ତିନି ବର୍ଷ ପରେ ସ୍ନାତକ ସାର୍ଟିଫିକେଟ୍ ଦିଆଯିବ। ତିନି ବର୍ଷିଆ ସ୍ନାତକ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇ ବର୍ଷିଆ ପିଜି ପାଠ୍ୟକ୍ରମ ରହିବ। ଅନ୍ୟପକ୍ଷରେ ୪ବର୍ଷରେ ଅନର୍ସ ଡିଗ୍ରୀ ସାରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ପିଜି ପାଠ୍ୟକ୍ରମ ଏକ ବର୍ଷ ରହିବ ବୋଲି ପ୍ରସ୍ତାବ ରହିଛି। ସୂଚନାନୁଯାୟୀ, ଏହି ପାଠ୍ୟକ୍ରମରେ କ୍ରେଡିଟ୍ ସ୍କୋର୍ ସିଷ୍ଟମ୍ ଲାଗୁ ହେବ। ଆଉ ଏହି ନିୟମ ଆଧାରରେ ୧୬୦ କ୍ରେଡିଟ୍ ସ୍କୋର୍ କରୁଥିବା ଛାତ୍ରୀଛାତ୍ରଙ୍କୁ ଅନର୍ସ ଡିଗ୍ରୀ ପ୍ରଦାନ କରାଯିବ।

### ନିର୍ମାଣ ନିଗମକୁ...

ଦ୍ୱାରା ୨୦୧୪-୧୫ରେ କାର୍ଯ୍ୟକାରୀ ହୋଇଥିବା ଡ୍ରେଜିଂ ଘନମିଟର (କ୍ୟୁବିକ୍ ମିଟର) ପ୍ରତି ୧୧୩.୬୩ ଟଙ୍କାକୁ ଡ୍ରୋଜର ଓ ଆନୁଷଙ୍ଗିକ ସାମଗ୍ରୀର ଭଡାକୁ ଆସ୍ଥାୟୀ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ଓସିସିଏଲ୍ ୨୦୧୬ ସଂଶୋଧିତ ଆକଳନରେ ଘନମିଟର ପିଛା ୧୧୩.୬୩ ବଦଳରେ ୧୨୬.୨୫ ଟଙ୍କାକୁ ବୃଦ୍ଧି କରିଥିଲା। ୨୦୧୯ ଫେବୃୟାରୀରୁ ଡିସେମ୍ବର ମଧ୍ୟରେ ଓସିସିଏଲ୍ ୧୪୮.୯୩ କୋଟି ଟଙ୍କା ମୂଲ୍ୟର ଡ୍ରେଜିଂ କାର୍ଯ୍ୟ ପ୍ରଦାନ କରିଥିଲା। ଫଳରେ ୨୦୨୧ ଜୁଲାଇ ସୁଦ୍ଧା ୫୫.୪୦ କ୍ୟୁବିକ ମିଟର କାର୍ଯ୍ୟ ଡ୍ରେଜିଂ ପାଇଁ ଠିକାଦାରଙ୍କୁ ୭.୭୨ କୋଟି ଟଙ୍କା ଅତିରିକ୍ତ ପ୍ରଦାନ କରାଯାଇଥିଲା। ସେହିପରି ଓସିସିଏଲ୍ ସୋଆଲ ଅପସାରଣ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ଡୋଜର ବ୍ୟବହାର ପରିବର୍ତ୍ତେ କମ୍ କ୍ଷମତା ବିଶିଷ୍ଟ ଡୋଜର ବ୍ୟବହାର ଯୋଗୁ ୩୮.୭୮ ଲକ୍ଷ କ୍ୟୁବିକ ମିଟର କାର୍ଯ୍ୟ ପାଇଁ ୨୮.୨୯ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। କେବଳ ସେତିକି ନୁହେଁ, ଆକଳନ ମୂଲ୍ୟରେ ବର୍ଦ୍ଧିତ ମୂଲ୍ୟ ଅନ୍ତର୍ଭୁକ୍ତ କରି ଓସିସିଏଲ୍ କର୍ତ୍ତୃପକ୍ଷ ଠିକାଦାର (ମେସର୍ସ ଡି.ଡି. ବିଲ୍‌ଡର୍ସ) ସଂସ୍ଥାକୁ ୧୩୪.୭୧ କୋଟି ଟଙ୍କା ଟେଣ୍ଡରରେ ୫.୬୩ ଲକ୍ଷ କ୍ୟୁବିକ ମିଟର ଖନନ ଓ ପରିବହନ ବାବଦରେ ୧.୬୨ କୋଟି ଟଙ୍କା ଅଯଥା ଲାଭ ପ୍ରଦାନ କରିଛନ୍ତି। ସେହିପରି ଜେଡ୍-କିସମ ସିଟ୍ ପାଇଲ ଓ ପଥର ପାଇଁ ଅଧିକ ମୂଲ୍ୟ ଯୋଗୁ ୩ଟି କାର୍ଯ୍ୟ ସକାଶେ ୧.୨୭ କୋଟି ଟଙ୍କା ଠିକାଦାରଙ୍କୁ ଅନୁଚିତ ଲାଭ ଦିଆଯାଇଛି।

ମାଟି ବିଛେଇବା କାର୍ଯ୍ୟରେ ମଧ୍ୟ ସିଏଜି ଦୁର୍ନୀତିର ଗନ୍ଧ ବାରିଛନ୍ତି। ମାଟି ବିଛାଇବା ପାଇଁ ବ୍ୟବହୃତ ଭାଇବ୍ରେଟୋରି ରୋଲର ଭଡ଼ା ବାବଦରେ ୪.୭୪ କୋଟି ଟଙ୍କା ଅତିରିକ୍ତ ଭଡ଼ା ପ୍ରଦାନ କରାଯାଇଥିଲା। ସେହିପରି ଦେଓ ଜଳସେଚନ ପ୍ରକଳ୍ପର ୨ଟି କାର୍ଯ୍ୟରେ ସିମେଣ୍ଟ କଂକ୍ରିଟ କାମରେ ଓସିସିଏଲ୍ ଠିକାଦାର ସଂସ୍ଥା ଡିଡି ବିଲ୍‌ଡର୍ସକୁ ୨.୭୨ କୋଟି ଅନିୟମିତ ଭାବେ ପ୍ରଦାନ କରିଥିବା ସିଏଜି ଉଲ୍ଲେଖ କରିଛନ୍ତି। ଦେଓ ଜଳସେଚନ ପ୍ରକଳ୍ପର ମାଟିବନ୍ଧ ନିର୍ମାଣରେ ଯୋଗାଯାଇଥିବା ପଥର ଉପରେ ଠିକାଦାରଙ୍କୁ ୫.୬୧ କୋଟି ଟଙ୍କା ଅନୁଚିତ ଲାଭ ପ୍ରଦାନ କରାଯାଇଛି। ଠିକାଦାର ସଂସ୍ଥା କାର୍ଯ୍ୟ ଅଧାରୁ ଛାଡ଼ି ଚାଲି ଯାଇଥିଲେ ମଧ୍ୟ ସେମାନଙ୍କୁ ଆଗୁଆ ଦିଆଯାଇଥିବା ୩.୬୬ କୋଟି ଆଦାୟ ହୋଇପାରି ନ ଥିବା ସିଏଜି ଦର୍ଶାଇଛନ୍ତି। କେବଳ ଠିକାଦାର ପ୍ରୀତି ନୁହେଁ, କମ୍ପାନୀ କର୍ମଚାରୀମାନେ ମଧ୍ୟ ୩.୫୩ କୋଟି ଟଙ୍କାର ସରକାରୀ ଅର୍ଥକୁ ଆଡଭାନ୍ସ ଆକାରରେ ନେଇ ଚଳୁ କରିଦେଇଛନ୍ତି। କମ୍ପାନୀରେ କାର୍ଯ୍ୟରତ ୩୩୩ ଜଣ କର୍ମଚାରୀ ଉକ୍ତ ଅର୍ଥ ଅଗ୍ରିମ ଆକାରରେ ନେଇଥିଲେ। ସେହି ଅର୍ଥ ଓସିସିଏଲ୍ ଆଦାୟ କରିପାରିନାହିଁ। ସେମାନଙ୍କ ମଧ୍ୟରେ ୩୦୦ କର୍ମଚାରୀ ଅବସର ନେଇସାରିଥିବା ବେଳେ ୧୫ ଜଣ ଚାକିରି ଛାଡ଼ି ଦେଇଛନ୍ତି। ୧୩ ଜଣ ଡେପୁଟେଶନରେ ଆସିଥିବା କର୍ମଚାରୀ ନିଜ ବିଭାଗକୁ ଫେରି ଯାଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି, ୨ ଜଣ ନିଲମ୍ବିତ ଓ ୨ ଜଣ କର୍ମଚାରୀ ନିରୁଦ୍ଦିଷ୍ଟ ହୋଇ ଯାଇଛନ୍ତି। ଫଳରେ କମ୍ପାନୀ ଉକ୍ତ ଅର୍ଥ ଆଦାୟ କରିବାରେ ବିଫଳ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ହିମାଚଳରେ ...

ଜୟରାମ ଠାକୁର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ଅଧ୍ୟକ୍ଷା ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରତିଭା, ସୁଖବିନ୍ଦର ଓ ମୁକେଶଙ୍କ ମଧ୍ୟରେ ଟଣାଓଟରା ଚାଲିଥିବାରୁ ଏହି ନିଷ୍ପତ୍ତି ବିଳମ୍ବିତ ହୋଇଛି। ଶନିବାର ଶିମ୍‌ଲାରେ କଂଗ୍ରେସ ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ସୁଖବିନ୍ଦର ସିଂ ସୁଖୁଙ୍କୁ ନେତା ବଛାଯାଇଛି। ୫୮ ବର୍ଷୀୟ ସୁଖବିନ୍ଦର ହେଉଛନ୍ତି ହମିରପୁର ଜିଲା ନାଦୌନ ନିର୍ବାଚନମଣ୍ଡଳୀର ବିଧାୟକ। ବିଧାନସଭାକୁ ୪ ଥର ନିର୍ବାଚିତ ହୋଇଥିବା ସୁଖବିନ୍ଦର କଲେଜରେ ପାଠ ପଢ଼ିବା ସମୟରେ ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ରେ ଯୋଗଦେଇଥିଲେ। ୧୯୯୮ରୁ ୨୦୦୮ ପର୍ଯ୍ୟନ୍ତ ରାଜ୍ୟ ଯୁବ କଂଗ୍ରେସ ସଭାପତି ଥିଲେ। ୨୦୧୩ରେ ଦଳ ତାଙ୍କୁ ପିସିସି ସଭାପତି ଦାୟିତ୍ୱ ଦେଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ଏବଂ ପୂର୍ବରୁ ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ବୀରଭଦ୍ର ସିଂଙ୍କ ବିରୋଧୀ ଭାବେ ପରିଚିତ ଏହି ଭେଟେରାନ୍ ନେତା ରବିବାର ହିମାଚଳ ପ୍ରଦେଶର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରାଜଭବନରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସୁଖବିନ୍ଦରଙ୍କ ସହ ମୁକେଶ ଅଗ୍ନିହୋତ୍ରୀଙ୍କୁ ଉପମୁଖ୍ୟମନ୍ତ୍ରୀ ରୂପେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

ଅନ୍ୟପକ୍ଷେ ୫ ଦଶକ ଧରି ହିମାଚଳ ରାଜନୀତିକୁ ପ୍ରଭାବିତ କରିଆସିଥିବା ବୀରଭଦ୍ରଙ୍କ ସ୍ତ୍ରୀ ପ୍ରତିଭା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ତାଙ୍କ ସମର୍ଥକମାନେ ଦାବି କରୁଥିଲେ। ବୈଠକରେ କିନ୍ତୁ ସର୍ବାଧିକ କଂଗ୍ରେସ ବିଧାୟକ ସୁଖବିନ୍ଦରଙ୍କ ସପକ୍ଷରେ ମତ ଦେଇଥିଲେ।

### ସାମୁଦ୍ରିକ ଜୀବଙ୍କୁ ...

ପକ୍ଷରୁ ପୂର୍ବରୁ ପ୍ରକାଶିତ ପ୍ରଥମ ଗ୍ଲୋବାଲ୍ ରେଡ୍ ଲିଷ୍ଟ ଅନୁସାରେ ବିଶ୍ୱରେ ଉପଲବ୍ଧ ମୋଟ ୫୪ ଶାମୁକା ପ୍ରଜାତିର ଜୀବଙ୍କ ମଧ୍ୟରୁ ୨୦ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ସାମୁଦ୍ରିକ ଗ୍ରୀଷ୍ମଲହର, ଚାଷଜମିରେ ପ୍ରୟୋଗ ସାର, କଳକାରଖାନାରୁ ନିର୍ଗତ ବର୍ଜ୍ୟ ସମୁଦ୍ର ଜଳରେ ମିଶିବା ଦ୍ୱାରା ସେଠାରେ ବସବାସ କରୁଥିବା ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏହାଫଳରେ ବହୁ ଜୀବ କୋରାଲ ଟିସୁ ଲସ୍ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଗତ ୪ ବର୍ଷ ଭିତରେ ପ୍ରାଣୀଙ୍କ କ୍ଷେତ୍ରରେ ଏହି ରୋଗ ବଢ଼ିଛି। ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଲାଗି ଉଚିତ ସମୟରେ ପଦକ୍ଷେପ ନିଆ ନ ଗଲେ ଏହାର ପରିଣାମ ସମ୍ପୂର୍ଣ୍ଣ ଜୀବଜଗତକୁ ଭୋଗିବାକୁ ପଡ଼ିବ। ଜାତିସଂଘ ପକ୍ଷରୁ ଜାରି ବାୟୋଡାଇଭର୍ସିଟି କନ୍‌ଫରେନ୍ସରେ ଏ ଦିଗରେ ଆଲୋଚନା କରାଯିବା ଜରୁରୀ। ବିଶ୍ୱର ଅନେକ ଦେଶରେ ସିଫୁଡ୍‌ର ଚାହିଦା ରହିଥିବାବେଳେ ରାଷ୍ଟ୍ରମାନେ ବହୁ ମୂଲ୍ୟ ଦେଇ ସାମୁଦ୍ରିକ ଜୀବଙ୍କୁ କିଣୁଛନ୍ତି। ଯଦି ଏହି ପ୍ରାଣୀ ବିଲୁପ୍ତ ହୋଇଯାନ୍ତି ତେବେ ଏହାର ପ୍ରଭାବ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିବ ବୋଲି ଆଇୟୁସିଏନ୍‌ର ସାଧାରଣ ନିର୍ଦ୍ଦେଶକ ବ୍ରୁନୋ ଓବେର୍ଲେ କହିଛନ୍ତି।

### ପିଟି ଉଷା ଆଇଓଏ ...

ଏଲ୍. ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ହୋଇଥିଲା। ଉଷା ଗତ ଜୁଲାଇରେ ଭାରତୀୟ ଜନତା ପାର୍ଟି ଦ୍ୱାରା ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଆଇଓଏ ସଭାପତି ପଦବୀ ପାଇଁ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ପୂର୍ବରୁ ସ୍ପଷ୍ଟ ହୋଇ ସାରିଥିଲା। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ଅଜୟ ପଟେଲ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସିନିୟର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅଲିମ୍ପିକ ପଦକ ବିଜେତା ଶୁଟର ଗଗନ ନାରଙ୍ଗ ଓ ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ରାଜଲକ୍ଷ୍ମୀ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଭାରତୀୟ ୱେଟଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ସଭାପତି ସହଦେବ ଯାଦବ ଆଇଓଏର କୋଷାଧ୍ୟକ୍ଷ ହୋଇଛନ୍ତି। ସେହିପରି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି ତଥା ପୂର୍ବତନ ଗୋଲ୍‌କିପର କଲ୍ୟାଣ ଚୌବେ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସମ୍ପାଦକ (ପୁରୁଷ) ହୋଇଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)ର ଅଳକାନନ୍ଦା ଅଶୋକ ଏକ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରି ମହିଳା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଶାଳିନୀ ଠାକୁର ଚାୱଲା ଓ ସୁମନ କୌଶିକ ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ୨ ହାତୀ ମୃତଦେହ ଜବତ

## ଛେଣ୍ଡିପଦାରେ ଦନ୍ତା, ରିପୋର୍ଟକୁ ଅପେକ୍ଷା

**ଛେଣ୍ଡିପଦା,୧୦।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ପରା ଗ୍ରାମ ବାଉରୀ ନାଳ ଉପରେ ଥିବା ଭାଲୁମୁଣ୍ଡିଆଠାରୁ ଶନିବାର ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ମୃତ ହାତୀର ବୟସ ପ୍ରାୟ ୨୫ବର୍ଷ ହେବ। ଘଟଣାରୁ ପ୍ରକାଶ, ପରା ଓ ଜରପଡା ଗ୍ରାମର କେତେଜଣ ଲୋକ ଦାନ୍ତକାଠି ଏବଂ ଶାଳପତ୍ର ତୋଳିବା ପାଇଁ ଭାଲୁମୁଣ୍ଡିଆକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀ ତୁରନ୍ତ ଜରପଡା ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମାଧବ ନାଏକ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ଣରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର ଓ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ପହଞ୍ଚିଥିଲେ ହେଁ ସନ୍ଧ୍ୟା ହୋଇଯିବାରୁ ମୃତ ହାତୀର ବ୍ୟବଚ୍ଛେଦ କରାଯାଇପାରି ନ ଥିଲା। ବିଦ୍ୟୁତ୍ ଫାଶରେ ପଡ଼ି ହାତୀର ଜୀବନ ଯାଇଥିବା ଗ୍ରାମବାସୀ ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନାଞ୍ଚଳ ଅଧିକାରୀ ମାଧବ ନାଏକ ପ୍ରକାଶ କରିଛନ୍ତି।





ଜଙ୍ଗଲ ମଧ୍ୟରେ ପଡ଼ିଥିବା ହାତୀର ମୃତଦେହ।

## କୁଲଡିହାରେ ମାଈ, କାରଣ ଅସ୍ପଷ୍ଟ

**ନୀଳଗିରି, ୧୦।୧୨(ସ୍ୱ.ପ୍ର.)**

**ବର୍ଷକ ମଧ୍ୟରେ ଗଲାଣି ୫ ଜୀବନ**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ଶନିବାର ପୁଣି ଏକ ମାଈହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ୨୦ରୁ ୨୨ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ବର୍ଷକ ମଧ୍ୟରେ ଗୋଟିଏ ପରେ ଗୋଟିଏ ୫ ହାତୀର ମୃତ୍ୟୁ ହେବା ଘଟଣା ବନ ବିଭାଗର ନିଦ ହଜାଇ ଦେଇଛି। ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ସିଆଡ଼ିମାଳ ପଞ୍ଚାୟତ କଦମଶୋଳଠାରେ କୁଲଡ଼ିହା ବନ ବିଭାଗ ଏକ ମାଈ ହାତୀର ମୃତଦେହ ଠାବ କରିଛି। ଶୁକ୍ରବାର ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶନିବାର ପୂର୍ବାହ୍ନରେ ବନ ବିଭାଗ ଖବରପାଇ ବାଲେଶ୍ୱର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆୟୁଷ ଜୈନ, ଏସିଏଫ୍ ସୋଭେନ୍ଦ ଦିଗନ୍ତ ଚାନ୍ଦ, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ପ୍ରାଣୀ ଚିକିତ୍ସକ, ସବୁଜ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଇଥିଲେ। ପ୍ରାଥମିକ ତଦନ୍ତରୁ ବୟସାଧିକରୁ ମୃତ୍ୟୁ ହୋଇଥିବା ଡିଏଫ୍‌ଓ କହୁଥିବା ବେଳେ ଗର୍ଭ ଯନ୍ତ୍ରଣା ସହି ନ ପାରି ମୃତ୍ୟୁ ହୋଇଥାଇପାରେ ବୋଲି ରେଞ୍ଜର ଅନୁମାନ କରୁଛନ୍ତି। ଫଳରେ ଦୁଇ ଅଧିକାରୀଙ୍କ କଥାରେ କୌଣସି ତାଳମେଳ ନ ଥିବା ଦେଖାଦେଇଛି। ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

## ମହିଳାଙ୍କୁ ଦଳିଦେଲା ଦନ୍ତା

**ଢେଙ୍କାନାଳ ଅଫିସ, ୧୦।୧୨**

ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଦନ୍ତା ଆକ୍ରମଣରେ ଚାଲିଯାଇଛି ଜଣେ ମହିଳାଙ୍କ ଜୀବନ। ଢେଙ୍କାନାଳ ସଦର ରେଞ୍ଜ୍ କପିଳାସ ଅଭୟାରଣ୍ୟରେ ଶନିବାର ମଧ୍ୟାହ୍ନରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ କୃଷ୍ଣକୁମାରପୁର ବିରାଡ଼ିଆ ଗ୍ରାମର ବ୍ରହ୍ମା ନାଏକଙ୍କ ସ୍ତ୍ରୀ ଝୁନା ନାଏକ (୫୫)। ତାଙ୍କର ଅନ୍ୟ ଜଣେ ସହଯୋଗୀ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ବିରାଡ଼ିଆ ଗ୍ରାମର ଝୁନା ଗ୍ରାମର ଜଣେ ସହଯୋଗୀଙ୍କ ସହ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ବାହାରି ଝୁନାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ସହଯୋଗୀ ଜଣକ ପ୍ରାଣ ବିକଳରେ ଦୌଡ଼ି ଆସି ଗ୍ରାମରେ ସୂଚନା ଦେବାପରେ ଗ୍ରାମବାସୀ ପହଞ୍ଚିଥିଲେ। କପିଳାସ ରେଞ୍ଜ୍ କର୍ମଚାରୀ ଓ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତ ମହିଳାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ହିଂସ୍ର ହାତୀର ଉପସ୍ଥିତି ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଧନଜୀବନ ହାନି ଆଶଙ୍କା ଥିବାରୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି କରାଯାଇଛି।

## ହାତୀପଲ ଘର ଭାଙ୍ଗିଲେ, ଧାନ ନଷ୍ଟ କଲେ



**ପାଟଣା,୧୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ୨୩ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ ଚଳାଇଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଡେଣୁଆ ଗ୍ରାମର ଦୁଖା ମୁଣ୍ଡାଙ୍କ ମାଟି ଘର ଭାଙ୍ଗି ଦେଇଛନ୍ତି। ହାତୀପଲ କେନ୍ଦେଇପଶି ବିଟ୍ ଅଞ୍ଚଳ ଓ କ୍ଷୀରେଇ ଟାଙ୍ଗିରି ସେକ୍ସନ ଯମୁନା ପଶି ବିଟ୍‌ର ମାନପୁର, ଭଗପଶି ଓ ଡେଣୁଆ ଗ୍ରାମରେ ବ୍ୟାପକ ଧାନ ଫସଲ ଖାଇ ନଷ୍ଟ କରିଛନ୍ତି। ଶନିବାର ହାତୀପଲ କଣ୍ଟିଆ ପଡ଼ା ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇବା ପରେ ପଦ୍ମପୁର ଆଡ଼କୁ ଯାଇଥିବା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି। ବୁଧବାର ରାତିରେ ଖିରେଇଟାଙ୍ଗୀରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ପୁରୁଣିଆ ଗାଁର ତ୍ରିଲୋଚନ ମହାନ୍ତଙ୍କ ବାଡ଼ିରେ ଥିବା ପରିତ୍ୟକ୍ତ କୁଅରେ ପଡ଼ି ଆହତ ହୋଇଥିଲା। ଦନ୍ତାର ଡାହାଣ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଛୋଟେଇ ଛୋଟେଇ ଚାଲୁଥିବା ରେଞ୍ଜର ସୂଚନା ଦେଇଛନ୍ତି। ବନ ବିଭାଗ ଆହତ ଦନ୍ତାର ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି। ଶନିବାର ଅପରାହ୍ଣରେ ଏସିଏଫ୍ ଅଶୋକ ଦାଶ ଘଟଣାସ୍ଥଳରେ ପହଞ୍ଚି ଡ୍ରୋନ୍ କ୍ୟାମେରାରେ ଆହତ ଦନ୍ତାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦରକାର ହେଲେ ହାତୀର ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଞ୍ଜର ପାତ୍ର କହିଛନ୍ତି। ରେଞ୍ଜରଙ୍କ ସହ ବନପାଳ ସୁନିତା ବୋଘେଲ ପାରା ଷ୍ଟାଫଙ୍କ ସହ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

**ଚିଙ୍ଗୁଡ଼ି ଚାଷ ପାଇଁ ଚୁକ୍ତି ରେ ପୋଖରୀ / ଜମି ଆବଶ୍ୟକ**
**POND / LAND REQUIRED FOR SHRIMP FARMING ON LEASE**
» ଚୁକ୍ତି ଉପରେ ଆବଶ୍ୟକ ମୋଟ ଜମି / ପୋଖୋରି ହେଉଛି ୫୦ - ୭୦ ଏକର
» ଚିଙ୍ଗୁଡି ଚାଷ ପାଇଁ ଜମି / ପୋଖରୀ ଉପଯୁକ୍ତ ହବା ଆବଶ୍ୟକ
» ଜମି / ପୋଖୋରୀ ସମୁଦ୍ର ନିକଟସ୍ଥ ରହିବା ସହ ଲୁଣି ପାଣି ଥିବା ଆବଶ୍ୟକ
» ଜମି / ପୋଖରୀ ଦେଖାଇଲେ ଭଲ କମିଶନ ଦିଆଯିବ
» ସ୍ଥାନ : ଓଡ଼ିଶାର ଯେକୌଣସି ସ୍ଥାନରେ ହେଲେ ଚଳିବ
» Total Land / Pond area required on Lease is 50 - 70 acres
» Land / Pond should be suitable for shrimp farming
» Land / Pond should be near the sea and have salt water
» Good commission will be paid to the person who will show the Land / Pond
» Location: Anywhere in Odisha
Contact +91-7735748087

## ଗୁମର ଖୋଲିବାକୁ କହୁଥିବା ଅର୍ଚ୍ଚନାଙ୍କ ପାଟି ଚୁପ୍



**ଚାପ ନା ଆଉକିଛି...**
- କୁଆଡ଼େ ଗଲେ ଶ୍ରଦ୍ଧାଞ୍ଜଳି
- ଆଉଥରେ ରିମାଣ୍ଡରେ ଆଣିବାକୁ ଯୋଜନା

**ଭୁବନେଶ୍ୱର, ୧୦।୧୨ (ବ୍ୟୁରୋ)**

'ମୋତେ ଫସାଇ ଦିଆଯାଇଛି। ପାଟି, ଆଖି, କାନ ବନ୍ଦ କରି ରଖାଯାଇଛି। ମୁଁ ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ। ଇଡିକୁ ଅପେକ୍ଷା କରିଥିଲି, ଏବେ ମୁହଁ ଖୋଲିବାକୁ ସୁଯୋଗ ମିଳିବ। ମୋତେ ୩୦ ମିନିଟ୍ ଦିଆଯାଉ। ନେତା, ମନ୍ତ୍ରୀ ଆଉ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇଦେବି।' ହନିଟ୍ରାପ୍ ମାଧ୍ୟମରେ ବ୍ଲାକ୍‌ମେଲିଂ କରି ବିପୁଳ ସମ୍ପତ୍ତିର ମାଲିକାଣୀ ହୋଇଥିବା ବହୁ ଚର୍ଚ୍ଚିତ ଅର୍ଚ୍ଚନା ନାଗ ଗତ ୬ ତାରିଖରେ ରିମାଣ୍ଡରେ ଆସିବାବେଳେ ଏଭଳି କିଛି ବିସ୍ଫୋରକ ବୟାନ ଦେଇଥିଲେ। ଏହାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ତାଙ୍କ କଳାସାମ୍ରାଜ୍ୟରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆଙ୍କ ଗୁମର ଶୁଣିବାକୁ ସମସ୍ତେ ଚାହିଁ ବସିଥିଲେ। ହେଲେ ସେ ପାଟି ଖୋଲୁ ନ ଥିବା ଓ ତଦନ୍ତରେ ସହଯୋଗ କରୁ ନ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୂଚନା ଦେବା ପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ୭ ଦିନିଆ ରିମାଣ୍ଡର ୫ଦିନ ବିତିଯାଇଥିବାବେଳେ ଇଡି ହାତରେ ଆଉ ମାତ୍ର ୨ଦିନ ରହିଛି। ଜେଲରେ ଥିବା ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ପାତ୍ର ଏବଂ ହନିଟ୍ରାପ୍‌ରେ ମୋହରା ସାଜୁଥିବା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ମୁହାଁମୁହିଁ ଜେରା କରି ବଡ଼ ଗୁମର ଖୋଲିବାକୁ କହୁଥିବା ଇଡି ମଧ୍ୟ ହାତ ଟେକିଦେଲେଣି। ଚାପ ନା ଆଉକିଛି? ଅର୍ଚ୍ଚନାଙ୍କ ଦୋମୁହାଁ ଆଚରଣରେ ଖୋଦ୍ ଇଡି ଅଧିକାରୀମାନେ ମଧ୍ୟ ଚକିତ ହୋଇପଡ଼ିଛନ୍ତି। ଅର୍ଚ୍ଚନାଙ୍କ ସମ୍ପତ୍ତି, ଟଙ୍କା ଓ ଅୟସ ଜୀବନଶୈଳୀ ପଛରେ କ'ଣ ରହସ୍ୟ ରହିଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏଯାଏ ଉତ୍ତର ପାଇପାରୁ ନାହାନ୍ତି। ସେହିପରି ପ୍ରଯୋଜକ ଅକ୍ଷୟ ପରିଜା, ଭଡ଼ାଘର ମାଲିକ ପ୍ରମୋଦ ସ୍ୱାଇଁ ଓ ଶ୍ରଦ୍ଧାଞ୍ଜଳିଙ୍କ ବୟାନ ଆଧାରିତ ପ୍ରଶ୍ନର ଉତ୍ତର ଦେବାକୁ ସେ ରାଜି ହେଉନାହାନ୍ତି। ଫଳରେ ପୂର୍ବରୁ ଯେଉଁମାନେ ଜେରାର ସମ୍ମୁଖୀନ ହୋଇଥିଲେ ସେମାନଙ୍କ ବୟାନର ସତ୍ୟତା ମିଳିପାରୁ ନାହିଁ। ଏପଟେ ଅର୍ଚ୍ଚନାଙ୍କ ରିମାଣ୍ଡ ଅବଧି ୧୨ ତାରିଖରେ ସରୁଥିବାରୁ ତାଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିବା ପାଇଁ ଇଡି ଯୋଜନା ଆରମ୍ଭ କରିଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ୧୩ ତାରିଖରେ କୋର୍ଟରେ ହାଜର ହେବେ। ତାଙ୍କୁ ମଧ୍ୟ ରିମାଣ୍ଡରେ ଆଣିବାକୁ ଇଡି କୋର୍ଟଙ୍କୁ ନିବେଦନ କରିବ ବୋଲି କୁହାଯାଉଛି। ଏହାପରେ ଉଭୟଙ୍କୁ ମୁହାଁମୁହିଁ ଜେରା କରି କିଛି ନୂଆ ତଥ୍ୟ ପାଇବାକୁ ଇଡି ଅଧିକାରୀମାନେ ଶେଷ ଆଶା ରଖିଛନ୍ତି।

ଅପରପକ୍ଷରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ଡାକି ମୁହାଁମୁହିଁ ଜେରା କରିବାକୁ ଯୋଜନା କରିଥିଲା ଇଡି। ହେଲେ ଏସବୁର ଏବେ ଫସର ଫାଟିଯାଇଛି। ବାରମ୍ବାର ନୋଟିସ ସତ୍ତ୍ୱେ କାର୍ଯ୍ୟାଳୟକୁ ଶ୍ରଦ୍ଧାଞ୍ଜଳି ଆସୁନାହାନ୍ତି। ଇଡିର କହିବା ଅନୁସାରେ, ଶ୍ରଦ୍ଧାଞ୍ଜଳି ହିଁ କହିପାରିବେ ଅର୍ଚ୍ଚନା ନାଗ ଫାଶର ଅସଲ କଥା। ତେବେ ଇଡି ପାଇଁ ଏବେ ଜରୁରୀ ହୋଇପଡ଼ିଛି ଶ୍ରଦ୍ଧାଞ୍ଜଳିଙ୍କ ପାଖରେ ପହଞ୍ଚିବା। ଇଡି ନଜରରେ ସେ ଏବେ ଫେରାର। ତାଙ୍କୁ ଖୋଜାଚାଲିଥିବା ସୂଚନା ମିଳିଛି।

### ଖଣ୍ଡଗିରି ଥାନାରୁ ଦସ୍ତାବିଜ ଆଣିଲା ଇଡି

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ୭ ଦିନିଆ ରିମାଣ୍ଡରେ ନେଇ ଇଡି ମାରାଥନ୍ ଜେରା କରିବା ସହ ହନିଟ୍ରାପ୍, ଠକେଇ ମାଧ୍ୟମରେ ହୋଇଥିବା ବେଆଇନ ଆର୍ଥିକ କାରବାରର ଗୁମର ଖୋଲିବାକୁ ଉଦ୍ୟମ ଚଳାଇଛି। ଅର୍ଚ୍ଚନା ଯଥାସମ୍ଭବ କମ୍ କଥା ହେବା ସହ ବହୁ କିଛି ଲୁଚାଉଥିବାରୁ ତାଙ୍କଠାରୁ ଅଧିକ ତଥ୍ୟ ବିଶେଷକରି ବଡ଼ବଡ଼ିଆଙ୍କ ଲିଙ୍କ୍ ପାଇବାକୁ ପୋଲିସ ତଦନ୍ତ ରିପୋର୍ଟର ସହାୟତା ନେବାକୁ ଯାଉଛି। ତେଣୁ ଶନିବାର ଇଡିର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଏହି ମାମଲାର ତଦନ୍ତ କରୁଥିବା ଖଣ୍ଡଗିରି ଥାନାଧିକାରୀ ଦୟାନିଧି ନାୟକଙ୍କୁ ଭେଟିଥିଲେ। ଏହି ସମୟରେ ଅର୍ଚ୍ଚନାଙ୍କ ଘରୁ ଜବତ ହୋଇଥିବା ଏକ ଡାଏରିର ନକଲ ଇଡିଙ୍କୁ ହସ୍ତାନ୍ତର କରିଛି ଖଣ୍ଡଗିରି ଥାନା ପୋଲିସ। ଇଡିକୁ ତଦନ୍ତର ସବିଶେଷ ତଥ୍ୟ ପ୍ରଦାନ କରିବାକୁ କୋର୍ଟ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଅପରାହ୍ନ ପ୍ରାୟ ୧ଟା ୩୦ରେ ଇଡିର ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟର ଖଣ୍ଡଗିରି ଥାନାରେ ପହଞ୍ଚି ଏହି ମାମଲା ସଂକ୍ରାନ୍ତ ତଦନ୍ତ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନାରେ ଫିଲ୍ମ ନିର୍ଦ୍ଦେଶକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଏବଂ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି କରିଥିବା ଅଭିଯୋଗକୁ ଆଧାର କରି ଇଡି ତଦନ୍ତ ଆରମ୍ଭ କରିଥିଲା।

## ମାସକରେ ରୋପ୍‌ୱେ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

### ନନ୍ଦନକାନନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର, (ବ୍ୟୁରୋ)/ ବାରଙ୍ଗ, ୧୦।୧୨ (ଡି.ଏନ୍.ଏ.)**

ଆସନ୍ତା ଏକମାସ ମଧ୍ୟରେ ନନ୍ଦନକାନନ ରୋପ୍‌ୱେକୁ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶନିବାର ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପର୍ଯ୍ୟଟକଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରୋପ୍‌ୱେରେ ଦୈନିକ ପ୍ରାୟ ୩ହଜାର ପର୍ଯ୍ୟଟକ ଯିବା ଆସିବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟକମାନେ ବଟାନିକାଲ ଓ ଜୁଲୋଜିକାଲ ଉଦ୍ୟାନ ମଧ୍ୟରେ ସିଧା ଯିବା ଆସିବା କରିପାରିବେ। ସେହିଭଳି ୯କୋଟି ଟଙ୍କା ବ୍ୟୟରେ ଚାଲିଥିବା କିଆକଣି ହ୍ରଦର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ହ୍ରଦରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ନିମନ୍ତେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯିବ। ବଟାନିକାଲ ଗାର୍ଡେନ ସମ୍ମୁଖରେ ଗେଟ୍ ନିର୍ମାଣ, ସଂଲଗ୍ନ ରାସ୍ତା, ଶୌଚାଳୟ, ପାଦଚଲା ରାସ୍ତା ନିର୍ମାଣ ସମ୍ପର୍କରେ ଅବଗତ ହେବା ସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ।

ପରେ ମୁଖ୍ୟ ଶାସନ ସଚିବ ଚୁଡ଼ଙ୍ଗ ସଂରକ୍ଷିତ ଓ କୃଷ୍ଣନଗର ପ୍ରସ୍ତାବିତ ଜଙ୍ଗଲ ଅଞ୍ଚଳ ବୁଲି ଦେଖିଛନ୍ତି। ଉଭୟ ଜଙ୍ଗଲର ୬୦୪ ହେକ୍ଟର ଜମିରେ ନନ୍ଦନକାନନର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏହି ଅଞ୍ଚଳରେ ବାଘ, ସିଂହ, ଭାଲୁ ଓ ତୃଣଭୋଜୀ ଜୀବଜନ୍ତୁଙ୍କ ପାଇଁ ସଫାରି ନିର୍ମାଣ ହେବ। ସଫାରି ମଧ୍ୟରେ ପର୍ଯ୍ୟଟକଙ୍କ ବୁଲିବା ବ୍ୟବସ୍ଥା, ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟ ରହିବ। ଏହି ସଂକ୍ରାନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାଣୀ ଉଦ୍ୟାନରେ ଥିବା ଟୟ ଟ୍ରେନ, ପ୍ରସ୍ଥାନ ସ୍ଥାନର ନିର୍ମାଣ କାର୍ଯ୍ୟ, ପର୍ଯ୍ୟଟନ ସହାୟତା କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ। ବହୁତଳ କାର୍ ଓ ବସ୍ ପାର୍କିଂ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରିଥିଲେ। ନନ୍ଦନକାନନର ଆଧୁନୀକିକରଣ ନିମନ୍ତେ ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକଙ୍କୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ଆଧୁନିକୀକରଣ ଶେଷ ହେବା ନେଇ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟାର, ଉପନିର୍ଦ୍ଦେଶକ ସଞ୍ଜିତ କୁମାର, ଖୋର୍ଦ୍ଧା ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

SMILE GOLD JEWELLERS
Smile Gold Pure Gold
GOLD | DIAMOND | SILVER | GEMSTONE | WATCHES
Plot No.: B-38, Fancy Market, Saheed Nagar, Bhubaneswar - 751007, Ph.: 0674-2969696 / 2969797
Mob.: 9438019696 / 9438029797
Festival Season Offer
Making Charge FLAT 399/- ON PER GM GOLD ORNAMENTS
Making Charge FLAT 499/- ON PER GM GOLD ORNAMENTS
ZERO MAKING ON ADVANCE DEPOSIT
Pay 11 months equally, after the 11th month you will be eligible to buy gold ornament for the same amount with absolutely for making charges.

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
NPCC
**SOUTH EASTERN ZONE, BHUBANESWAR**
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
**WALK-IN-INTERVIEW**
**Advt. No: SEZ/Contract Basis/1133** **Dated :10.12.2022**
Due to administrative reason, the Walk-in-Interview which was held on **03.12.2022** is, hereby, cancelled. The next Walk-in-Interview for 5 Nos. Site Engineer (Civil) and 1 No. Site Engineer (Electrical) on contract basis is rescheduled to be held on **26.12.2022** vide advertisement No. SEZ/Contract basis/1014, **dated 15.11.2022**
All other terms and conditions will remain un-altered
For details, please visit our Website: **www.npcc.gov.in**
**Zonal Manager**

Unique Identification Authority of India
Government of India
ସତ୍ୟମେବ ଜୟତେ
G20 ଭାରତ 2023 INDIA
Azadi Ka Amrit Mahotsav
AADHAAR Mera Aadhaar, Meri Pehchaan

**ଆଧାର**
ସହଜରେ ସତ୍ୟାପିତ ହୋଇପାରୁଥିବା ଏକ ପରିଚୟ ପ୍ଲାଟ୍‌ଫର୍ମ

**ଏମ୍‌ଆଧାର ଆପ୍** କିମ୍ବା **ଆଧାର କ୍ୟୁଆର୍ ସ୍କାନର୍**
ବ୍ୟବହାର କରି ଆଧାରର ସମସ୍ତ ସ୍ୱରୂପରେ ଉପଲବ୍ଧ
**କ୍ୟୁଆର୍ କୋଡ୍ ସ୍କାନ୍ କରି ଆଧାର ସତ୍ୟାପିତ କରନ୍ତୁ**

**ଉପସ୍ଥାପିତ ଆଧାରର ଯେକୌଣସି ସ୍ୱରୂପ (ଆଧାର ପତ୍ର, ଆଧାର ପିଭିସି, ଇ-ଆଧାର କିମ୍ବା ଏମ୍‌ଆଧାର)କୁ ଗ୍ରହଣ କରିବା ପୂର୍ବରୁ ତାହାର ସତ୍ୟତାକୁ ଯାଞ୍ଚ କରନ୍ତୁ ।**
ଆଧାରର କ୍ୟୁଆର୍ କୋଡ୍ ଡିଜିଟାଲ୍ ଭାବେ ସ୍ୱାକ୍ଷରିତ ଓ ସୁରକ୍ଷିତ ଅଟେ ।

**ଏମ୍‌ଆଧାର ଆପ୍** ଡାଉନ୍‌ଲୋଡ୍ ପାଇଁ ସ୍କାନ୍ କରନ୍ତୁ
Google play | App Store

**ଆଧାର କ୍ୟୁଆର୍ ସ୍କାନର୍** ଡାଉନ୍‌ଲୋଡ୍ ପାଇଁ ସ୍କାନ୍ କରନ୍ତୁ
Google play | App Store

ଓଡ଼ିଶାରେ ଡିସେମ୍ବର ୨୦୨୨

କୌଣସି ମତାମତ କିମ୍ବା ପ୍ରସ୍ତାବ ପାଇଁ କଲ୍ 1947 ଇ-ମେଲ୍ ଠିକଣା help@uidai.gov.in
Aadhaar | aadhaar_official | @UIDAI | @UIDAI | Aadhaar UIDAI | @aadhaar_uidai
cbc 54103/15/0028/2223



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଜି୨୦: କେବଳ ଆଲୋଚନା



ଆକାର ପଟେଲ

ବାସ୍ତବରେ ଜଣେ ନେତା ହୋଇ ନ ପାରିଲେ ବି ବାହାନା କରିପାରନ୍ତି ଯେ ସେ ଜଣେ ନେତା। ଯେତେବେଳେ ଦର୍ଶକମାନେ ଜାଣି ନ ଥାନ୍ତି ଯେ ଜଣେ ଦେଖେଇ ହେଉଛି ଏବଂ ମିଡିଆ ସେହିଭଳି କାମ କରୁଛି ସେତେବେଳେ ଏଭଳି ବାହାନା ଉପଯୋଗୀ ହୋଇଥାଏ। ଜି୨୦ ସମ୍ମିଳନୀ କ୍ଷେତ୍ରରେ ସେଭଳି ହେଉଥିବା ଅନୁମେୟ। ଏସୀୟ ଆର୍ଥିକ ସଙ୍କଟ ପରେ ବୈଶ୍ୱିକ ଆର୍ଥିକ ଓ ବିତ୍ତୀୟ ବିଷୟଗୁଡ଼ିକୁ ନେଇ ଆଲୋଚନା କରିବାକୁ ଜି୨୦ ଗଠନ କରାଯାଇଥିଲା। ଜାତିସଂଘ ସୁରକ୍ଷା ପରିଷଦ ଭଳି ଏହା ନିକଟରେ ବାସ୍ତବରେ ପ୍ରୟୋଗ କଲାଭଳି କ୍ଷମତା ନାହିଁ। ଜି୨୦ର କ୍ଷମତା ନ ଥିବାର ଏକ ପ୍ରମୁଖ ସୂଚକ ହେଉଛି ଏହାର ଅଧ୍ୟକ୍ଷତା ପାଳିରେ ପ୍ରଦାନ କରାଯାଏ ଏବଂ ପ୍ରତିବର୍ଷ ଏହା ବଦଳେ। ଏଥିରୁ ବୁଝାପଡ଼େ ଯେ, ଜଣକ ପରେ ଜଣେ ଏହା ପାଇଥାନ୍ତି। ଅଧ୍ୟକ୍ଷତା କରି ନିଜ ଟିକସଦାତାଙ୍କ ଅର୍ଥରେ ଅନ୍ୟମାନଙ୍କୁ ନେଇ ଆଲୋଚନା ଆୟୋଜନ କରିବାକୁ ସମ୍ମାନର ବିଷୟ ମନେ କରନ୍ତି। ଜି୨୦ ଗଠନ ହୋଇଛି ବାଣିଜ୍ୟ ଉପରେ ଆଲୋଚନା କରିବାକୁ, ହେଲେ ଯେଉଁମାନେ ଏବେ ବାଣିଜ୍ୟ ଯୁଦ୍ଧରେ ଅବତୀର୍ଣ୍ଣ (ଆମେରିକା ଓ ଚାଇନା) କିମ୍ବା ଅନ୍ୟମାନଙ୍କ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନାହିଁ ସେମାନେ ଏଥିରେ ରହିଛନ୍ତି। ଜି୨୦ରେ ଜଳବାୟୁ ପରିବର୍ତ୍ତନ ବିଷୟ ଆଲୋଚନା ହୁଏ, କିନ୍ତୁ ଯେଉଁ ଦେଶଗୁଡ଼ିକ ଅତ୍ୟଧିକ କାର୍ବନ ନିର୍ଗମନ କରୁଛନ୍ତି ସେମାନଙ୍କୁ ଏଥିରେ ରଖାଯାଇଛି। ସାମରିକ ଦୃଷ୍ଟିକୋଣରୁ ଯେଉଁମାନେ(ଆମେରିକା ଓ ୟୁରୋପ) ଚୁକ୍ତିଭିତ୍ତିକ ମେଣ୍ଟ ଗଠନ କରିଛନ୍ତି ଓ ମେଣ୍ଟ ମଧ୍ୟରୁ ଜଣକ ଉପରେ ଆକ୍ରମଣ ଆରମ୍ଭ ହେଲେ ତାହାକୁ ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ବିଚାର କରୁଛନ୍ତି, ସେମାନଙ୍କୁ ମଧ୍ୟ ଜି୨୦ ସ୍ଥାନ ଦେଇଛି। ଜି୨୦ ଏମିତିକା ଦେଶ ସବୁକୁ ସାମିଲ କରିଛି ଯେଉଁମାଙ୍କର ସୀମା ନାହିଁ ଏବଂ ଯାହାର ନାଗରିକମାନେ ଏଭଳି ପ୍ରତ୍ୟେକ ଦେଶକୁ (ୟୁରୋପୀୟ ସଂଘ) ସ୍ୱାଧୀନ ଭାବେ ଯାଇପାରିବେ, କାମ କରିବା ସହ ନିବେଶ ମଧ୍ୟ କରିପାରିବେ। ଜି୨୦ରେ ଏମିତି ସବୁ ଗଣତନ୍ତ୍ର ରାଷ୍ଟ୍ର ରହିଛନ୍ତି ଯେଉଁଠି ଏକଛତ୍ରବାଦ ଓ ରାଜା ଶାସନ(ସାଉଦି ଆରବ) ଚାଲିଛି।

ଜି୨୦ ଦେଶଗୁଡ଼ିକ ମଧ୍ୟରେ ଆମେରିକା ସବୁଠୁ ଧନୀ। ଏହାର ବାର୍ଷିକ ମୁଣ୍ଡପିଛା ଆୟ ୭୦,୦୦୦ ଡଲାରରୁ ବେଶି କିମ୍ବା ୫୬ ଲକ୍ଷ ଟଙ୍କା। ଭାରତ ହେଉଛି ସବୁଠୁ ଗରିବ ଏବଂ ଆମର ବାର୍ଷିକ ମୁଣ୍ଡପିଛା ଆୟ ୨,୦୦୦ ଆମେରିକୀୟ ଡଲାର କିମ୍ବା ୧.୬ ଲକ୍ଷ ଟଙ୍କା। ଆମ ପୂର୍ବରୁ ଜି୨୦ ଅଧ୍ୟକ୍ଷତା କିଏ(ଇଣ୍ଡୋନେସିଆ) ନେଇଥିଲା କିମ୍ବା ତା'ପୂର୍ବରୁ କେଉଁ ଦେଶ ନେଇଥିଲା ଓ ଆମ ପରେ କିଏ(ବ୍ରାଜିଲ) ନେବ ବୋଲି ଖୁବ୍ କମ୍ ଲୋକ ଜାଣନ୍ତି। କାରଣ ଅଧ୍ୟକ୍ଷତା ଏକ କ୍ଷମତା କିମ୍ବା ସମ୍ମାନର ପଦବୀ ନୁହେଁ। କିନ୍ତୁ ଆମକୁ କୁହାଯାଉଛି ଯେ, ଜି୨୦ ଅଧ୍ୟକ୍ଷତା ହେଉଛି ସବୁଠୁ ବଡ଼ ସମ୍ମାନ। ଆମେ ସରକାରଙ୍କଠାରୁ ଏହା ଶୁଣିଛୁ ଏବଂ ୨୦୨୩ ସେପ୍ଟେମ୍ବର ଯାଏ ଆମେ ଏମିତି ବାରମ୍ବାର ଶୁଣି ଚାଲିଥିବୁ। ଦେଶ ସାରା ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମଗୁଡ଼ିକ ଅନୁଷ୍ଠିତ ହେବ। ଆମ ପକ୍ଷରୁ ଏହାକୁ ସଞ୍ଚାଳନ କରିବାକୁ ପ୍ରଧାନମନ୍ତ୍ରୀ ନୀତି ଆୟୋଗର ପୂର୍ବତନ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ଦେଇଛନ୍ତି। ସରକାରଙ୍କର ଏକ ଥିଙ୍କ୍ ଟ୍ୟାଙ୍କ ଭାବେ ନୀତି ବା ଆଇନ ବ୍ୟତୀତ ଆଉ କ'ଣ ସବୁ କରିଛି କେହି ସେ ସମ୍ପର୍କରେ ନିଶ୍ଚିତ ନୁହନ୍ତି। ବରଂ ସରକାରଙ୍କୁ ସମର୍ଥନ ଓ ପ୍ରଶଂସା କରିଛି। ସମ୍ଭବତଃ ଜି୨୦ର କାର୍ଯ୍ୟକ୍ରମ ପରିଚାଳନାରେ କିଛି ବାସ୍ତବ କାର୍ଯ୍ୟ ରହିବ। ଜି୨୦ର ସ୍ଥାୟୀ ସେକ୍ରେଟାରିଏଟ୍ ନାହିଁ ଏବଂ ଏହାର ଖର୍ଚ୍ଚ ପୂର୍ବରୁ ଏବଂ ଏବକାର ଓ ଆଗକୁ ଅଧ୍ୟକ୍ଷତା ନେଉଥିବା ଦେଶଗୁଡ଼ିକ ଭାଗୀଦାରିରେ ବହନ କରିବେ। ବୁଝାପଡୁଛି ଯେ, ଆମ ଅଧ୍ୟକ୍ଷତା ଶେଷ ହେବା ପରେ ଆଉ ଗୋଟିଏ ବର୍ଷ ପାଇଁ ଆମେ କିଛି ଖର୍ଚ୍ଚ ବହନ କରିବୁ।

ଜି୨୦ର ଅନ୍ୟସବୁ ବିଷୟ ମଧ୍ୟରେ ସିଭିଲ ସୋସାଇଟି ବା ଏନ୍‌ଜିଓର ଗୋଟିଏ ବୈଠକ ହେବା କାର୍ଯ୍ୟକ୍ରମ ରହିଛି। ସରକାର ୨୦୧୪ରୁ ଏମାନଙ୍କୁ ବିରୋଧ କରି ଆସୁଛନ୍ତି। ଏଣୁ ଏହି ବୈଠକରେ ସେମାନଙ୍କୁ ସରକାର କ'ଣ କହିବେ ତାହା ଦେଖିବା ଅତ୍ୟନ୍ତ କୌତୂହଳପ୍ରଦ ହେବ। କିନ୍ତୁ ସେମାନେ ଜି୨୦ର ବହୁ ଦେଶରେ ସେମାନଙ୍କ କାର୍ଯ୍ୟ ଜାରି ରଖିଛନ୍ତି। ସାଂସଦମାନଙ୍କ ସହ ବୈଠକ ହେବା କାର୍ଯ୍ୟକ୍ରମ ରହିଛି। ଏହାସହ ଭାରତର ବିରୋଧୀ ଦଳକୁ ଶେଷରେ କହିବାର ସୁଯୋଗ ଦିଆଯାଇପାରେ। ଯଦି ଏହା ଘଟେ ତେବେ ଆମେ ଏହା ଦେଖିବା, ନଚେତ ନାହିଁ। ବାକ୍ ସ୍ୱାଧୀନତା ଏବଂ ସହିଷ୍ଣୁତାକୁ ନେଇ ବନେଇଚୂନେଇ ଆମେ କିଛି କହିପାରୁ। କିନ୍ତୁ ଆମର ବାସ୍ତବ ସମସ୍ୟାଗୁଡ଼ିକ ଉପରେ ଆଲୋଚନାର ସମ୍ଭାବନା କମ୍। ଏପରିକି ଚାଇନା ଆମ ସହ ସୀମା ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁନାହିଁ। ଲଦାଖରେ ସମସ୍ୟା ଲାଗି ରହିଥିବାବେଳେ ଏ ବିଷୟରେ ଚାଇନାକୁ ତୃତୀୟପକ୍ଷ ଦେଶଗୁଡ଼ିକ ସହ କଥା ହେବା ଲାଗି ଛାଡିଦେବା ଦରକାର। ଏହି ଦେଶଗୁଡ଼ିକୁ ଆମ ଶ୍ରମିକମାନଙ୍କ ଲାଗି ଏବଂ ଅନ୍ୟ ଜି୨୦ ଦେଶଗୁଡ଼ିକରେ ଆମ ପର୍ଯ୍ୟଟକମାନଙ୍କ ପାଇଁ ସହଜ ଓ ଶସ୍ତା ପ୍ରବେଶ ପ୍ରସଙ୍ଗ ଉଠିବା ସମ୍ଭାବନା ନାହିଁ। ଏଥିରେ ଆମେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ, କାରଣ ଆଲୋଚନା ଜି୨୦ ସମ୍ମିଳନୀ କେବଳ ଆଲୋଚନା ପାଇଁ, କୌଣସି କାମକୁ ନୁହେଁ।

୫୦ ବର୍ଷ ପୂର୍ବେ ଜୁଲ୍‌ଫିକର ଅଲି ଭୁଟ୍ଟୋ ଏକ ଇସ୍‌ଲାମିକ ସମ୍ମିଳନୀ ଆୟୋଜନ କରିଥିଲେ। ପାକିସ୍ତାନକୁ ଇସ୍‌ଲାମିକ ବିଶ୍ୱରେ ନେତା ଭାବେ ପ୍ରତିପାଦିତ କରିବା ସକାଶେ ଏହା କରାଯାଇଥିଲା। ଅବଶ୍ୟ ଏଥିରେ ସେମିତି କିଛି ବିଷୟ ନ ଥିଲା। କିନ୍ତୁ ଏଭଳି କିଛି ବାହାନା କରିବାରେ ଭୁଲ୍ ବା କ'ଣ ଥିଲା? ବାସ୍ତବରେ ବୈଶ୍ୱିକ ସ୍ତରରେ କାର୍ଯ୍ୟକ୍ରମ ସଞ୍ଚାଳନ କରିବାକୁ ଜି୨୦ ସମ୍ମିଳନୀ ଆମ ନେତାମାନଙ୍କୁ ଏକ ସୁଯୋଗ ଦେବ ଏବଂ ଆମ ଦେଶ ଏଥିପ୍ରତି ଅତ୍ୟଧିକ ଉତ୍ସୁକ। ବାସ୍ତବରେ ଏହା ଲୋକମାନଙ୍କ ପାଇଁ ଏକ ତାମସା ହେବ। କିନ୍ତୁ ଏହା ନିଶ୍ଚିତ ଯେ କିଛି ମନୋରଞ୍ଜନ ହେବ। ଏହା ବିଶ୍ୱର ନେତୃତ୍ୱ ନେବା କିମ୍ବା ବିଶ୍ୱନେତା ହେବାକୁ ଭାରତର ଅଭିଯାନ ବୋଲି ଯେଉଁ ଦାବି କରାଯାଉଛି ତାହା ପୂରଣ ହେବ ନାହିଁ। ହୁଏତ ପରବର୍ତ୍ତୀ ନେତା ଅଧ୍ୟକ୍ଷତା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଏହା ବିଶ୍ୱକୁ ନେତୃତ୍ୱ ଦେବ।

Email:aakar.patel@gmail.com

# ପରାର୍ଥ ଜୀବନର ଅନୁଭବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜଧାନୀର ରେଳଷ୍ଟେଶନକୁ ଛୁଇଁଥିବା ଫୁଟ୍‌ପାଥ୍‌ର ଗୋଟିଏ କଡ଼ରେ ସେ ଶୋଇ ଯାଇଥିଲା। ତା' ଜୀବନର ଯାତ୍ରା ଶେଷ ହୋଇ ଯାଇଥିଲା ଚିରଦିନ ପାଇଁ ସେଇଠି। ଲୋକେ ଯିବାଆସିବା କରୁଥିଲେ। ଟିକେ ଆଖି ପକାଇ ଦେଖି ନେଉଥିଲେ ସେଇ ମଣିଷଟିକୁ। ''ଆହା! ବିଚରା ଶେଷରେ ଚାଲିଗଲା''– ଭଳି ଆତ୍ମୀୟତାସୂଚକ ମନ୍ତବ୍ୟ ଭାସି ଆସୁଥିଲା ସବୁରି କଣ୍ଠରୁ। ବାସ୍, ତା'ପରେ ଯିଏ ଯା' ବାଟରେ ଚାଲିଯାଉଥିଲେ ନିଜ ନିଜ କାମରେ। ଶୂନ୍ୟ ଆକାଶକୁ ସେମିତି ଚାହିଁ ରହିଥିଲା ଶବଟିର ଅଧାମୁଦା ଆଖି ଯୋଡ଼ିକ। ମହାନଗର ନିଗମର ମେହେନ୍ତରମାନଙ୍କୁ ଅପେକ୍ଷା କରୁଥିଲା ରାଜଧାନୀର ପ୍ରଦୂଷଣମୁକ୍ତ ପରିବେଶ।

ଅଥଚ ସେଇ ଭିକାରିଟି ପୂର୍ବ ଚାରିଦିନ ଧରି ମୁମୂର୍ଷୁ ଅବସ୍ଥାରେ ସେଇଠି ପଡ଼ି ରହିଥିଲା। ତା' ରୋଗଣା ଦେହକୁ ନେଇ ଆହାର ଖୋଜିବାକୁ ବା ଚିକିତ୍ସା କରିବାକୁ ତା'ର ଶକ୍ତି ନ ଥିଲା। ନିତିଦିନ ସେଇ ରାସ୍ତା ଦେଇ ଯା'ଆସ କରୁଥିବା ଶହ ଶହ ଲୋକଙ୍କ ମଧ୍ୟରୁ କେହି ବି ଜଣେ ସେଇ ଅସହାୟ ଅସୁସ୍ଥ ଲୋକଟିକୁ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲେ ହୁଏତ ଜଣେ ମଣିଷ ବଞ୍ଚି ଯାଇଥାନ୍ତା ଓ ଅନ୍ୟ ଜଣଙ୍କର ମଣିଷତ୍ୱ ପରିସ୍ଫୁଟିତ ହୋଇଥା'ନ୍ତା! ନିଜ ଜୀବନକୁ ମନ ମୁତାବକ ଲାଳିତ କରିବାକୁ ଯେଉଁଠି ସମୟ ନିଅଣ୍ଟ, ସେଠି ଜଣେ ଅପରିଚିତର ଜୀବନ ରକ୍ଷା ପାଇଁ କିଏ କାହିଁକି ସମୟ ଅପଚୟ କରନ୍ତା! ନିଜ ନିଜର ଇଲାକାରେ ବ୍ୟସ୍ତ ରହି ଆଗକୁ ମାଡ଼ିଯିବା ହିଁ ଏକ ସଫଳ ଜୀବନର ପରିଚୟ। ଯିଏ ଏହା ନ କରି ଅନ୍ତରରେ ଉଦ୍‌ବେଳିତ ମାନବିକତାର ଆହ୍ୱାନରେ ଆମୋଦିତ ହୁଏ ତଥା ପରାର୍ଥ ଜୀବନର ମୁଗ୍ଧ ଅନୁଭବରେ ଅନୁରକ୍ତି ପ୍ରକାଶ କରେ, ସେ ବହୁ ପଛରେ ପଡ଼ିଯାଏ। ବିଫଳ ହୋଇଯାଏ ତା'ର ଦୁର୍ଲଭ ଜୀବନ! କେଜାଣି!!

ରାଜଧାନୀ ଭଳି ସଂଭ୍ରାନ୍ତ ସହରୀ ଜୀବନରେ ଯେ କେବଳ ସ୍ୱାର୍ଥସେବାର ସଡ଼କରେ ସଭିଏଁ ସହଯାତ୍ରୀ, ତାହା ନୁହେଁ; ଗ୍ରାମ୍ୟ ଜୀବନ ବି ଏହି ସ୍ୱାର୍ଥସର୍ବସ୍ୱ କୋଳାହଳରୁ ମୁକ୍ତ ନୁହେଁ। କେଇଦିନ ତଳେ ଏକ ଗାଁର କଲେଜ ଛାତ୍ରୀ ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣ ଚାଲିଗଲା। ତା'ର ବାପା ପ୍ରବାସରେ ଥିବାରୁ ମା' ଗାଁର ପ୍ରତିବେଶୀମାନଙ୍କୁ ନେହୁରା ହୋଇ ଝିଅଟିର ଶବ ଆଣିବାକୁ ବିକଳ ଅନୁରୋଧ କଲେ। ଅଥଚ ପଡ଼ିଶାଘରର ଜଣେ ଯୁବ ପ୍ରାଥମିକ ଶିକ୍ଷକ କହିଲେ, ''କ'ଣ କରିବି! ମୋର ଆଜି ସ୍କୁଲ ନ ଥିଲେ ନିଶ୍ଚୟ ଯାଇଥା'ନ୍ତି।'' ଶିକ୍ଷକଙ୍କ ପାଇଁ ସବୁ ମୃତ୍ୟୁ ଯେମିତି ଛୁଟିଦିନରେ ଆସିବା ଅବଧାରିତ! ଗାଁରେ ଦୋକାନ ଦେଇଥିବା ଅନ୍ୟ ଜଣେ କହିଲେ, ''ମୁଁ ଯାଇଥା'ନ୍ତି ଯେ ହେଲେ ଗାଡ଼ି ଆଜି କଟକରୁ ମାଲ ନେଇ ଆସିବ ତ!'' ନିଜ ପରିବାରରେ ଏମିତି କିଛି ଘଟିଥିଲେ ବେପାରୀଙ୍କ ବେପାର କିଏ ସମ୍ଭାଳିଥା'ନ୍ତା କେଜାଣି! ସମାଜସେବାର ଆଭିମୁଖ୍ୟ ନେଇ ଗଠିତ ଗାଁ ଯୁବକ ସଂଘର ପିଲାଟିଏ ମନ୍ତବ୍ୟ ଦେଲା, ''ମୋ' ପାଇଁ ଏଇଟା କିଛି ବଡ଼ କଥା ନୁହେଁ। କିନ୍ତୁ ଏମିତି ଆକ୍ସିଡେଣ୍ଟରେ ମୁଣ୍ଡ ପୂରାଇ ଅଯଥା ପୋଲିସ ପାଖରେ କିଏ କାହିଁକି ଆଣ୍ଠେଇବ ଯେ!'' ଯୌବନର ଉଜ୍ଜ୍ୱଳ ଜ୍ୟୋତି ନିକଟରେ ମୃତ୍ୟୁ ଭଳି ଏକ ଚିରନ୍ତନ ଅନ୍ଧକାର ସତେ ଯେମିତି ସତତ ପରାହତ। ଜୀବନବୋଧର ପ୍ରହେଳିକା ମଧ୍ୟରେ ଏକ ମିଥ୍ୟା ପ୍ରତ୍ୟୟକୁ ପ୍ରଶ୍ରୟ ନ ଦେଇ ସେଦିନ ଯେଉଁ କବି ଜଣକ ବୈରାଗ୍ୟର ଗୀତ ଗାଇ ଉଠିଥିଲେ– 'ଛଅଖଣ୍ଡ କାଠ ହେବ ତୋ ପାଇଁ ଲୋଡ଼ା', ସେଇ କବିଙ୍କ ଚଉତିଶାଟି ଇତିମଧ୍ୟରେ ନିଜ ମହତ୍ତ୍ୱ ହରାଇ ବସିଲାଣି ନିଶ୍ଚୟ। ତା' ନ ହେଲେ ସ୍ୱାର୍ଥର ସଡ଼କରେ ବାଟ ଚାଲି ଅନ୍ୟର ଦୁଃଖ ପ୍ରତି ଆଖି ବୁଜି ଦେଉଥିବା ଗାଁ ଲୋକଙ୍କ ମଧ୍ୟରୁ କେହି ଜଣେ ବାହାରି ଆସି ନ ଥା'ନ୍ତେ ଗାଁ ଝିଅଟିର ଶବକୁ ଗାଁ ମାଟିକୁ ଫେରାଇ ଆଣିବା ପାଇଁ। ସମଗ୍ର ବସୁଧାକୁ ନିଜର କୁଟୁମ୍ବ ମନେକରୁଥିବା ଗ୍ରାମ୍ୟ ସଂସ୍କୃତିର ପରିବେଶ ଯେତେବେଳେ ବ୍ୟକ୍ତି ସ୍ୱାର୍ଥର ବିଲକ୍ଷଣ ମଧ୍ୟରେ ଏମିତି ପ୍ରଦୂଷିତ, ସେତେବେଳେ ରାଜଧାନୀର ସହରୀ ଜୀବନ ଭିତରେ ଅସୁସ୍ଥ ଅସହାୟକୁ ହସ୍ପିଟାଲ ନେବା ପାଇଁ ଦରଦୀ ମଣିଷ ଜଣେ କାହୁଁ ବା ମିଳନ୍ତା! ଏଠି ବାଟ ଚାଲୁଚାଲୁ ଅବଶ ବୃଦ୍ଧ କେହି ଝୁଣ୍ଟିପଡ଼ିଲେ ଉଠାଇବାକୁ କେହି ଆସିବେନି କି ରାସ୍ତା ଉପରେ ଭୁଜାଲି ଦେଖାଇ ଲୁଟିନେଲେ ବି ସାହା ହେବାକୁ କେହି ମିଳିବେନି। ଏଠି ଜଣଙ୍କ ଘରେ ଡକାୟତି ହେଲେ ପଡ଼ିଶା ଘରର ନିଦ ଭାଙ୍ଗିଲେ ବି କେହି ଉଠିବେ ନାହିଁକି ଏପଟ ଘରର କେହି ମରିଗଲେ ତାଙ୍କ ପୁଅନାତି ଲଣ୍ଡା



ନ ହେବାଯାଏଁ ସେପଟ ଘରର ଲୋକେ ଜାଣିବେ ନାହିଁ। ଉଭୟ ଗାଁ ଓ ସହରର ଆଧୁନିକ ଜୀବନର ପରିଭାଷା ଦ୍ରୁତ ଗତିରେ 'ବସୁଧୈବ କୁଟୁମ୍ବକମ୍' ଭଳି ଏକ ପ୍ରାଚୀନ ବିଚାରଠାରୁ ଦୂରେଇ ଯାଉଥିବା ବେଳେ ଏମିତି କିଛି ହାତଗଣତି ଲୋକ ନିଜ ନିଜର ନିଆରା ଉଦାହରଣ ନେଇ ଉଭା ହୁଅନ୍ତି, ଯେଉଁମାନଙ୍କୁ ଦେଖି ମନେହୁଏ ଏ ସଂସାରରେ ପରାର୍ଥ ଜୀବନର ଓଁକାର ଉଚ୍ଚାରଣ ତଥାପି ନିନାଦିତ ହୋଇ ଚାଲିଛି।

କେଇବର୍ଷ ତଳେ ଦିଲ୍ଲୀର 'ଉପହାର' ସିନେମା ହଲ୍‌ରେ ନିଆଁ ଲାଗି ଯେତେବେଳେ ବାଷଠି ଜଣ ଲୋକ ଅକାଳରେ ଜଳି ଯାଇଥିଲେ, ସେତେବେଳେ ଯୁବକଟିଏ ବାରମ୍ବାର ପ୍ରେକ୍ଷାଳୟର ଅଗ୍ନିବଳୟ ମଧ୍ୟକୁ ପଶିଯାଉଥିଲା ଓ ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରି ବାହାରକୁ ନେଇଆସୁଥିଲା। ଏମିତି ଚାରିଜଣଙ୍କୁ ମରଣ ମୁହଁରୁ ବଞ୍ଚାଇ ସାରିଲାବେଳକୁ ସେ ମଧ୍ୟ ନିଜେ ଅଗ୍ନିଶ୍ୱାସରେ ସିଝି ଯାଇଥିଲା। ମାତ୍ର ତାହାକୁ ଖାତିର ନ କରି ସେ ପୁଣି ଥରେ ହଲ୍ ମଧ୍ୟକୁ ପଶୁଥିଲା ବେଳେ କେହି ଜଣେ ପଚାରିଦେଲେ– ''ତୁମର ଆଉ କେହି ସମ୍ପର୍କୀୟ କ'ଣ ନିଆଁଘେରରେ ରହିଯାଇଛନ୍ତି?'' ଯୁବକଟି ଅଳ୍ପ ହସି ଉତ୍ତର ଦେଇଥିଲା, ''ଏଇ ଚାରିଜଣ କେହି ବି ମୋର ପରିଚିତ ନୁହନ୍ତି; ସମ୍ପର୍କୀୟ ତ ଦୂରର କଥା।'' ପରାର୍ଥପ୍ରାଣତାର କି ଅପୂର୍ବ ଆବେଦନ! କି ଉଜ୍ଜ୍ୱଳ ଉଦାହରଣ!

ନୀଳାଚଳ ଏକ୍ସପ୍ରେସ୍‌ରେ ଦିଲ୍ଲୀରୁ କଟକ ଆସୁଥା'ନ୍ତି ମିଶ୍ରବାବୁ। ଅଚାନକ ଆଲ୍ଲାହାବାଦ ଷ୍ଟେଶନ ପୂର୍ବରୁ ଉତ୍କଟ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ହୋଇ ସେ ଚେତା ହରାଇ ବସିଲେ। ସେଇ ବଗିରେ ସପରିବାର ଦିଲ୍ଲୀରୁ ଟାଟା ଆସୁଥାଆନ୍ତି ଜଣେ ବିହାରୀ ଯାତ୍ରୀ ଶ୍ରୀଯୁକ୍ତ ସିହ୍ନା। ସାଙ୍ଗରେ ଥିବା ନିଜ ପତ୍ନୀ ଓ ପିଲା ଦୁହିଁଙ୍କୁ ତାଙ୍କ ବିହୁନେ ଅବଶିଷ୍ଟ ଯାତ୍ରା ଶେଷ କରିବାକୁ ସେ ରାଜି କରାଇଲେ ଓ ଅଚେତ ଓଡ଼ିଆ ଯାତ୍ରୀଙ୍କୁ ଧରି ନିଜେ ଆଲ୍ଲାହାବାଦ ଷ୍ଟେଶନରେ ଓହ୍ଲାଇ ପଡ଼ିଲେ। ଏକ ଅଜଣା ସହରରେ ଜଣେ ଅପରିଚିତ ଅଚେତ ସହଯାତ୍ରୀଙ୍କୁ ଚିକିତ୍ସା ସେବା ଯୋଗାଇ ଏକ ଅମୂଲ୍ୟ ଜୀବନ ରକ୍ଷା କରିଥିବା ସିହ୍ନାବାବୁଙ୍କର ଅନୁଭବ କିପରି ହୋଇଥିବ କେଜାଣି, କିନ୍ତୁ ଆଶୁ ଚିକିତ୍ସା ଲାଭ କରି ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଯାଇଥିବା ମିଶ୍ରବାବୁଙ୍କ ଅନୁଭବ ଥିଲା ଅତ୍ୟନ୍ତ ଅଭିନବ। ଦୁଇଦିନ ଆଲ୍ଲାହାବାଦରେ ଚିକିତ୍ସିତ ହୋଇ, ସେଠାରୁ ଟାଟା ଆସି ସିହ୍ନାବାବୁଙ୍କ ସହ ଦିନଟିଏ ବିତାଇ କଟକ ଫେରିଆସିଲା ପରେ ସେ ନିଜ ପତ୍ନୀଙ୍କୁ କହିଥିଲେ, ''ବର୍ଷ ବର୍ଷ ଧରି ଠାକୁର ଘରେ ଈଶ୍ୱରଙ୍କ ନିଶ୍ଚଳ ପ୍ରତିମାକୁ ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କରି ଆସୁଥିଲି। ଈଶ୍ୱର ଯେ ସିହ୍ନାବାବୁଙ୍କ ରୂପ ନେଇ ଟ୍ରେନ୍‌ରେ ସହଯାତ୍ରୀ ହୁଅନ୍ତି, ଏହା ପ୍ରଥମ କରି ଦେଖିଲି।'' କେବଳ ନିଜକୁ ଓ ନିଜ ସଂସାରକୁ ନେଇ ଗଢ଼ା ହୋଇଥିବା ସଂକୀର୍ଣ୍ଣ ଦୁନିଆର ସୀମା ଅତିକ୍ରମ କରି ସାରା ସଂସାରକୁ ନିଜ ପରିବାର ମନେକରୁଥିବା ସିହ୍ନାବାବୁଙ୍କ ପରି ପରାର୍ଥପ୍ରାଣ ମଣିଷମାନେ ଏମିତି ଅନ୍ୟମାନଙ୍କ ପାଇଁ ଈଶ୍ୱର ପାଲଟିଯାଆନ୍ତି। ଏମାନଙ୍କ ଜୀବନ ଓ ଜଗତ ଉଭୟ ପାଲଟିଯାଏ ଈଶ୍ୱରଙ୍କ ପରି ବିଶାଳ ଓ ବିସ୍ତାରିତ।

ପ୍ରଜ୍ଞାନିଳୟ
ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ହିମାଚଳର ନୂଆ ଚେହେରା

ବ୍ୟକ୍ତିତ୍ୱ



ସୁଖବିନ୍ଦର ସିଂ ସୁଖୁ

ଭାଜପା ନେତା ଅମିତ ଶାହା ୨୦୧୭ରେ ଅନୁଷ୍ଠିତ ହିମାଚଳ ପ୍ରଦେଶ ନିର୍ବାଚନ ପ୍ରଚାର ବେଳେ କହିଥିଲେ ଯେ କଂଗ୍ରେସ ପାର୍ଟି ହେଉଛି ରାଜା ଓ ରାଣୀଙ୍କର। ଏଠାରେ ରାଜୁତି କରୁଥିବା ପ୍ରାର୍ଥୀଙ୍କ ବ୍ୟତୀତ ଆଉ କେହି ଆଗକୁ ଯାଇ ବଡ଼ ପଦବୀ ପାଇପାରିବେ ନାହିଁ। ଶାହାଙ୍କ ମନ୍ତବ୍ୟ ୨୦୨୨ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପରେ ବଦଳିଛି। ବୀରଭଦ୍ରଙ୍କ ପରଲୋକର ଦେଢ଼ବର୍ଷ ପରେ ଅନୁଷ୍ଠିତ ନିର୍ବାଚନରେ ଏବେ କଂଗ୍ରେସ ସେଠାରେ କ୍ଷମତାକୁ ଫେରିପାରିଛି। ରାଜାଙ୍କ ଅବର୍ତ୍ତମାନରେ ସମଗ୍ର ଦେଶରେ ଦୁର୍ବଳ ଥିବା ଏହି ଜାତୀୟ ଦଳ ହିମାଚଳରେ ସଫଳତା ପାଇବା ନିଶ୍ଚିତ ଭାବେ ଏକ ଦୃଢ଼ ନେତୃତ୍ୱ ଯୋଗୁ ସମ୍ଭବ ହୋଇଛି ବୋଲି କୁହାଯାଉଛି। ଆଉ ସେହି ଅଗ୍ରଦୂତ ହେଉଛନ୍ତି ସୁଖବିନ୍ଦର ସିଂ ସୁଖୁ। ବ୍ୟବସ୍ଥିତ ଭାବେ ପାର୍ଟିକୁ ସଙ୍ଗଠିତ କରି ଭାଜପାକୁ କ୍ଷମତାରୁ ହଟାଇପାରି ଥିବାରୁ ଆଜି ତାଙ୍କୁ ବିଧାୟକ ଦଳ ନେତା ଚୟନ କରାଯାଇଛି। ୧୧ ଡିସେମ୍ବର ୨୦୨୨ରେ ସେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ହାଇକମାଣ୍ଡଙ୍କଠାରୁ ସବୁଜ ସଙ୍କେତ ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ଏଥିସହିତ ଶାହା ଜଣାଇଦେଲେ ଯେ ରାଜ ପରିବାରରୁ ଆସି ନ ଥିଲେ ମଧ୍ୟ ସେ ଦକ୍ଷତା ବଳରେ ନେତୃତ୍ୱ ନେବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ।

ସୁଖୁ ୨୭ ମାର୍ଚ୍ଚ ୧୯୬୪ରେ ହିମାଚଳ ପ୍ରଦେଶର ନାଦାଉନ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରସିଲ ସିଂ ଟ୍ରାନ୍ସପୋର୍ଟ କର୍ପୋରେଶନର ଡ୍ରାଇଭର ଥିଲେ। ସୁଖୁ ପିଲାଟି ବେଳେ ଛୋଟା ଶିମ୍‌ଲାରେ ଏକ କ୍ଷୀର କାଉଣ୍ଟରରେ ଚଳାଉଥିଲେ। ଶିମ୍‌ଲାର କାସୁମ୍ପ୍ଟିସ୍ଥିତ ସରକାର ହାଇସ୍କୁଲରୁ ସେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ସାଞ୍ଜୌଲିର ସରକାରୀ ଡିଗ୍ରୀ କଲେଜରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଶିମ୍‌ଲାସ୍ଥିତ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ସୁଖୁ ଆଇନରେ ମଧ୍ୟ ସ୍ନାତକ କରିଥିଲେ। ଛାତ୍ରାବସ୍ଥାରୁ ସେ ରାଜନୀତି ପ୍ରତି ଆକର୍ଷିତ ହୋଇଥିଲେ। ସେ କଂଗ୍ରେସ ସମର୍ଥିତ ନ୍ୟାଶନାଲ ଷ୍ଟୁଡେଣ୍ଟସ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ରାଜ୍ୟ ଶାଖା ସାଧାରଣ ସମ୍ପାଦକ ଓ ପରବର୍ତ୍ତୀ ସମୟରେ ଏହାର ସଭାପତି ହୋଇଥିଲେ। ତେବେ ତୃଣମୂଳସ୍ତରରେ ପାର୍ଟି ପାଇଁ କାର୍ଯ୍ୟ କରିବାରୁ ବରିଷ୍ଠ ନେତାଙ୍କ ନଜରକୁ ଆସିଥିଲେ। ୨୦୦୩ରେ ବିଧାନସଭା ଯିବାକୁ ତାଙ୍କୁ ପ୍ରଥମେ ସୁଯୋଗ ମିଳିବାରୁ ସେ ନାଦାଉନ୍ ଆସନରୁ ନିର୍ବାଚନ ଲଢ଼ି ସଫଳତା ହାସଲ କରିଥିଲେ। ୨୦୦୭ରେ ମଧ୍ୟ ସେହି ସିଟ୍ ଅକ୍ତିଆର କରିଥିଲେ। କିନ୍ତୁ ୨୦୧୨ରେ ସେ ହାରିଯାଇଥିଲେ। ପୁନଶ୍ଚ ୨୦୧୭ରେ ସେ ବିଧାନସଭାକୁ ଯାଇଥିବା ବେଳେ ୨୦୨୨ରେ ବିଜୟଲାଭ କରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପାର୍ଟି ପାଇଁ ନିଷ୍ଠା ରଖି କାର୍ଯ୍ୟ କରିଥିବାରୁ ସେ ରେକର୍ଡ ୬ ବର୍ଷ ସକାଶେ ୨୦୧୩ରୁ ୨୦୧୯ ଯାଏ ହିମାଚଳ ପ୍ରଦେଶର କଂଗ୍ରେସ ରାଜ୍ୟ ଶାଖାର ସଭାପତି ହୋଇଥିଲେ। ତେବେ ରାଜନୀତିରେ ତାଙ୍କ ଉତ୍ଥାନକୁ ୬ ଥର ମୁଖ୍ୟମନ୍ତ୍ରୀ ରହିଥିବା ବୀରଭଦ୍ର ସିଂ ସହ୍ୟ କରିପାରି ନ ଥିଲେ। ସେଥିପାଇଁ ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା। ୨୦୨୧ ଜୁଲାଇରେ ବୀରଭଦ୍ରଙ୍କ ଦେହାନ୍ତ ପରେ ହିମାଚଳ ପ୍ରଦେଶ କଂଗ୍ରେସ ରାଜନୀତିରେ ରାଜ ପରିବାରର ଖାଦି ବଜାୟ ରଖିବା ଲାଗି ଉଦ୍ୟମ ହୋଇଥିଲା। ଏପରି କି ଚଳିତ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ପରେ ବୀରଭଦ୍ରଙ୍କ ସ୍ତ୍ରୀ ପ୍ରତିଭା ସିଂ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଜୋର ଚର୍ଚ୍ଚା ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ପୁରୁଣା ଭୁଲ୍ କରିବାକୁ ଚାହିଁ ନ ଥିଲା। ପରିବାରବାଦ ଓ ରାଜ ପରିବାର ନିନ୍ଦା ମୁଣ୍ଡାଇ ଆସିଥିବା ଏହି ଦଳ ତୃଣମୂଳ ସ୍ତରରୁ ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ବାଛିବାକୁ ଯାଇ ସୁଖୁଙ୍କୁ ପାଇଥିବା କୁହାଯାଉଛି। ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ, ସେ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ। କିନ୍ତୁ ସୁଖୁ ହିମାଚଳ ପ୍ରଦେଶ ବିଜୟ ପଛରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଶ୍ରମକୁ ଶ୍ରେୟ ଦେଇଛନ୍ତି। ସୁଖୁ ପ୍ରଦେଶ କଂଗ୍ରେସ ସଭାପତି ଥିବା ବେଳେ ସାଙ୍ଗଠନିକ ଦକ୍ଷତା ପ୍ରଦର୍ଶନ କରି କର୍ମୀଙ୍କ ସହ ଉତ୍ତମ ସମ୍ପର୍କ ବଜାୟ ରଖିଥିଲେ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିଧାୟକମାନେ ମଧ୍ୟ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ଲାଗି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରୁଥିଲେ। ତେବେ ଏକ ସାକ୍ଷାତ୍‌କାରରେ ସେ କହିଥିବା କଥା ଏବେ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି। ସେ କହିଥିଲେ, ରାଜନୀତିରେ ତିଷ୍ଠିବା ଲାଗି ତାଙ୍କୁ ଅନେକ ସଂଗ୍ରାମ କରିବାକୁ ପଡ଼ିଛି। କାରଣ ରାଜନୀତିରେ ଥିବା କୌଣସି ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ହାତ ତାଙ୍କ ମୁଣ୍ଡ ଉପରେ ନ ଥିଲା। କଠିନ ପରିଶ୍ରମ ଓ ପାର୍ଟି ପ୍ରତି ଆନୁଗତ୍ୟ ତାଙ୍କୁ ଉପରକୁ ଉଠିବାକୁ ସାହାଯ୍ୟ କରିଛି।

ସହଧର୍ମିଣୀ କମଳେଶ ଠାକୁର ଓ ଦୁଇ ଝିଅଙ୍କୁ ନେଇ ସୁଖୁଙ୍କ ସାଂସାରିକ ଜୀବନ ଗତିଶୀଳ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଛାତ ଉପରେ ବଗିଚା ଦେଖିଥିବେ; ଯେଉଁଠି ୧୦୦ କିମ୍ବା ୨୦୦ ଯାଏ ଗଛ ଲଗାଯାଇଥିବ। ହେଲେ ଛାତ ଉପରେ ୪୦୦୦ କୁଣ୍ଡରେ ଗଛ ଲଗାଯାଇଥିବା ଦୃଶ୍ୟ ଯଦି ଦେଖିବାକୁ ଚାହାନ୍ତି, ତେବେ ହରିୟାଣାର କର୍ନାଲ ଯିବାକୁ ହେବ। କର୍ନାଲ ନିବାସୀ ରାମବିଳାସ ସିଂ ତାଙ୍କ ଛାତ ଉପରେ ୪୦୦୦ କୁଣ୍ଡରେ ଫୁଲ, ବିଦେଶୀ ଫଳ ଓ ପରିବା ଗଛ ଲଗାଇଛନ୍ତି; ଯାହାକୁ ଦେଖିବାକୁ ଦେଶର ବିଭିନ୍ନ ରାଜ୍ୟ, ଇଂଲଣ୍ଡ ଓ ଫ୍ରାନ୍ସରୁ ଲୋକମାନେ ଆସୁଛନ୍ତି। ବଡ଼ କଥା ହେଉଛି ବଗିଚାକୁ ସେ ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ ରଖିଛନ୍ତି। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ସହ ଦେଶର ପ୍ରାୟ ୨୫ ଲକ୍ଷ ଲୋକ ଯୋଡ଼ି ହୋଇଛନ୍ତି। ଏହି ବଗିଚା କରିବାକୁ ରାମବିଳାସଙ୍କୁ ୨୫ ବର୍ଷ ଲାଗିଯାଇଛି। ପ୍ରଥମେ ସେ ୮ଟି କୁଣ୍ଡରେ ଗଛ ଲଗାଇଥିଲେ ଯାହା ଏବେ ୪ ହଜାରରେ ପହଞ୍ଚିଛି। ଗଛପ୍ରିୟ ରାମବିଳାସ ଶୁଖିଲାପତ୍ର, କିଚେନ ୱେଷ୍ଟରୁ ଜୈବିକ ଖତ ପ୍ରସ୍ତୁତ କରି ଗଛରେ ଦେଉଛନ୍ତି। ସେ ଏଭଳି ବଡ଼ ବଗିଚା କରିବା ଲାଗି ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଶିକ୍ଷା ଦେଉଛନ୍ତି ଓ ତାଙ୍କ ସ୍ଲୋଗାନ ରଖିଛନ୍ତି 'ଜୈବିକ ଚାଷ ଓ ଜୈବିକ ଖାଦ୍ୟ'।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୭

- ''ସଦାମ ବୃହତ୍ ମସଜିଦ୍'' ନାମରେ ବିଶ୍ୱର ସର୍ବବୃହତ ମସଜିଦ୍ ନିର୍ମାଣ ପାଇଁ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ଅନୁମତି ପ୍ରଦାନ।
- ଗୁଜରାଟ ପରିବେଶ ରାଷ୍ଟ୍ରମନ୍ତ୍ରୀ ପଦରୁ ଉପେନ୍ଦ୍ର ସିଂ ଗୋହିଲଙ୍କ ଇସ୍ତଫା ପ୍ରଦାନ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନଙ୍କୁ ନିଜର ସମସ୍ତ ପ୍ରକାର ଶାସନ ଓ ଆଇନ ବ୍ୟବସ୍ଥା ପରିଚାଳନା ପାଇଁ କ୍ଷମତା ଦେବା ନିମନ୍ତେ ବିଧାନସଭାରେ ଓଡ଼ିଶା ଗ୍ରାମ ପଞ୍ଚାୟତ ସଂଶୋଧନ ବିଲ୍ ଗୃହୀତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | 7 | | | | | 9 | | 1 |
| | 2 | | | 6 | 8 | | | 4 |
| | 1 | | | 8 | 5 | | 2 | |
| | | 8 | 7 | 1 | | | | |
| 5 | | 7 | | 2 | 6 | 1 | | |
| 7 | | | 9 | | | | | 5 |
| | | | | | | | | |
| 4 | 6 | | | | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 7 | 1 | 5 | 2 | 9 | 8 |
| 8 | 1 | 9 | 4 | 2 | 3 | 5 | 6 | 7 |
| 7 | 2 | 5 | 6 | 8 | 9 | 3 | 4 | 1 |
| 1 | 5 | 4 | 9 | 7 | 2 | 6 | 8 | 3 |
| 9 | 6 | 2 | 5 | 3 | 8 | 7 | 1 | 4 |
| 3 | 7 | 8 | 1 | 6 | 4 | 9 | 5 | 2 |
| 6 | 4 | 3 | 2 | 9 | 1 | 8 | 7 | 5 |
| 2 | 9 | 1 | 8 | 5 | 7 | 4 | 3 | 6 |
| 5 | 8 | 7 | 3 | 4 | 6 | 1 | 2 | 9 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଶା ନିପାତ କେବେ

ମହାଶୟ,

ସହରାଞ୍ଚଳ ମଶାଙ୍କ ନିପାତ ନିମନ୍ତେ ମହାନଗର ନିଗମ/ପୌରପାଳିକା/ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମଶାତେଲ, ମଶାମରା ବାଷ୍ପ ପ୍ରୟୋଗ କରାଯାଉଛି। ସହରର ପରିଷ୍କାର ପରିଚ୍ଛନ୍ନ ପରିବେଶ ନିମନ୍ତେ ଚେଷ୍ଟା କରାଯାଉଥିବା ବେଳେ ଗ୍ରାମାଞ୍ଚଳ ପ୍ରତି ଧ୍ୟାନ ଦିଆଯାଉନାହିଁ। ଗାଁରେ ଅପରିଷ୍କାର ପରିବେଶ ଏବଂ ଗଡ଼ିଆ ପୋଖରୀ, ଚାଷ ଜମି ରହିଥିବାରୁ ମଶାଙ୍କର ବଂଶ ବୃଦ୍ଧି ଘଟି ଜନସାଧାରଣ ଓ ଶିଶୁମାନେ ରୋଗାକ୍ରାନ୍ତ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକମାନେ ଘରେ ସର୍ବଦା ମଶାଧୂପ ଲଗାଇବା ସହିତ ଦିନରେ ମଶାରି ଟାଣି ଶୋଉଛନ୍ତି। ଆଉ ପୂର୍ବପରି ଡିଡିଟି ସିଞ୍ଚନ ହେଉନାହିଁ। ପଞ୍ଚାୟତ ତଥା ବ୍ଲକ ନିକଟରେ ମଶାମରା ନିମନ୍ତେ ସାଧନ ନାହିଁ। ଏଣୁ ଅନୁରୋଧ ସହରବାସୀ ଓ ଗ୍ରାମାଞ୍ଚଳବାସୀଙ୍କ ପ୍ରତି ସମାନ ଦୃଷ୍ଟି ଦେଇ ମଶାଙ୍କ ଉତ୍ପାତରୁ ଗ୍ରାମାଞ୍ଚଳବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ କବଳରୁ ରକ୍ଷା କରାଯାଉ।

– ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।

(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିକାଶ ଦେଖିବ ବତିଘର

କେନ୍ଦ୍ରାପଡ଼ା ଅଫିସ, ୧୦।୧୨




- ସିଆର୍‌ଜେଡ୍ ଅଥରିଟି ଅନୁମତି ପାଇଁ ଚିଠି ହୋଇଛି
- ୧୮୫ ବର୍ଷ ଧରି ଦେଖାଉଛି ଆଲୋକ
- ଯୋଗାଯୋଗ ବିଚ୍ଛିନ୍ନ କରୁଛି ଖରିନାସୀ ସେତୁ



ଏକାନ୍ତ ଭାବେ ଛିଡ଼ା ହୋଇଥିବା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଫଲ୍‌ସ ପଏଣ୍ଟର ବତିଘର ଏବେ ବିକାଶ ଦେଖିବ। ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ଗ୍ୟାଲେରି, ଜେଟି ନିର୍ମାଣ, ବିଶ୍ରାମ ଓ ଯାତ୍ରୀନିବାସ ସହ ସ୍ଥାନୀୟ ଲୋକସଂସ୍କୃତିକୁ ନେଇ ବଜାର ସୃଷ୍ଟି ହେବ। ସମସ୍ତ ସ୍ଥାନରେ ସୌର ବିଦ୍ୟୁତ୍ କାର୍ଯ୍ୟକାରୀ ହେବ। ପ୍ରାୟ ୧୦ ହଜାର କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବତିଘରର ବିକାଶ ପିପିପି ମୋଡ୍‌ରେ ହେବ ବୋଲି ଶୁକ୍ରବାର କେନ୍ଦ୍ର ବେସାମରିକ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କୋଷ୍ଟାଲ ରେଗୁଲେଶନ ଜୋନ୍(ସିଆରଜେଡ୍)ରେ ଥିବାରୁ ଅନୁମତି ପାଇଁ ଅଥରିଟି କାର୍ଯ୍ୟାଳୟକୁ ଚିଠି ହୋଇଥିବା କେନ୍ଦ୍ରମନ୍ତ୍ରୀ ସୋନୋୱାଲ ସୂଚନା ଦେଇଛନ୍ତି। ଓଡ଼ିଶାର ପାରାଦୀପ, ଗୋପାଳପୁର, ଚନ୍ଦ୍ରଭାଗା, ପୁରୀ ଓ ଫଲ୍‌ସ ପଏଣ୍ଟ ବତିଘର ସହ ଦେଶର ୬୫ଟି ବତିଘର ସାଗରମାଳା ଯୋଜନାରେ ବିକଶିତ ହେବ ବୋଲି ଏଥିରେ ସୂଚନା ମିଳିଛି। ତେବେ ଫଲ୍‌ସ ପଏଣ୍ଟ ବତିଘରକୁ ଛାଡ଼ି ଓଡ଼ିଶାର ଅନ୍ୟ ୪ ବତିଘରକୁ ଯୋଗାଯୋଗ ରାସ୍ତା ସହ ପର୍ଯ୍ୟଟନ ପାଇଁ କ୍ଷେତ୍ର ଅଛି। ଏଥିପାଇଁ ପ୍ରତିବର୍ଷ ସେହିସ୍ଥାନକୁ ପର୍ଯ୍ୟଟକଙ୍କ ଗସ୍ତ ଦ୍ରୁତଗତିରେ ବଢୁଥିବା ବେଳେ ଫଲ୍‌ସ ପଏଣ୍ଟ ବତିଘର ପାଇଁ ଖରିନାସୀ ସେତୁ ବାଧକ ସାଜିଛି। ଅପରପକ୍ଷରେ ବିକାଶ ଅପେକ୍ଷାରେ ଥିବା ଫଲ୍‌ସ ପଏଣ୍ଟ ବତିଘରଠାରେ ହେନ୍ତାଳ ବଣ, ଲୁଣା କୁମ୍ଭୀର, ସାମୁଦ୍ରିକ ଓ ବନ୍ୟ ଜୀବଙ୍କ ସମାହାର ଦେଖିବାକୁ ମିଳିବ। ସଦର ମହକୁମାଠାରୁ ମାତ୍ର ୪୫ କି.ମି. ଦୂର ଖରିନାସୀ ନଦୀକୂଳରେ ଏହି ବତିଘର ଅଛି। ଭାରତର ପୂର୍ବତଟରେ ପ୍ରଥମଥର ପାଇଁ ଏହି ବତିଘର ନିର୍ମାଣ ୧୮୧୯ ମସିହାରେ ଆରମ୍ଭ ହୋଇ ୧୮୨୬ରେ ଶେଷ ହୋଇଥିଲା। ତେବେ କେତେକ କାରଣରୁ ପ୍ରକଳ୍ପଟି ଭାଙ୍ଗିଯିବାରୁ ଏହାର ପୁନଃ ନିର୍ମାଣ ୧୮୩୭ରେ ହୋଇଥିଲା। ୧୮୩୭ ଅକ୍ଟୋବର ୧୬ରେ ପେଟ୍ରୋଲିୟମ ଗ୍ୟାସ୍ ଦ୍ୱାରା ଏହା ଆଲୋକିତ ହୋଇଥିଲା। ୧୮୮୦ରେ ବେଙ୍ଗଲର ଲେଫ୍ଟନାଣ୍ଟ ଗଭର୍ନର ସାର ଆସଲେ ଇଡେନ ନୂଆ ଲାଇଟ୍ ଡିଓପିଟ୍ରିଆକୁ ଉଦ୍‌ଘାଟନ କରିଥିଲେ। ବିଗତ ଦଶନ୍ଧିଗୁଡ଼ିକରେ ଏଠାରେ ଜେନେରେଟର ମାଧ୍ୟମରେ ଆଲୋକ ବ୍ୟବହାର ହେଉଥିବା ବେଳେ ଏବେ ସେହି ସ୍ଥାନରେ ବିଦ୍ୟୁତ୍ ବ୍ୟବସ୍ଥା ହୋଇଛି। ପ୍ରାୟ ୧୨୫ ମିଟର ଉଚ୍ଚତା ବିଶିଷ୍ଟ ଏହି ବତିଘର ନିର୍ମାଣରେ କଟକସ୍ଥିତ ବାରବାଟୀ ଦୁର୍ଗର ପଥର ଲାଗିଛି। ଏହି ବତିଘର ପରିସରରେ କେତେଜଣ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ପଥରନିର୍ମିତ ପୁରାତନ କବର ଓ କୂଅ ଅଛି। ହେନ୍ତାଳ ବଣ ପରିବେଷ୍ଟିତ ଏହି ବତିଘର କେନ୍ଦ୍ରାପଡ଼ା ଜିଲାରେ ଏକ ଦ୍ୱୀପ ପରି, ଯାହାର ଚାରିପଟେ ଜଳ ଘେରି ରହିଛି। ମୃତ୍ତିକା ଓ ତଟକ୍ଷୟ ଏହି ସ୍ଥାନକୁ ସଂକୁଚିତ କରୁଛି। ପ୍ରଶାସନର ଅଣଦେଖାରୁ ଏଠାରେ ଏବେ ଅନୁପ୍ରବେଶକାରୀ ଓ ଚିଙ୍ଗୁଡି ଘେରି ସଂଖ୍ୟା ବଢ଼ିଛି। ସ୍ଥାନଟି ବିକଶିତ ହେଲେ ପର୍ଯ୍ୟଟନ ଶିଳ୍ପରୁ ଜିଲାବାସୀଙ୍କୁ ଫାଇଦା ସହିତ ଆତ୍ମନିଯୁକ୍ତି ମିଳିବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ଡେରାବିଶ,୧୦।୧୨(ସ୍ୱ.ପ୍ର.)


ଯବାନ ସଞ୍ଜୀ କୁମାର ବାରିକ

ଜମ୍ମୁ-କଶ୍ମୀରରେ କାର୍ଯ୍ୟରତ ଥିବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଖମୋଳ ଗାଁର ବିଏସ୍‌ଏଫ୍ ଯବାନ ସଞ୍ଜୀବ କୁମାର ବାରିକ (୪୪)ଙ୍କ ବୁଧବାର ବିୟୋଗ ଘଟିଥିଲା। ସଞ୍ଜୀବଙ୍କ ମରଶରୀର ବିମାନ ଯୋଗେ ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଖୋର୍ଦ୍ଧାସ୍ଥିତ ବିଏସ୍‌ଏଫ୍ ସେକେଣ୍ଡ ବାଟାଲିଅନ୍ ପକ୍ଷରୁ ମୃତ ଶରୀରକୁ ଗ୍ରହଣ କରାଯାଇ ଜନ୍ମମାଟି ଖମୋଳ ଗାଁକୁ ଅଣାଯାଇଥିଲା। ଶନିବାର ସକାଳେ କେନ୍ଦ୍ରାପଡ଼ା ଜିଲା ପୋଲିସ ଓ ଖୋର୍ଦ୍ଧା ବିଏସ୍‌ଏଫ୍‌ର ସେକେଣ୍ଡ ବାଟାଲିଅନ୍ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମି ସଞ୍ଜୀବଙ୍କୁ ଦିଆଯାଇଥିଲା। ପରେ ତାଙ୍କ ଶେଷକୃତ୍ୟ ଗାଁ ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ଦୀର୍ଘ ୩ ଦିନ ହେବ ସଞ୍ଜୀବଙ୍କ ମରଶରୀରକୁ ଅଶ୍ରୁପୂର୍ଣ୍ଣ ନୟନରେ ପରିବାର ଓ ଗ୍ରାମବାସୀ ଚାହିଁ ବସିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସଞ୍ଜୀବଙ୍କ ମରଶରୀର ଦେଖିବାକୁ ପାଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ଶନିବାର ଭୋରୁ ସଞ୍ଜୀବଙ୍କ ଘର ଲୋକାରଣ୍ୟ ହୋଇଯାଇଥିଲା। ଦେଶମାତୃକାକୁ ରକ୍ଷା କରିବାକୁ ଯୋଦ୍ଧା ଭାବେ ଯୋଗ ଦେଇଥିବା ସଞ୍ଜୀବ ମଙ୍ଗଳବାର ନିଜ ମସ୍ତିଷ୍କରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ସ୍ଥାନୀୟ ଜାମ୍ମୁ-କଶ୍ମୀରସ୍ଥିତ ସେନା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସଞ୍ଜୀବଙ୍କ ବିୟୋଗରେ ଚାନ୍ଦୋଳ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର, ଅଧ୍ୟାପକମାନଙ୍କ ଦ୍ୱାରା ସ୍ମୃତିସଭା କରାଯାଇଥିଲା। ଜଣେ ପୁରାତନ ଛାତ୍ର ଓ ଦୁଃସାହସୀ ସହମିଷ୍ଟଭାଷୀ ସଞ୍ଜୀବଙ୍କ ଏପରି ଅକାଳ ବିୟୋଗକୁ ସ୍ଥାନୀୟ ଅଞ୍ଚଳରେ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି।

## ଜିଲା ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

କଳିଙ୍ଗନଗର,୧୦।୧୨(ଡି.ଏନ.ଏ.)

ଯାଜପୁର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଟାଟା ଷ୍ଟିଲ୍ ସହଯୋଗରେ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ୨୭ମ ଜିଲା ଆଥେଲେଟିକ ମିଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ୍‌ର ଓଡ଼ିଶା ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉପସଭାପତି ହାରାଧାନ ବାନାର୍ଜୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ନିରଞ୍ଜନ ପୃଷ୍ଟି ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ମନୀନ୍ଦ୍ର ଧଳ ଧନ୍ୟବାଦ ଦେଇଥିଲେ। ୩ ଦିନ ଧରି ଚାଲିଥିବା ଏହି ମିଟରେ ୫୦୦ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଚିତ୍ତରଞ୍ଜନ ମହାପାତ୍ର ଖେଳକୁ ସଂଯୋଜନା କରିଥିଲେ।

## ଭଙ୍ଗା କୁଡ଼ିଆରେ ଅଲେଖଙ୍କ ପରିବାର

ସିଂହପୁର,୧୦।୧୨(ଡି.ଏନ.ଏ.)

### ମୌଳିକ ସୁବିଧା ମିଳି ପାରୁନାହିଁ

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଜରି ପଞ୍ଚାୟତ ଜରି ଗ୍ରାମ ତୋଟା ସାହିର ଅଲେଖ ମଳିକଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ତାଙ୍କ ପରିବାର ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି। ଅଲେଖଙ୍କ ପରିବାର କହିଲେ ସ୍ତ୍ରୀ ଓ ଗୋଟିଏ ପୁଅ। ଅଲେଖ ଏବେ ଟିବି ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ହେଲା ଚିକିତ୍ସିତ ହେଉଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଭଙ୍ଗା କୁଡ଼ିଆରେ ରହିଥିଲେ ମଧ୍ୟ ଆବାସ ଯୋଜନା ତାଲିକାରେ ନାଁ ନ ଥିବାରୁ କେବେ ଘର ମିଳିବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଆଜି ପର୍ଯ୍ୟନ୍ତ ରାଶନ କାର୍ଡଟିଏ ମିଳି ପାରିନାହିଁ। ଅଲେଖ ଅଧିକାଂଶ ଦିନ କାମ କରି ପାରୁ ନ ଥିବାରୁ ପରିବାର ଉପାସ ରହୁଥିବା ସେ କହିଛନ୍ତି। ସରକାରୀ ଚାକିରିଆ ଓ ଥିଲାବାଲା ଲୋକ ରାଶନ କାର୍ଡ ହାତଉଥିବା ବେଳେ ଏପରି ଗରିବ ବାଦ ପଡ଼ିବା ଆଶ୍ଚର୍ଯ୍ୟର କଥା। ସେହିପରି ମାଗଣା ବିଦ୍ୟୁତ୍ ଯୋଜନାରେ ସାମିଲ ହୋଇ ନ ଥିବାରୁ ଲଣ୍ଠନ ଆଲୁଅରେ ପରିବାର ଲୋକଙ୍କ ରାତି କଟୁଛି। ତେଣୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବାକୁ ଅଲେଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।


ଭଙ୍ଗା କୁଡ଼ିଆ ଆଗରେ ଅଲେଖଙ୍କ ପରିବାର।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭିଜିତ


@ ସୁଜିତ


@ ସ୍ୱିଟି



@ ଏସ୍. ରୁଦ୍ର


@ ରଜତ


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନାରେ ଧାରଣା



ଥାନା ଆଗରେ ଯୁବ ଭାଜପାର କର୍ମୀମାନେ ଧାରଣା ଦେଇଛନ୍ତି।

ଯାଜପୁର ଟାଉନ, ୧୦।୧୨(ଡି.ଏନ.ଏ.):

### ପଦ୍ମପୁର ପରାଜୟ ପରେ ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ଓ ଘର ଭିତରେ ବାଣଫୁଟା

ବରଗଡ଼ ଜିଲାର ପଦ୍ମପୁର ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହୋଇଛି। ଭାଜପାର ଶୋଚନୀୟ ପରାଜୟ ହୋଇଛି। ତେବେ ପଦ୍ମପୁର ପରାଜୟର ପ୍ରଭାବ ଯାଜପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏଠାରେ ୨ ଜଣ ଭାଜପା କର୍ମୀଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରକର୍ମୀ ଆକ୍ରମଣ କରିବା ସହ ସେମାନଙ୍କ ଘରେ ପଶି ଜୋର ଜବରଦସ୍ତ ବାଣ ଫୁଟାଇଛନ୍ତି। ତେଣୁ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଯାଜପୁର ଯୁବ ଭାଜପାର କର୍ମୀମାନେ ଥାନାରେ ଆଗରେ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ପୌରାଞ୍ଚଳର ବୈଦ୍ୟରାଜପୁର ଗ୍ରାମର ଭାଜପା କାଉନସିଲର ପ୍ରାର୍ଥିନୀ ବର୍ଷାରାଣୀ ସାହୁଙ୍କ ଘରେ ପଶି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ କୁହାଯାଉଥିବା କିଛି ଯୁବକ ବର୍ଷାରାଣୀଙ୍କୁ ଦୁର୍ବ୍ୟବହାର କରିବା ସହିତ ତାଙ୍କ ସ୍ୱାମୀ ରାଜୁ ସାହୁଙ୍କୁ ଆକ୍ରମଣ କରିଥିଲେ। ସଂଘବଦ୍ଧ ଆକ୍ରମଣରେ ରାଜୁ ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୨୯୪, ୩୨୩, ୫୦୭ ଏବଂ ଆଇପିସି ୩୪ ଅନୁଯାୟୀ ଏକ ମାମଲା ନଂ.୪୪୯/୨୨ ରୁଜୁ କରିଛି। ସେହିପରି ବିଚିତ୍ରପୁରର ଜଣେ ଭାଜପା କର୍ମୀ ଘରେ ନ ଥିବାବେଳେ ତାଙ୍କ ଘର ଭିତରେ ପଶି ବୁଢ଼ା ବାପାଙ୍କ ବେଡରୁମ୍‌ରେ କୁଆଡେ ବାଣ ଫୁଟାଇବା ସହିତ ଗଣ୍ଡଗୋଳ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଅଭିଯୋଗର ୨୪ ଘଣ୍ଟା ପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ତେଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବାବୁନି ରାଜ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ ବିଶ୍ୱାଳ, ଆକ୍ରମଣର ଶିକାର ହୋଇଥିବା ରାଜୁ, ଏତଲାକାରିଣୀ ବର୍ଷାରାଣୀ, ଭାଜପା ସଂଗଠକ କୁଳମଣି ପରିଡ଼ା, ଜୟନ୍ତ ସାହୁ, ପ୍ରଶାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ରଞ୍ଜିତ ଦାସ, ଦୀପକ ବେହେରା, ରଶ୍ମିରେଖା ସାହୁ, ଶକ୍ତିସୌରଭ ମହାପାତ୍ର, ସୁଦାମ ପରିଡ଼ାଙ୍କ ସମେତ ବହୁ କର୍ମୀ ଥାନା ଆଗରେ ଗଣ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରି ଯାଇଥିଲେ।

## ସତ୍ୟସାଇ କ୍ରିକେଟ୍ ଉଦ୍‌ଘାଟିତ: ଗୋଲକୁଣ୍ଡ ବିଜୟୀ

ବ୍ରହ୍ମବରଦା,୧୦।୧୨(ଡି.ଏନ.ଏ.)

ଯାଜପୁର ବ୍ଲକ୍ ଅନ୍ତର୍ଗତ ଖାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ଗ୍ରାମର ସତ୍ୟସାଇ ହାଇସ୍କୁଲ ଖେଳପଡ଼ିଆରେ ୪୦ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ନିର୍ମଳ ସାମଲ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପତିତପାବନ ସାମଲ, ହେମନ୍ତ ସାହୁ, ନିରଞ୍ଜନ ଜେନା, ପ୍ରିୟନାଥ ରାଉତ ଓ କଳ୍ପନା ସାହୁ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପିସିସି ପାରାଦୀପ ଓ ବିଏମ୍‌ସିସି ଗୋଲକୁଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ସିସି ଗୋଲକୁଣ୍ଡ ବିଜୟୀ ହୋଇଛି।

ପିସିସି ପାରାଦୀପ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅଭିଷେକ ଏମ୍‌ଏନ୍‌ଆର୍ ରାଜ କୁମାର ୧୯ ବଲ ଖେଳି ୩୦ ରନ ଓ ଜ୍ୟୋତିରଞ୍ଜନ ରାଉତରାୟ ୨୨ ବଲ ଖେଳି ୨୫ ରନ ସଂଗ୍ରହ କରିଥିଲେ। ବିଏମ୍‌ସିସି ଗୋଲକୁଣ୍ଡ ୨୩.୩ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଅଭିଳାଷ ବିଶ୍ୱାଳ ୩୯ ବଲ ଖେଳି ୪୯ରନ ଓ ଜ୍ୟୋତିରାଜ ମଲ୍ଲିକ ୫୫ ବଲ ଖେଳି ୩୫ ରନ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଅଭିଳାଷ ବିଶ୍ୱାଳଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଥିଲା। ଖେଳକୁ ଜ୍ଞାନରଞ୍ଜନ ସ୍ୱାଇଁ ଓ ଗୋପୀନାଥ ବେହେରା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ମଣ୍ଟୁ ଦାସ, ଅରୁଣ ପତି, ଶ୍ରଦ୍ଧାସୁମନ ସାହୁ, ସ୍କୋରର ଭାବେ ଚିନ୍ମୟ ଦଳେଇ, ବିରଞ୍ଚିନାରାୟଣ ସାହୁ, ସୁନୀଲ ଜେନା, ବଳରାମ ସାହୁ, ଉତ୍କଳ ଜେନା, ହେମନ୍ତ ସାହୁ, ଦିଲ୍ଲୀପ ଜେନା, ରଞ୍ଜିତ ନାୟକ ଓ ପ୍ରିୟନାଥ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

## ନଦୀପଠାରୁ ଗଛକଟା ଘଟଣାର ତଦନ୍ତ

ପାଣିକୋଇଲି,୧୦।୧୨(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ମୌଜାରୁ ରାତିଅଧିଆ ଶତାଧିକ ଗଛ କଟାଯିବା ନେଇ ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି ଓ ଥାନାଧିକାରୀ ଚିନ୍ମୟୀ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ଓ ନିର୍ମାଣାଧୀନ ରାସ୍ତା କାର୍ଯ୍ୟର ତଦନ୍ତ କରିଥିଲେ। ଗଛ ଲଗାଯାଇଥିବା ପ୍ଲଟର ସତତ୍ୟା ଉପରେ ମାପ କରାଯାଇ ଯାଞ୍ଚ କରାଯାଇଥିଲା। ଘଟଣାସ୍ଥଳରେ ଅଭିଯୋଗକାରୀ ଗୋଷ୍ଠୀ ଓ ରାସ୍ତା ନିର୍ମାଣକାରୀ ଗୋଷ୍ଠୀର ଶତାଧିକ ଲୋକ ରୁଣ୍ଡ ହୋଇଥିଲେ।

ଆଇନ ଶୃଙ୍ଖଳା ପରିସ୍ଥିତ ସୃଷ୍ଟି ହେବାକୁ ଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ତଦନ୍ତ ପରେ ପୋଲିସ ଓ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଫେରିଆସିଥିଲେ, ଯାହାକୁ ନେଇ ସାଧାରଣରେ ଉତ୍ତେଜନା ଓ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଗଛ କଟା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନ ନେଇ ବିଳମ୍ବିତା ତଦନ୍ତକୁ ଅନେକ ଗ୍ରହଣ କରିପାରି ନ ଥିଲେ। ଏନେଇ ତହସିଲଦାର ଓ ପୋଲିସକୁ ଘଟଣା ସମ୍ପର୍କରେ ପଚାରିବାରୁ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବାଲି ଖାଦାନକୁ ରାସ୍ତା ନିର୍ମାଣ ପାଇଁ ଫଳନ୍ତି ଗଛ ସହ ତାର ବାଡ଼ାକୁ ନଷ୍ଟ କରାଯାଇଥିବା ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।


ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।

# ଲୋକଙ୍କୁ ନ୍ୟାୟ ପାଇଁ ବେଞ୍ଚ୍, ବାର ମଧ୍ୟରେ ସମନ୍ୱୟ ରହୁ

**ମାରାଥନ ଉଦ୍‌ଘାଟନ, ଶିଳାନ୍ୟାସ**

■ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନୟାଗଡ଼ ଗସ୍ତ

ନୟାଗଡ଼ ଅଫିସ,୧୦।୧୨

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତ ଏସ୍. ମୁରଲୀଧର, ଜଷ୍ଟିସ୍ ତଥା ଗୃହ ନିର୍ମାଣ କମିଟି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧ୍ୟକ୍ଷ ବି.ଆର. ଷଡ଼ଙ୍ଗୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ବିଚାର ବିଭାଗୀୟ ପ୍ରଶାସନିକ ନ୍ୟାୟାଧୀଶ ନୟାଗଡ଼ ଜିଲା ଭି. ନରସିଂହ ନୟାଗଡ଼ ଜିଲା ଗସ୍ତରେ ଶନିବାର ଆସି ମାରାଥନ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଭାପୁର ବ୍ଲକରେ ନୂତନ କୋର୍ଟ ଗୃହ, ଅଧିକାରୀମାନଙ୍କ ବାସଗୃହ, ଟ୍ରାନ୍‌ଜିଟ୍ ହାଉସ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭାରେ କର୍ମଚାରୀ, ଅଧିବକ୍ତା ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହାପରେ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ ସାରି ଗଣିଆଠାରେ ନୂତନ କୋର୍ଟ ଗୃହ ପାଇଁ ଶିଳାନ୍ୟାସ କରିଥିଲେ। ଅପରାହ୍ଣ ୧ଟାରେ ଦଶପଲ୍ଲା ପହଞ୍ଚି ସେଠାରେ ବାର ଆସୋସିଏଶନ ତଥା କ୍ୟାଣ୍ଟିନ ଗୃହ ଏବଂ ଟ୍ରାନ୍‌ଜିଟ୍ ଗୃହର ଶିଳାନ୍ୟାସ କରି ଏକ ସାଧାରଣ ସଭାରେ ଦଶପଲ୍ଲାବାସୀ, ଅଧିବକ୍ତା ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଅପରାହ୍ଣରେ ନୟାଗଡ଼ ପହଞ୍ଚି ବିଚାର ବିଭାଗୀୟ କର୍ମଚାରୀଙ୍କ ନିମନ୍ତେ ୫୪୫.୨୫ ଲକ୍ଷ ବ୍ୟୟରେ ନିର୍ମିତ ୩୨ଟି ନୂତନ ବାସଗୃହର ଉଦ୍‌ଘାଟନ କରିଥିଲେ। ପରେ ଜିଲା ଜଜ୍‌କୋର୍ଟ ପରିସରରେ ୯୧୭.୯୦ ଲକ୍ଷ ବ୍ୟୟରେ ୪୪ଟି ଇ' ଟାଇପ୍ ଷ୍ଟାଫ୍ କ୍ୱାର୍ଟର୍ସ, ୪୭୦.୯୧ ଲକ୍ଷ ବ୍ୟୟରେ ବାର ଆସୋସିଏଶନ ତଥା ଆମେନିଟି କେନ୍ଦ୍ର, ୪୧୬.୯୯ ଲକ୍ଷ ବ୍ୟୟରେ ଟ୍ରାନ୍‌ଜିଟ୍ ଗୃହ, ୧୭୭.୨୩ ଲକ୍ଷ ଟଙ୍କାରେ ମାଲଖାନା ଗୃହର ଶିଳାନ୍ୟାସ ପରେ ଏକ ସାଧାରଣ ସଭାରେ ବିଚାରପତିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବିଚାରପତି ମୁରଲୀଧର ନିଜ ବକ୍ତବ୍ୟରେ କହିଥିଲେ ସାଧାରଣ ଲୋକ ନ୍ୟାୟ ପାଆନ୍ତୁ। ଏଥିପାଇଁ ବାର ଓ ବେଞ୍ଚ୍ ସମନ୍ୱୟ ରଖି ଚଳନ୍ତୁ। କୌଣସି ମହକିଲ କୋର୍ଟରୁ ନ୍ୟାୟ ନ ପାଇ ନ ଫେରନ୍ତୁ। ସାଧାରଣ ସଭାରେ ସ୍ଥାନୀୟ ବାର ଆସୋସିଏଶନର ସଭାପତି ଦଣ୍ଡପାଣି ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସ୍ୱଦେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପରିଚାଳନା କରିଥିଲେ ଆଇନଜୀବୀ ମନୋରଞ୍ଜନ ମହାପାତ୍ର। ରେଜିଷ୍ଟ୍ରାର ଜେନେରାଲ ପଶ୍ଚିମ କବାଟ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲୀଧର ନୟାଗଡ଼ଠାରେ ବିଚାର ବିଭାଗୀୟ କର୍ମଚାରୀଙ୍କ ନୂତନ ବାସଗୃହର ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୧୬ରେ ପଠାଣି ସାମନ୍ତଙ୍କ ଜୟନ୍ତୀ

**ଖଣ୍ଡପଡ଼ା,୧୦।୧୨(ସ୍ୱ.ପ୍ର.):** ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ପଠାଣି ସାମନ୍ତଙ୍କ ୧୮୮ ତମ ଜୟନ୍ତୀ ଉତ୍ସବ ଜନ୍ମମାଟି ଖଣ୍ଡପଡ଼ାରେ ଆସନ୍ତା ୧୬ ତାରିଖରେ ପାଳିତ ହେବ। ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ 'ମୁଁ ବଘେଲ ସାମାଜିକ ଓ ସାଂସ୍କୃତିକ' ଅନୁଷ୍ଠାନ ପକ୍ଷରୁ ଓ ସରସ୍ୱତୀ ଶିଶୁମନ୍ଦିର ପରିସରରେ ପଠାଣି ସାମନ୍ତ ମେମୋରିଆଲ ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସାମନ୍ତଙ୍କ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଆୟୋଜକଙ୍କଠାରୁ ପ୍ରକାଶ। ଏ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨ଟି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ନୀଳମାଧବ ଜୀଉଙ୍କୁ ଦର୍ଶନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

**ଖଣ୍ଡପଡା,୧୦।୧୨(ସ୍ୱ.ପ୍ର.):** ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଏସ୍ ମୁରଲୀଧର ଶନିବାର ପୂର୍ବାହ୍ଣରେ ଭାପୁର ଗସ୍ତରେ ଆସି ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରି ଫେରିଯାଇଛନ୍ତି। ତାଙ୍କ ସହ ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ବିଚାରପତି ତଥା ନୟାଗଡ ଜୋନ ପ୍ରଶାସନିକ ଜଜ୍‌ସିପ ଭି. ନରସିଂହ, ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ରେଜିଷ୍ଟ୍ରାର ଭିଜିଲାନ୍ସ ଦକ୍ଷିଣ କବାଟ, ନୟାଗଡ଼ ଜିଲାଜଜ୍ ରୂପଶ୍ରୀ ଚୌଧୁରୀ ଓ ଖଣ୍ଡପଡ଼ା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାଶ ପ୍ରମୁଖଙ୍କ ସହ ଜିଲା ପଦସ୍ଥ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ସର୍କଲ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଖଣ୍ଡପଡ଼ା ଆଇଆଇସି ରମେଶ କୁମାର ଦେବତାଙ୍କ ଉପସ୍ଥିତିରେ ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ କରାଯାଇଥିଲା।

# ବିଜ୍ଞାନ ମେଳାରେ ୧୫୧ ପ୍ରକଳ୍ପ

ନୟାଗଡ଼ ଅଫିସ,୧୦।୧୨

ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ବିଜ୍ଞାନ ମେଳାରେ ୧୫୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସକାଳ ୧୦ଟାରେ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା ବେଳେ ଅପରାହ୍ଣ ୨ଟାରେ ଶରଣକୁଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନୟାଗଡ଼ ଜିଲା ସଂସ୍କୃତ ବିକାଶ ପରିଷଦର ଅଧ୍ୟକ୍ଷ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରଥମ ମହିଳା ଆର୍କିଟେକଚର ଇଂ. ଗୀତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ବଢି ଚାଲିଛି। ଅନ୍ୟପକ୍ଷେ ପ୍ରତ୍ୟେକ ଅଭିଭାବକମାନେ ନିଜ ପିଲାମାନଙ୍କୁ ଉପଯୁକ୍ତ ସଂସ୍କାରରେ ଗଢିବାକୁ ନିବେଦନ କରିଥିଲେ। ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଖେଳାଳିମାନଙ୍କୁ ପୁରସ୍କାର ବିତରଣ ହୋଇଥିଲା। ଶିଶୁ ଦିବସରେ ଅନୁଷ୍ଠିତ ହୋଇଥିବା କୌତୁକ ପୋଷାକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ବିଜ୍ଞାନ ମେଳା ପ୍ରକଳ୍ପଗୁଡିକୁ ମୂଲ୍ୟାୟନ କରିବାକୁ ଲେଙ୍କୁଡିପଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାଣିକେଶ୍ୱର ସ୍ୱାଇଁ, ପିଣ୍ଡିକେଶ ଆଞ୍ଚଳିକ ମହାବିଦ୍ୟାଳୟର ଜୀବ ବିଜ୍ଞାନ ଅଧ୍ୟାପକ ଆଲୋକ ଚନ୍ଦ୍ର ସାମନ୍ତରାୟ, ସିଆରସିସି ପ୍ରଦୀପ କୁମାର ସାହୁ ଓ ଦୁର୍ଗାକାନ୍ତ ଆଚାର୍ଯ୍ୟ ଯୋଗଦେଇ ପ୍ରକଳ୍ପଗୁଡିକୁ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।


ମେଳାରେ ପିଲାମାନେ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# ଗଣିଆରେ ନୂତନ କୋର୍ଟ ଭିତ୍ତିପ୍ରସ୍ତର ସ୍ଥାପନ

ଗଣିଆ, ୧୦।୧୨(ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକରେ ନୂତନ ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ନିର୍ମାଣ ନେଇ ଶନିବାର ଗଣିଆ ବ୍ଲକ କରଡାପଡ଼ା ପଞ୍ଚାୟତ ରଗଡ଼ି ସାହିଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଏସ୍. ମୁରଲିଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ବିଚାରପତି ବି.ଆର. ଷଡ଼ଙ୍ଗୀ, ଓ ବିଚାରପତି ଭି. ନରସିଂହ, ନୟାଗଡ଼ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ଗଣିଆ ଆଇନଜୀବୀ, ଗଣିଆ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆଇନଜୀବୀ ସୁଦାମ ପରିଡ଼ା, ମାନସ ମହାକୁଡ଼, ମହେଶ୍ୱର ବାରିକି, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ସିରିଆଲ ଶୁଭ୍ର ପଟେଲ, ତହସିଲଦାର କିଶୋର କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।


ହାଇକୋର୍ଟ ମୁଖ୍ୟ ବିଚାରପତି ଗଣିଆରେ କୋର୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ନେଇ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୧୦।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ନେଇ ଏକ ପ୍ରସ୍ତୁତି ବୈଠକ ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ବିଇଓ ଜୟନ୍ତୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଆସନ୍ତା ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାଠାରେ ଅନୁଷ୍ଠିତ ହେବାକୁଥିବା ହକି ପୁରୁଷ ବିଶ୍ୱକପ୍-୨୦୨୩କୁ ପ୍ରୋତ୍ସାହିତ କରିବାକୁ ସମଗ୍ର ରାଜ୍ୟର ବିଦ୍ୟାଳୟସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ପାଳନ କରାଯିବାକୁ ସ୍ଥିର ହୋଇଛି। ଏ ପରିପ୍ରେକ୍ଷୀରେ ଶନିବାରଠାରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ସ୍ତରରୁ କ୍ରୀଡ଼ାବିତ୍‌ମାନେ ଚୟନ ହୋଇ ଆସନ୍ତା ୧୫ ତାରିଖରେ ଆୟୋଜିତ ହେବାକୁଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ସ୍ଥିର ହୋଇଥିଲା। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ହକି ବିଶ୍ୱକପ୍ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ରବୀନ୍ଦ୍ର ନାଥ ରାଉତରାୟ, ପ୍ରଧାନ ଶିକ୍ଷକ ନକୁଳ ଖୁଣ୍ଟିଆ, କ୍ରୀଡ଼ା ଶିକ୍ଷକ ସମୀର କୁମାର ଖୁଣ୍ଟିଆ, ଅଯୋଦ୍ଧାନାଥ ନାୟକ, ରଶ୍ମିରଞ୍ଜନ ସେଠୀ, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଜିତ


@ ସୁଜିତ


@ ସ୍ୱିଟି


@ ଏସ୍. ରୁଦ୍ର


@ ରଜତ


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାୱାରଟିଲରରେ ଗୋଡ଼ ପଶି ଚାଷୀ ମୃତ

ନୟାଗଡ଼ ଅଫିସ,୧୦।୧୨

ନୟାଗଡ଼ ଜିଲା ଇଟାମାଟି ଥାନା ଇକିରି ଗହୀରରେ ପାୱାରଟିଲରରେ ବାମ ଗୋଡ ପଶି ଜଣେ ଚାଷୀଙ୍କର ଶନିବାର ପୂର୍ବାହ୍ଣରେ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଲକ୍ଷ୍ମୀଧର ସ୍ୱାଇଁ (୫୦)। ଘର ଇକିରି ଗାଁରେ। ଲକ୍ଷ୍ମୀଧର ନିଜ ଜମିରେ ଚାଷ କରୁଥିଲା ବେଳେ ଶନିବାର ସକାଳ ୮ଟାରେ ବାମ ଗୋଡ ପାୱାରଟିଲର ଭିତରେ ପଶି ରକ୍ତସ୍ରାବ ହୋଇଥିଲା। ପରିବାର ଲୋକ ଲକ୍ଷ୍ମୀଧରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଇଟାମାଟି ଥାନା ପୋଲିସ ନଂ. ୨୦/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

# ପିଲାଙ୍କ ଶୁଭ କାମନାରେ ଦାଣ୍ଡ ପହଁରା ଓଷା

ଖଣ୍ଡପଡା,୧୦।୧୨(ସ୍ୱ.ପ୍ର.)

ପିଲାଙ୍କ ଶୁଭ କାମନା କରି ଶନିବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ବଳରାମପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ଧାନଚେଙ୍ଗଡା, ପଥରଚକଡା ଅଞ୍ଚଳରେ ପାରମ୍ପରିକ ଦାଣ୍ଡ ପହଁରା ବା ବାଟ ଓଷା ପାଳିତ ହୋଇଯାଇଛି। ମହିଳାମାନେ ସନ୍ଧ୍ୟାରେ ଅପମାରଙ୍ଗ ଗଛରେ ପହଁରା ପ୍ରସ୍ତୁତ କରି ଓଷା କରିଥିବା ଜାଗାକୁ ଯାଇଥିଲେ। ପରେ ବାଲିରେ ମୂର୍ତ୍ତି ସ୍ଥାପନ କରି ନୈବେଦ୍ୟ ଦେଇ ପୂଜା କରିଥିଲେ। ଏହି ଓଷା ପାଳନ କରିବା ସମ୍ପର୍କରେ ପୁରାଣରୁ ଜଣାଯାଏ ଯେ, ପୂର୍ବେ ଜଣେ ସାଧବ ବୋହୂ କେତେଜଣ ପିଲାଙ୍କୁ ଛେନା ଗୁଡ ବାଣ୍ଟୁଥିବା ବେଳେ ଅନ୍ୟ ଜଣେ ପିଲା ଏହାକୁ ମାଗିଥିଲା। ସାଧବ ବୋହୂ ଉକ୍ତ ପିଲାକୁ ପାଖରେ ପଡିଥିବା ଏକ ଭଙ୍ଗା ଖପରା ଦେଇ ଭଣ୍ଡାଇ ଥିଲେ। ଫଳରେ ସେହି ପିଲା ଅସନ୍ତୋଷ ପ୍ରକାଶ କରି ସାଧବ ବୋହୂଙ୍କୁ ଅଭିଶାପ ଦେଇଥିଲେ। ଏଥିପାଇଁ ସାଧବ ବୋହୂଙ୍କର ପରବର୍ତ୍ତୀ ସମୟରେ ୭ଟି ସନ୍ତାନ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତଙ୍କର ଅକାଳ ମୃତ୍ୟୁ ହୋଇଥିଲା। ମାତ୍ର ଜନୈକ ସାଧୁଙ୍କ ପରାମର୍ଶକ୍ରମେ ସାଧବ ବୋହୂ ଦାଣ୍ଡ ପହଁରା ଓଷା କରିବା ପରେ ପିଲାମାନଙ୍କୁ ଫେରି ପାଇଥିଲେ ବୋଲି ଲୋକକଥା ରହିଛି। ଏହାକୁ ବିଶ୍ୱାସ କରି ଏବେ ବି ଓଡ଼ିଶାର ପୁରପଲ୍ଲୀର ମହିଳାମାନେ ପିଲାଙ୍କ ମଙ୍ଗଳ ପାଇଁ ବାଟଓଷା ପାଳନ କରୁଛନ୍ତି। ଏହିଦିନ ଗର୍ଭବତୀ ମହିଳାଙ୍କ ଇଚ୍ଛାନୁସାରେ ତାଙ୍କୁ ଖାଇବାକୁ ଦିଆଯାଇଥାଏ। ପରମ୍ପରା ଅନୁସାରେ ପିଲାମାନେ ଯାହା ଅଳି କରନ୍ତି କିମ୍ବା ମାଗନ୍ତି ତାହା ତାଙ୍କୁ ଦିଆଯାଏ।


ମହିଳାମାନେ ବାଟଓଷାରେ ଦାଣ୍ଡରେ ପୂଜା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କୁ ଦାବିପତ୍ର

ଗଣିଆ,୧୦।୧୨(ଡି.ଏନ୍.ଏ.)

**ବିଶ୍ୱ ମାନବ ଅଧିକାର ଦିବସ**

ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଗ୍ରାମୀଣ ଶ୍ରମଜୀବୀ ଚେତନା ସଙ୍ଗଠନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ୫ ଦଫା ସମ୍ୱଳିତ ଦାବିପତ୍ର ସରପଞ୍ଚଙ୍କ ଜରିଆରେ ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଦୀପ୍ତିରେଖା ସେନାପତି ଦାବିପତ୍ର ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଦାବିଗୁଡ଼ିକ ହେଲା ମହାନଦୀର ବଡ଼ମୂଳଠାରୁ ରାସଙ୍ଗ ପର୍ଯ୍ୟନ୍ତ ମାଳବନ୍ଧ ନିର୍ମାଣ, ମହାନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ, ରାଜିଙ୍ଗି ଓ କୁତୁରୀଠାରେ ମୋବାଇଲ ଟାୱାର ନିର୍ମାଣ, ଛାମୁଣ୍ଡିଆଠାରେ ଏକ ବ୍ୟାଙ୍କ ପ୍ରତିଷ୍ଠା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନରେ ପଞ୍ଜୀକୃତ ହୋଇଥିବା ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମୀଣ ଶ୍ରମଜୀବୀ ଚେତନା ସଙ୍ଗଠନ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ, ସଭାପତି ଉଲ୍ଲାସ କୁମାର ମାଝି, ନୀଳକଣ୍ଠ ଆଚାର୍ଯ୍ୟଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଉପସ୍ଥିତ ଥିଲେ। ସେହିପରି ବଡ଼ଶିଲିଙ୍ଗା ପଞ୍ଚାୟତର ଆଦିମ ଅଧିବାସୀ ମୁକ୍ତିମଞ୍ଚ ସଙ୍ଗଠନ ପକ୍ଷରୁ ସଂଯୋଜକ ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା, ଗ୍ରାମ୍ୟ ସଂଯୋଗୀକରଣ ରାସ୍ତା ନିର୍ମାଣ ଆଦି ୭ ଦଫା ସମ୍ୱଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁଙ୍କୁ ପ୍ରଦାନ କରାଯାଇଥିଲା।



ସରପଞ୍ଚଙ୍କୁ ଗ୍ରାମୀଣ ଶ୍ରମଜୀବୀ ସଙ୍ଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଆଇଟିଆଇ ଛାତ୍ର ମୃତ

ହିଞ୍ଜିଳିକାଟୁ,୧୦।୧୨(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ସରକାରୀ ଆଇଟିଆଇର ଜଣେ ଛାତ୍ରଙ୍କ ଶନିବାର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଭଞ୍ଜନଗର ନିକଟସ୍ଥ ବାଉଁଶଲୁଣ୍ଡି ପ୍ରଥମ ବର୍ଷ ଇଲେକ୍ଟ୍ରୋନିକ ବିଭାଗର ସଞ୍ଜୀବ ତ୍ରିପାଠୀ। ସେ ଆଇଟିଆଇ ହଷ୍ଟେଲରେ ରହି ପାଠ ପଢ଼ୁଥିଲେ। ମଧ୍ୟାହ୍ନରେ ସଞ୍ଜୀବ ଅନ୍ୟ ଛାତ୍ରମାନଙ୍କ ସହ ଆଇଟିଆଇ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ଗାଡ଼ିଆର ଗଭୀର ଜଳ ଭିତରକୁ ସେ ଚାଲିଯାଇଥିଲେ। ହଷ୍ଟେଲର ଅନ୍ୟ ଛାତ୍ରମାନେ ଓ ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ସଞ୍ଜୀବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ତଦନ୍ତ କରୁଛନ୍ତି। ଏ ନେଇ ନଂ.୩୦/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଇଟିଆଇ ଓ ହଷ୍ଟେଲ ପ୍ରଶାସନିକ ବ୍ୟବସ୍ଥା ଢିଲା ହେତୁ ଏପରି ଘଟିଥିବା ମୃତ ଛାତ୍ରଙ୍କ ବାପା ଶିବରାମ ତ୍ରିପାଠୀ ଅଭିଯୋଗ କରିଛନ୍ତି। ମୃତ ପରିବାରକୁ ସରକାରୀ ସହାୟତା ପାଇଁ ଛାତ୍ରୀଛାତ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

### ଆର୍ଥିକ ସମସ୍ୟାରୁ ବୃଦ୍ଧଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧୦।୧୨(ଡି.,ନ.ଏ)- ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗିରିଶୋଲାର ଧୋବା ଜେନା (୬୧) ଶନିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଅଶାନ୍ତିରୁ ସେ ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଦେଇଛି। ଏ ନେଇ ନଂ. ୨୮।୨୨ରେ ଏକ ଅପମୃତ୍ୟୁ ମାମଲା ଥାନାରେ ରୁଜୁ ହୋଇଛି। ଥାନା ଅଧିକାରୀ ପି.କେ.ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଆର୍ଥିକ ସମସ୍ୟାକୁ ନେଇ ଧୋବା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ଠିକ୍ ରହସ୍ୟ ଜଣାପଡ଼ିବ।

### ୧୬ ଏକର ଗଞ୍ଜେଇ ଚାଷ ନଷ୍ଟ

ଦିଗପହଣ୍ଡି,୧୦।୧୨(ଡି.ଏନ.ଏ.)-ଦିଗପହଣ୍ଡି ଅବକାରୀ ଅଧୀନରେ ଥିବା ରାମଚନ୍ଦ୍ରପୁର ପାହାଡ଼ ନିକଟରେ ୧୬ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରିଛି ଅବକାରୀ ପୋଲିସ୍। ଅବକାରୀ କମିଶନର ଆଶିଷ କୁମାର ସିଂ ଓ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାହାକ, ଅବକାରୀ ନିରୀକ୍ଷକ ମିହିର କୁମାର ସେଠୀ, ଉପଅଧୀକ୍ଷକ ବିଜୟ କୁମାର ଧାରୁଆ, ପାଟପୁର ଆଇଆଇସି ସବ୍ୟସାଚୀ ମଲ୍ଲ ଓ ଦିଗପହଣ୍ଡି ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ ପ୍ରମୁଖ ଶନିବାର ସକାଳେ ଚଢ଼ାଉ କରି ୧୯ ହଜାର ୨୦୦ ଗଞ୍ଜେଇ ଗଛ ନଷ୍ଟ କରିଥିଲେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସାନଖେମୁଣ୍ଡି ତହସିଲଦାର ଶ୍ରୀନିବାସ ବେହେରାଙ୍କ ତତ୍ତ୍ୱାବଧାନରେ ପୋଡ଼ି ନଷ୍ଟ କରାଯାଇଥିଲା। ଏହି ଚଢ଼ାଉରେ ଗୋଳନ୍ଥରା, ଚିକିଟି, ଦିଗପହଣ୍ଡି ଅବକାରୀ ପୋଲିସ୍, ଦିଗପହଣ୍ଡି ବନ ବିଭାଗ ଓ ପାଟପୁର ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ଜଳେଶପଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ
# ଅଧ୍ୟକ୍ଷଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ଫୁଲବାଣୀ ଅଫିସ, ୧୦।୧୨**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅର୍ନ୍ତଗତ ଜଳେଶପଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଶନିବାର ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ବିଦ୍ୟାଳୟ ଖୋଲିବାର ଅବ୍ୟବହିତ ପୂର୍ବରୁ କେତେଜଣ ଛାତ୍ରୀଛାତ୍ର ଏବଂ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଅଧ୍ୟକ୍ଷଙ୍କ ବଦଳି ବାତିଲ୍ କରିବାକୁ ଅଡ଼ି ବସିଛନ୍ତି। ସୂଚନାଯୋଗ୍ୟ, ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା-୮୦୮୬, ତା.୮।୧୨।୨୨ ଆଧାରରେ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସେଠୀଙ୍କୁ ମାଲକାନାଗିରି ଖଇରପୁଟ ବ୍ଲକ ଆଦର୍ଶ ବିଦ୍ୟାଳୟକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ଅଣାଯାଇଛି। ଏଥିସହିତ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଝୁନିଲତା ବହିରାଙ୍କୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଆଦର୍ଶ ବିଦ୍ୟାଳୟକୁ ବଦଳି କରାଯାଇ ତାଙ୍କ ସ୍ଥାନରେ ମୟୂରଭଞ୍ଜ ଜିଲା ଉଦଳା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବର୍ଣ୍ଣବ କୁମାର ପ୍ରଧାନଙ୍କୁ ଅଣାଯାଇଛି । ଏହାକୁ ବିରୋଧ କରି ବିଦ୍ୟାଳୟର କେତେକ ଛାତ୍ରୀଛାତ୍ର ଓ ଅଭିଭାବକ ଫାଟକରେ ତାଲା ପକାଇବା ସହ 'ବିଜୟ ସାରଙ୍କୁ ଫେରାଇ ଆଣ' ନାରା ଦେଇଛନ୍ତି।

## ନବ ବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବୁଗୁଡ଼ା,୧୦।୧୨(ଡି.ଏନ.ଏ.)**

ନବ ବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେ ଜବତ ହୋଇଛି। ସେ ହେଲେ ବୁଗୁଡ଼ା ବ୍ଲକ ଛକରେ ବଳଦେବ ମୋବାଇଲ ମରାମତି ଦୋକାନ କରିଥିବା ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ପୁଅ ଦେବୀ ପ୍ରସାଦ ହୋତା (୨୮)। ଦେବୀ ଗତ ଜୁନ ୨୬ରେ ବୁଗୁଡ଼ା ସନ୍ତୋଷୀ ମନ୍ଦିର ସାହିର ଦିଲ୍ଲୀପ କୁମାର ଦେବତାଙ୍କ ଝିଅ ଫାଲଗୁନୀଙ୍କୁ ବିବାହ କରିଥିଲେ। ସ୍ତ୍ରୀ ମାସେ ହେଲା ବାପଘରେ ଥିବା ବେଳେ ଦେବୀ ପରିବାର ସହ ରହୁଥିଲେ। ଶୁକ୍ରବାର ରାତିରେ ପରିବାର ଲୋକଙ୍କ ସହ ଦେବୀ ଖାଇ ଶୋଇଥିଲେ। ଶନିବାର ସକାଳ ୧୦ଟା ପର୍ଯ୍ୟନ୍ତ ସେ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ବାଡ଼େଇଥିଲେ। କୌଣସି ଉତ୍ତର ନ ମିଳିବାରୁ କବାଟ ଭାଙ୍ଗି ଘରେ ପଶି ଦେଖିଲା ବେଳକୁ ତାଙ୍କର ମୃତଦେହ ଫ୍ୟାନରେ ଝୁଲୁଥିଲା। ପୋଲିସକୁ ଖବର ଦେବା ପରେ ଏସ୍ଆଇ ଶର୍ମିଷ୍ଠା ପ୍ରଧାନ ଓ ସମୀର ସେଠି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଇଥିବା ଜଣାପଡିଛି।

## ରାଜସୁନାଖଳା ମହୋତ୍ସବ କାଉଁରୀ ୨୦୨୨


କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ।

**ନୟାଗଡ଼ ଅଫିସ,୧୦।୧୨**

ରାଜ ସୁନାଖଳାଠାରେ ମହୋତ୍ସବ କାଉଁରୀ ୨୦୨୨ର ମୁକ୍ତାକାଶ ମଞ୍ଚରେ ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ସାମରିକ କଳା ସାଙ୍ଗକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ଲୋକ ନୃତ୍ୟ ଭେଟି ଦେଇଥିଲେ। ଏ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସାଧାରଣ ସଭା ଆରମ୍ଭରେ ଆବାହନୀ ସଂଗୀତ ଗାନ ପରେ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ମରଣିକା କମିଟି ସମ୍ପାଦକ ପ୍ରଦୀପ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟବକ୍ତା ରୂପେ ସାମାଜିକ କର୍ମୀ ସିପ୍ରା ହୀରା ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଭିଭାବକ ମହାସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ କୁମାର ବିଶୋଇ, ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅନିଲ କୁମାର ପଣ୍ଡା, ପ୍ରସନ୍ନ କୁମାର ସ୍ୱାଇଁ, ସୁରେଶ କୁମାର ସ୍ୱାଇଁ, ସବ୍ୟସାଚୀ ସେନାପତି, ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଦୁର୍ଗା ବଜାର ବଣିକ ସଂଘ ସଭାପତି ଡା. ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ମହାବିଦ୍ୟାଳୟ ଅଧ୍ୟକ୍ଷ, ନିର୍ଦ୍ଦେଶକଙ୍କ କର୍ମଶାଳା

**ଛତ୍ରପୁର,୧୦।୧୨(ଡି.ଏନ୍.ଏ)**

ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଓକେସିଏଲ୍ ପକ୍ଷରୁ 'ଜ୍ଞାନ କେନ୍ଦ୍ର ମାଧ୍ୟମରେ ଅର୍ଥନୈତିକ ଓ ସାମାଜିକ ନେତୃତ୍ୱ ଗଠନ' ଶୀର୍ଷକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲାର ସମସ୍ତ ବ୍ଲକରୁ ୧୦୦ଜଣ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ସମେତ ନିର୍ଦ୍ଦେଶକମାନେ ସାମିଲ ହୋଇଥିଲେ। ସାଂପ୍ରତିକ ସାମାଜିକ ସ୍ଥିତିରେ ଓଡ଼ିଶାର ଯୁବପିଢ଼ି ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ଚାକିରି, ରୋଜଗାର ସୁଯୋଗ ପାଇବା ନେଇ ଯେଉଁ ପ୍ରତିସ୍ପର୍ଦ୍ଧାର ସମ୍ମୁଖୀନ ହେଉଛନ୍ତି ତାହାର ସଫଳ ମୁକାବିଲା ନିମନ୍ତେ ଓକେସିଏଲ ପକ୍ଷରୁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ସେଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଓକେସିଏଲ୍ ଗଞ୍ଜାମ ଜିଲାର ମୁଖ୍ୟ ଏସ. ରେଖା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ବରିଷ୍ଠ ଶିକ୍ଷାବିତ ତଥା ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିମଳ ପ୍ରସାଦ ସାହୁ ଉଦଘାଟନ କରିଥିଲେ। ଓକେସିଏଲର ବରିଷ୍ଠ ଅଧିକାରୀ ଡକ୍ଟର କଲ୍ୟାଣ ପ୍ରସାଦ ଦାଶ ଓ କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ ଜେ ଦାଶ କର୍ମଶାଳା ଆୟୋଜନର ଉଦ୍ଦେଶ୍ୟ ଓ ସଫଳ ରୂପାୟନ ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରିଥିଲେ। ଓକେସିଏଲର ଏହି ନଲେଜ ସେଣ୍ଟର ପରିକଳ୍ପନାକୁ ସମସ୍ତେ ପ୍ରଶଂସା କରିଥିଲେ। ଓକେସିଏଲର ଗଜପତି ଜିଲା ମୁଖ୍ୟ ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କର୍ମଶାଳା

## କେରାଣ୍ଡି ପଞ୍ଚାୟତରେ ଗ୍ରାମସଭା

**ପାରଳାଖେମୁଣ୍ଡି,୧୦।୧୨(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ କେରେଣ୍ଡି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେରାଣ୍ଡି ପଞ୍ଚାୟତର ସରପଞ୍ଚ ଏରୁସୁ ଦଣ୍ଡପାଣି, ସମିତି ସଭ୍ୟ ଡି.ଧର୍ମା ରାଓ, କେରାଣ୍ଡି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଚନ୍ଦ୍ରରାଓ, ଯୋଗାଣ ସହାୟକ ଆର୍.ଶଙ୍କର ରାଓ ପ୍ରମୁଖ ଯୋଗ ଦେଇ ଗ୍ରାମ ସଭାରେ ଗ୍ରାମ ପଞ୍ଚାୟତର ଉନ୍ନତିମୂଳକ ଯୋଜନା ଉପରେ ଆଲୋଚନା କରିଥିଲେ। ମହାତ୍ମାଗାନ୍ଧୀ କର୍ମ ନିଶ୍ଚିତ ଯୋଜନା, ସାମାଜିକ ସୁରକ୍ଷା ଯୋଜନା ଆଦି ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଜନ ସାଧାରଣ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ନିଜର ମତ ବ୍ୟକ୍ତ କରିଥିଲେ। ସେହିପରି ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମରେ ଚଳିତମାସ ପହିଲାରୁ ୮ ତାରିଖ ପର୍ଯ୍ୟନ୍ତ ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଥିବା ବେଳେ ଆଜି ଗ୍ରାମସଭା ଅନୁଷ୍ଠିତ ହୋଇଥିବାର ସୂଚନା ପ୍ରଦାନ କରାଯାଇଛି।

## ଗୋଡିପଡ଼ା ସ୍ୱାସ୍ଥ୍ୟମେଳାରେ ୧୦୩୫ ରୋଗୀ


ଅତିଥିମାନେ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରୁଛନ୍ତି ।

**ନୟାଗଡ ଅଫିସ,୧୦।୧୨:**

ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୩୫ ରୋଗୀ ନାମ ପଞ୍ଜୀକରଣ କରି ମାଗଣା ଚିକିତ୍ସାର ସୁବିଧା ନେଇଥିଲେ। ଏହି ମେଳାକୁ ଗୋଡିପଡା ଜୋନ ଜିଲା ପରିଷଦ ସଦସ୍ୟ ସଞ୍ଜୁକ୍ତା ପଡ଼ିଆଳି ଉଦ୍‌ଘାଟନ କରିଥିଲେ। ଅତିଥି ରୂପେ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ହରିଡାବନ୍ଧ ସରପଞ୍ଚ ବେଣୁଧର ବିଶ୍ୱାଳ, ପଞ୍ଚୁମୁ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ମଗରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଇପସିତା ଦାଶ, ଡିମିଶର ସ୍ୱାସ୍ଥ୍ୟକେନ୍ଦ୍ର ଡା. ସତ୍ୟବ୍ରତ ପାଇକରାୟ, ଡା. ଯଶୋବନ୍ତ ସୁବୁଦ୍ଧି ରୋଗୀଙ୍କର ଚିକିତ୍ସା କରିଥିଲେ। ଗୋଡିପଡା ଫାର୍ମାସିଷ୍ଟ ବ୍ରଜ କିଶୋର ଦଳେଇ ଔଷଧ ବିତରଣ କରିଥିବାବେଳେ ଗୋଡିପଡା ସେକ୍ଟର କମ୍ୟୁନିଟ ହେଲଥ ଅଫିସ, ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ।

## ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଆଲୋଚନାଚକ୍ର

**ଭଞ୍ଜନଗର,୧୦।୧୨(ଡି.ଏନ.ଏ)**

ଗୁଣାତ୍ମକ ଶିକ୍ଷାର ବିକାଶ ସମେତ ସରକାରୀ ବିଦ୍ୟାଳୟ ଗୁଡ଼ିକର ଉନ୍ନତି ଉପରେ ଶନିବାର ଭଞ୍ଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଏବଂ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗାମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏନେଇ ଏକ ସଭା ହୋଇଥିଲା। ଏଥିରେ ବିଇଓ ଏସ୍.ଧନଞ୍ଜୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ କରିବାକୁ ହେଲେ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିବାର ଆବଶ୍ୟକତା ରହିଛି। ଏହା ହେଲେ ହିଁ ଛାତ୍ରୀଛାତ୍ରଙ୍କ ବିକାଶ ହୋଇପାରିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ କହିଥିଲେ। ଏଥିସହ ଉଜ୍ଜଳ, ଉତଥାନ ସମେତ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ସିଆରସିସି ସନ୍ତୋଷ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ରତ୍ନବାଳା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ନିର୍ମଳ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ଲାଲସିଂ କାହ୍ନୁ ରାଉତ ହାଇସ୍କୁଲରେ ମଧ ଅଭିଭାବକ ଶିକ୍ଷକ ସମ୍ମିଳନୀ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।


ବିଇଓ ଏସ୍.ଧନଞ୍ଜୟ ଉଦ୍‌ବୋଧନ ଦେଉଛନ୍ତି।

## ଦଶପଲ୍ଲା କୋର୍ଟ ପରିସରରେ ବାର୍ ଆସୋସିଏଶନ ଗୃହ, ପ୍ରତୀକ୍ଷା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ଦଶପଲ୍ଲା,୧୦।୧୨(ଡି.ଏନ.ଏ.)**

ଦଶପଲ୍ଲା କୋର୍ଟ ପରିସରରେ ଶନିବାର ବାର୍ ଆସୋସିଏଶନ ଗୃହ, କ୍ୟାଣ୍ଟିନ୍ ଗୃହ ଓ ପ୍ରତୀକ୍ଷା ଗୃହ ନିର୍ମାଣ ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲୀଧରଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ହାଇକୋର୍ଟର ବିଚାରପତି ବି.ଆର. ଷଡ଼ଙ୍ଗୀ, ବିଚାରପତି ଭି. ନରସିଂହ ଯୋଗ ଦେଇଥିଲେ। ଦଶପଲ୍ଲା ବାର୍ ଆସୋସିଏଶନର ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଦଶପଲ୍ଲା ବାର୍ ଆସୋସିଏଶନର ସଭାପତି ଆଇନଜୀବୀ ସୁଶାନ୍ତ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦଶପଲ୍ଲା ବାର୍ ଆସୋସିଏଶନର ବରିଷ୍ଠ ଆଇନଜୀବୀମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରିଥିଲେ। ଏଥିରେ ନୟାଗଡ଼ ଜିଲା ଓ ଦୈରାଜଜ୍ ରୁପଶ୍ରୀ ଚୌଧୁରୀ , ନୟାଗଡ଼ ଜିଲାପାଳ, ଏସ୍‌ପି ଯୋଗଦେଇଥିଲେ। ଶେଷରେ ଦଶପଲ୍ଲା ବାର୍ ଆସୋସିଏଶନର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଅତିଥିମାନେ ।

## ୫ ଦଫା ଦାବି ନେଇ ଶିକ୍ଷକ ସଂଘର ସ୍ମାରକପତ୍ର

**ବୁଗୁଡ଼ା,୧୦।୧୨(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ ଗଣଶିକ୍ଷକ ଓ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ପୀତବାସ ସାହୁ ଓ ସମ୍ପାଦକ ପାର୍ଥସାରଥି ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ଗଣଶିକ୍ଷକ ଓ ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏକାଠି ହୋଇ ଏକ୍ସ-କ୍ୟାଡର ବ୍ୟବସ୍ଥା ଉଚ୍ଛେଦ କରିବା, ବାଦ୍ ପଡ଼ିଥିବା ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ୨୦୨୦ ଠାରୁ ବନ୍ଦଥିବା ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଆଦି ୫ ଦଫା ଦାବି ନେଇ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏବିଇଓ ସୀମାଞ୍ଚଳ ସେଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଶିକ୍ଷକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ରକ୍ତଦାନ ଶିବିର

**ଜି.ଉଦୟଗିରି,୧୦।୧୨(ଡି.ଏନ.ଏ.)**

ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟରେ ରେଡକ୍ରସ୍ ଓ ଏନ୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବିଡିଓ ଆଶିଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ରେଡକ୍ରସ୍ ଇନଚାର୍ଜ ଅଧ୍ୟାପକ ତପନ ଚନ୍ଦ୍ର ନାୟକ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଗିରିଶ କୁମାର ମୁଠାମାଝି ଓ ସବିତା ଟୁଡୁଙ୍କ ପରିଚାଳନାରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅନ୍ୟ କର୍ମଚାରୀ୩୫ଜଣ ଛାତ୍ର, ୧୫ଜଣ ଛାତ୍ରୀ ସମୁଦାୟ ୫୭ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଫୁଲବାଣୀ ରକ୍ତଭଣ୍ଡାର ଡାକ୍ତର ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ ରକ୍ତଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲେ।

## ମାସିକ ଭଞ୍ଜ ସଙ୍ଗୀତ ଆସର

**ଭଞ୍ଜନଗର,୧୦।୧୨(ଡି.ଏନ.ଏ)**

ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ଶନିବାର ୭୩ତମ ମାସିକ ଭଞ୍ଜ ସଙ୍ଗୀତ ଆସର ସ୍ଥାନୀୟ ଡିଫେନ୍ସ କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁଶିଷ୍ୟ ପରମ୍ପରା ଏବଂ ବିଶ୍ୱ ମାନବାଧିକାର ଦିବସ ଉପରେ ଆଲୋଚନା ହୋଇଥିଲା। ଏଥିସହ ସଙ୍ଗୀତ ଗୁରୁ ଆନନ୍ଦ ପ୍ରଧାନଙ୍କ ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକି ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ପ୍ରାଧ୍ୟାପକ ଲୋକନାଥ ମହାନ୍ତି, ସଙ୍ଗୀତଜ୍ଞ ଆଚାର୍ଯ୍ୟ ସୀମାଞ୍ଚଳ ଦାସ, ଭଞ୍ଜନଗର ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ବିଶ୍ୱମାନବାଧିକାର ଦିବସ ଏବଂ ଗୁରୁଶିଷ୍ୟ ପରମ୍ପରା ସମ୍ପର୍କରେ କହିଥିଲେ। ଏହାପରେ ଭଞ୍ଜ ସଙ୍ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ଅଶୋକ ମହାପାତ୍ର ସଂଯୋଜନା କରିଥିଲେ। ସୁଶାନ୍ତ ମହାପାତ୍ର ଏବଂ ଅର୍ଜୁନ ବେହେରାଙ୍କ ସହଯୋଗରେ ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ସଙ୍ଗୀତଜ୍ଞ ବିଶ୍ୱନାଥ ବେହେରା, କେ.ରାଜା ରାଓ, ଅଭିନେତା ସୁବାସ ପାତ୍ର ଏବଂ ସାମାଜିକକର୍ମୀ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତି ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ଜଗଦିଶ ପାଣିଗ୍ରାହୀ, ନାରାୟଣ ମହାରଣା, ଚିନ୍ମୟ ବେବର୍ତ୍ତା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ତିର୍ତ୍ତୋଲ,୧୦।୧୨(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରଦପୁର-ତିର୍ତ୍ତୋଲ ରାସ୍ତାର କେଶରଡ଼ା ଛକ ନିକଟରେ ଶନିବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଗରଦପୁରରୁ ତିର୍ତ୍ତୋଲ ଆଡ଼କୁ ଆସୁଥିବା ଏହି ଟିପ୍ପର ବୋଝେଇ ହାଇୱାଟି କେଶରଡ଼ା ଛକରେ ବାଇକ୍‌କୁ ଧକ୍କା ଦେଇ ବହୁ ବାଟ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଅଟକ ରଖି ତଦନ୍ତ ଆରମ୍ଭ ହୋଇଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର



ବାଲିକୁଦା,୧୦।୧୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଓଷକଣା ଅଞ୍ଚଳର ବିଶିଷ୍ଟ କୃଷକ ନେତା ତଥା ଅଣିଅଙ୍କ ଗାଁ ମୁରବି ଅମୂଲ୍ୟ ଚରଣ ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଇଁଙ୍କ ବାସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ସ୍ୱାଇଁଙ୍କ ପୁଅ ତଥା ଚକ୍ଷୁ ବିଭାଗର ପ୍ରଫେସର ଡା. ସୁରେଶ ସ୍ୱାଇଁ ଓ ନାତୁଣୀ ତଥା ଭେଷଜ ବିଭାଗ ଡା. ଅଙ୍କିତା ସ୍ୱାଇଁ ସାମିଲ ଥାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଇନଜୀବୀ ବୀରନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସ୍ମୃତିସାଗର ସରସ୍ୱତୀ, ମୁଖ୍ୟ ବକ୍ତା ଭାବେ ଡ. ବିଷ୍ଣୁଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ଡା. ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଜିଲା ପରିଷଦ ସଦସ୍ୟା ତଟିନା ସ୍ୱାଇଁ, ସରପଞ୍ଚ ତରୁଣ ମହାନ୍ତି, ସମିତିସଭ୍ୟା ରୀନାରାଣୀ ମହାନ୍ତି, ହେମନ୍ତ ରଥ ଓ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱାଇଁଙ୍କ ବହୁଗୁଣ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱାଇଁଙ୍କ ବାସଭବନ ସମ୍ମୁଖରେ ଏକ ଆବକ୍ଷ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବା ସହ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ପତ୍ରିକା ଉନ୍ମୋଚନ କରିଥିଲେ।

### ଶ୍ରେଣୀଗୃହ ଗୁଣାତ୍ମକ ଶିକ୍ଷାର ପ୍ରାଣକେନ୍ଦ୍ର




ରଘୁନାଥପୁର,୧୦।୧୨(ଡି.ଏନ୍.ଏ.): ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଣୀଗୃହ ଗୁଣାତ୍ମକ ଶିକ୍ଷାର ପ୍ରାଣକେନ୍ଦ୍ର। ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆଡ୍‌ମିଶନ ନେଇଥିବା ପ୍ରଥମ ବର୍ଷ ନବାଗତଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା, ବଳରାମ ପାଳ, ବୀରକିଶୋର ପରିଡା, ସରୋଜ ମିଶ୍ର, ହିମାଂଶୁ ଜେନା, ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ, ସ୍ୱାଗତିକା ଦାସ, ଯାଜ୍ଞସେନୀ ରାଉତ, ସୌମ୍ୟା ମହାନ୍ତି ଓ ସୁଜାତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀ ମିସ୍‌ବା ଫାତିମା, ବବିତା ଜେନା, ଶୁଭଲକ୍ଷ୍ମୀ ବାରିକ, ସଙ୍ଗୀତା ମହାରଣା ଓ ସ୍ୱାଧୀନ ପାତ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିବା ସହ ନବାଗତଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ କର୍ମଚାରୀ ପଞ୍ଚାନନ ବାରିକଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ଓ ଛାତ୍ର ସୁରେଶ କୁମାର ଭୋଇଙ୍କୁ ତାଙ୍କର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଶାଶ୍ୱତୀ ନନ୍ଦ ଏହାକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ କେଦାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ‘ମାନବ ଅଧିକାର କର୍ମୀ ସଂଗ୍ରାମୀଙ୍କ ଭଳି କାମ କରନ୍ତୁ’

କୁଜଙ୍ଗ,୧୦।୧୨(ଡି.ଏନ୍.ଏ)

ମାନବ ଅଧିକାର ରକ୍ଷକମାନେ ନିଜକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି କାମ କଲେ ସମାଜରେ ମାନବ ଅଧିକାର ଉଲ୍ଲଂଘନ ହୋଇପାରିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶ୍ୱ ମାନବ ଅଧିକାର ଦିବସ ଅବସରରେ କୁଜଙ୍ଗଠାରେ ଆନ୍ତର୍ଜାତିକ ମାନବ ଅଧିକାରର ରକ୍ଷକ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ମୁଖ୍ୟ ବକ୍ତାଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ଖବରଦାତା ରବି ଦାସ ପ୍ରମୁଖ ଯୋଗଦେଇ କହିଥିଲେ, ସମାଜର ସବୁ ସ୍ତରରେ ସମ୍ବିଧାନକୁ ଉଲ୍ଲଂଘନ କରାଯାଉଛି। ସମ୍ବିଧାନରେ ନାଗରିକଙ୍କ ଅଧିକାର ସମ୍ପର୍କରେ ସ୍ପଷ୍ଟଭାବେ ଉଲ୍ଲେଖ ଥିବା ବେଳେ କେତେଜଣ ମୁଷ୍ଟିମେୟଙ୍କୁ ଛାଡ଼ିଲେ ଅନ୍ୟମାନେ ସମ୍ବିଧାନ କ’ଣ ଜାଣିନାହାନ୍ତି। ତାହା ଜାଣିବା ପାଇଁ ମଧ୍ୟ ସେମାନଙ୍କର ପ୍ରୟାସ ନାହିଁ। ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତରେ ସର୍ବାଧିକ ମାନବ ଅଧିକାର ଉଲ୍ଲଂଘନ ହେଉଛି।




ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଏହା ଉଦ୍‌ବେଗର କାରଣ ପାଲଟିଛି। ଏହାର ଉଦାହରଣ ଦେଇ ପୂର୍ବତନ ମନ୍ତ୍ରୀ ମହାପାତ୍ର କହିଥିଲେ, ଗତ ବନ୍ୟା ସମୟରେ ସରକାର ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ଦେବା ସହ ବାଲେଶ୍ୱର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର କ୍ଷମତା ପ୍ରଦାନ କରିଥିଲେ। ଏହା ମାନବ ଅଧିକାର ଉଲ୍ଲଂଘନ ନୁହେଁ କି ବୋଲି ସେ ପ୍ରଶ୍ନ କରିଥିଲେ।

ଏହି ଅବସରରେ ଡ. ରାଉତ କହିଥିଲେ, ଶିଳ୍ପ ହେଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ସାଙ୍ଗକୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତାହାର ଅର୍ଥ ନୁହେଁ ପ୍ରଦୂଷଣଯୁକ୍ତ ଓ କ୍ଷତିଗ୍ରସ୍ତଙ୍କ ଜୀବନଶୈଳୀକୁ ବିଚାରକୁ ନ ନେଇ ଜୋରଜବରଦସ୍ତ ଶିଳ୍ପ ପ୍ରତିଷ୍ଠା କରାଯିବ। ଏହା ମାନବାଧିକାର ଉଲ୍ଲଂଘନ ନୁହେଁ କି ବୋଲି ଡାକ୍ତର ରାଉତ ପ୍ରଶ୍ନ କରିଥିଲେ। ତେଣୁ ଖାଲି ଆନ୍ତର୍ଜାତିକ ମାନବାଧିକାର ସୁରକ୍ଷା ଦିବସ ପାଳନ କଲେ ଚଳିବ ନାହିଁ। ଜନସାଧାରଣଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରିବା ସାଙ୍ଗକୁ ମାନବାଧିକାର ଉଲ୍ଲଂଘନ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ବିରୋଧରେ ସ୍ୱର ଉତ୍ତୋଳନ କରିବା ହେଉଛି ମାନବାଧିକାର ରକ୍ଷକଙ୍କ କାମ ବୋଲି ରାଉତ କହିଥିଲେ। ମାନବାଧିକାର ରକ୍ଷକ ସଂଘ ଜଗତ୍‌ସିଂହପୁର ଜିଲା ଶାଖା ସଭାପତି ଗିରିଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସରପଞ୍ଚ ବନ୍ଦିତା ଦାସ ଓ ମାନବାଧିକାର ରକ୍ଷକ ଓଡ଼ିଶା ଶାଖାର ଉପଦେଷ୍ଟା ହରିହର କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ମାନବ ଅଧିକାର ଉଲ୍ଲଂଘନ ଓ ତା’ର ରୋକ୍ ଦିଗରେ ମତବ୍ୟକ୍ତ କରିଥିଲେ। ଜଳଧରପୁର ଅଙ୍ଗନୱାଡି କେନ୍ଦ୍ର କର୍ମୀ ନିତମ୍ବିନୀ ସାମନ୍ତରାୟ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ବାର୍‌ହା ଫାଶରେ ପଡ଼ି କାର୍ତ୍ତିକ ଗୁରୁତର

ରାଜନଗର, ୧୦।୧୨(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ରହିଥିବା ଜନବସତି ଆଡ଼କୁ ବାର୍‌ହା ଅବାଧ ପ୍ରବେଶ କରୁଛନ୍ତି। ପାଚିଲା ଧାନ ଫସଲ ଖାଇବାକୁ ଆସୁଥିବା ବାର୍‌ହାମାନଙ୍କୁ ଶିକାର କରିବା ଲାଗି ଏଠିକାର ଶିକାରୀମାନେ ଅନେକ ସମୟରେ ଫାଶ ବସାଇଥାନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଶିକାରୀମାନେ ବାର୍‌ହା, ହରିଣ ଶିକାର କରିବାକୁ ଜଙ୍ଗଲ ପରିବର୍ତ୍ତେ ଏବେ ଧାନଜମିରେ ବିଦ୍ୟୁତ୍ ଫାଶ ବସାଉଛନ୍ତି। ଜମିରେ ବାର୍‌ହା, ହରିଣ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ବାର୍‌ହା ପରିବର୍ତ୍ତେ ଜମି ମାଲିକ କାର୍ତ୍ତିକ ସାହୁ(୩୫) ପଡ଼ି ଗୁରୁତର ହେବା ଘଟଣା ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗି ରହି ରାଜେନ୍ଦ୍ର ନାରାୟଣପୁର ଗାଁ ରହିଛି। ଏହି ଜାତୀୟ ଉଦ୍ୟାନ ଚତୁଃପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ତାରଜାଲି ଘେରାଯାଇଛି। ମାତ୍ର ଶିକାରୀ କେତେଗୋଟି ସ୍ଥାନରେ ତାରଜାଲିକୁ ଭାଙ୍ଗି ଦେଇଛନ୍ତି। ଧାନ ଅମଳ ସମୟରେ ପାଚିଲା ଧାନର ବାସ୍ନା ପାଇବା ପରେ ଜଙ୍ଗଲ ମଧ୍ୟରୁ ବାର୍‌ହା, ହରିଣ ଜନବସତିକୁ ଧାନ ଖାଇବାକୁ ଆସିଥାନ୍ତି। ରାଜେନ୍ଦ୍ର ନାରାୟଣପୁର ଗାଁର କେତେଜଣ ଲୋକ ଧାନବିଲକୁ ଆସୁଥିବା ବାର୍‌ହା, ହରିଣ ଶିକାର କରିବାକୁ ବିଲରେ ବିଦ୍ୟୁତ୍ ଫାଶ ବସାଇଥିଲେ। ପ୍ରାୟ ୫ଶହ ମିଟର ଧରି ଜିଆଇ ତାରରେ ବିଦ୍ୟୁତ୍ ଚାର୍ଜ କରି ଜମିରେ ବିଛାଯାଇଥିଲା। ୫ ତାରିଖ ରାତିରେ ସେହି ଗାଁର କାର୍ତ୍ତିକ ଜମିରେ ଫସଲ ଦେଖିବାକୁ ଯାଇଥିଲେ। ଜମିରେ ଯିବା ଭିତରେ ବିଦ୍ୟୁତ୍ ଚାର୍ଜ ହୋଇଥିବା ଜିଆଇ ତାରରେ ଗୁଡ଼େଇହୋଇ ପଡ଼ିଯାଇଥିଲେ। କାର୍ତ୍ତିକ ଚିତ୍କାର କରି ପଡ଼ିଯିବା ପରେ ବାର୍‌ହା ବିଦ୍ୟୁତ୍ ତାରରେ ପଡ଼ିଛି ଭାବି ଫାଶ ବିଛାଇ ଲୁଚିଥିବା ଶିକାରୀ ୪ ଜଣ ଟର୍ଚ୍ଚ ମାରି ମାରି ଆସିଥିଲେ। ସେମାନେ ଜମି ଭିତରେ ପହଞ୍ଚି ବାର୍‌ହା ବଦଳରେ କାର୍ତ୍ତିକଙ୍କୁ ଦେଖିଥିଲେ। କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ ସେହିଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ରାଜନଗରରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର କାର୍ତ୍ତିକ ସୁସ୍ଥ ହେବା ପରେ ଏବେ ଗାଁକୁ ଫେରିଛନ୍ତି। ୫ ତାରିଖ ଘଟଣା ସମ୍ବନ୍ଧରେ ସବୁକଥା ବନ ବିଭାଗ ନିକଟରେ କହିବା ପରେ କନିକା ରେଞ୍ଜ୍ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀ କାର୍ତ୍ତିକଙ୍କ ଘରେ ପହଞ୍ଚି ତାଙ୍କ ବୟାନ ରେକର୍ଡ କରିଛନ୍ତି। ବାର୍‌ହା, ହରିଣ ଶିକାର ପାଇଁ ଜାଲ ବିଛାଇଥିବା ଶିକାରୀଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଛି।

# ଗଣିତ ବିଭାଗର ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୧୦।୧୨(ଡି.ଏନ୍.ଏ.)

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଗଣିତ ବିଭାଗ ତରଫରୁ ଅଣରୈଖୀକ ସମୀକରଣମାନଙ୍କ ଗାଣିତିକ ସମାଧାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଆଲୋଚକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଦ୍ୱିତୀକୃଷ୍ଣ ବେହେରା ଯୋଗଦେଇ ଗାଣିତିକ ସମୀକରଣ ସମାଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ବିଜୟ କୁମାର ସାମଲ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଓମ୍‌ପ୍ରକାଶ ସାହୁ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଅଧ୍ୟାପକ ସତ୍ୟପ୍ରକାଶ ରାଉତ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ଗଣିତ ବିଭାଗ ସହ ଅନ୍ୟ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପତିତପାବନ ଦାସ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ସାଲେପୁର,୧୦।୧୨(ଡି.ଏନ୍.ଏ.)

ସାଲେପୁର ବ୍ଲକସ୍ଥିତ ନାନ୍ଦୋଳଗଡ଼ାଠାରେ ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ୨୦ତମ ସବ୍‌ଜୁନିୟର ବାଳକ ବାଳିକା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୧୩ଟି ଜିଲାରୁ ୨୬ଟି ଟିମ୍ ଏହି କ୍ରୀଡ଼ାରେ ଭାଗନେଇଛନ୍ତି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳରେ ଏହିଭଳି କ୍ରୀଡ଼ା କରାଯାଉଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ, ଚେୟାରମ୍ୟାନ୍ ସେକ୍ ଜାହାଙ୍ଗିର ଅଲ୍ଲୀ, ସମ୍ପାଦକ ରିଆଜୁର ରହେମାନ୍, ଅନୁଷ୍ଠାନର ଅଧ୍ୟକ୍ଷ ସୁଦାମ ଚରଣ ଶତପଥୀ, ହ୍ୟାଣ୍ଡବଲ ଆସୋସିଏଶନ୍‌ର ସମ୍ପାଦକ ବୀରେନ୍‌କୁମାର ବେହେରା, ଉପସଭାପତି ପ୍ରେମାନନ୍ଦ ବିହାରୀ ପ୍ରମୁଖ ଯୋଗଦେଇଥିଲେ।

# ବୁଣାକାରଙ୍କ କାର୍ଯ୍ୟ ପ୍ରଶଂସନୀୟ



ବସ୍ତ୍ର ତିଆରି କାରଖାନା ପରିଦର୍ଶନ କରୁଛନ୍ତି ବଡ଼ଚଣା ବିଧାୟକ।

ରସୁଲପୁର,୧୦।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁର ଭାରତ ବିଖ୍ୟାତ ପଶମବସ୍ତ୍ର କାରଖାନା ବୁଲି ଦେଖିଛନ୍ତି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ। ସେ କାରଖାନାର ବିଭିନ୍ନ ୟୁନିଟ୍ ବୁଲିବା ସହ ସେଠାରେ କାର୍ଯ୍ୟରତ ବୁଣାକାର, କାରିଗରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ବିଧାୟକ ମା’ତାରିଣୀ ତନ୍ତୁବାୟ ସମିତିର ପରିଚାଳକ ତଥା ଯୁବ ଉଦ୍ୟୋଗୀ ଅଶୋକ କୁମାର ଗୁଈଁଙ୍କୁ ସରକାରଙ୍କ ବୁଣାକାର ସହାୟତା ଓ ତା’ର ସୁବିନିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଲୁଗା ବୁଣିବା ପରେ ତାକୁ ବଜାରୀକରଣ ଉପଯୋଗୀ କରିବାରେ ବ୍ୟବହୃତ କ୍ୟାଲେଣ୍ଡରିଂ ମେଶିନ ଗୃହ ଓ ମେଶିନର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ। ତନ୍ତଶାଳା ବୁଲିବା ସହ ଲୁଗା ଓ ଅନ୍ୟାନ୍ୟ ବସ୍ତ୍ର ବୁଣିବାର ଆରମ୍ଭ ଏବଂ ଶେଷ ପର୍ଯ୍ୟାୟକୁ ତନଖିଥିଲେ। ପଶମ ବସ୍ତ୍ର ବୁଣିବାର ତରିକାକୁ ନେଇ ବିଧାୟକ କହିଥିଲେ ବୁଣାକାରଙ୍କ କାର୍ଯ୍ୟ ପ୍ରଶଂସନୀୟ। ଏହି ପରିପ୍ରେକ୍ଷୀରେ ବିଧାୟକ ତାଙ୍କର କେତେକ ମନପସନ୍ଦ ଗୋପାଳପୁରୀ ବସ୍ତ୍ର କିଣି ନେଇଥିଲେ। ସେଠାରେ ସହଯୋଗୀ ଯୁବ ସଂଗଠକ ଅମର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇରେ ବିଶ୍ୱ ମାନବ ଅଧିକାର ଦିବସ, କର୍ମଶାଳା

ପଟ୍ଟାମୁଣ୍ଡାଇ,୧୦।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପିଏଲଭି ଓ ବୁଦ୍ଧିଜୀବୀଙ୍କ ମିଳିତ କମିଟି ପକ୍ଷରୁ ସ୍ଥାନୀୟ ଏମ୍ଏନ୍ ହାଇସ୍କୁଲ ସମ୍ମିଳନୀ କକ୍ଷରେ ମାନବ ଅଧିକାର ଦିବସ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାହୁ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ର ମାନବୀୟ ମୂଲ୍ୟବୋଧ, ବିଭିନ୍ନ ଦିଗ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଏଥିରେ ଥିବା ମାର୍ଗ ଦର୍ଶନ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଓ ପ୍ରୟୋଗାତ୍ମକ ଶିକ୍ଷା ସହ ଗବେଷଣା ଏବଂ ଦକ୍ଷତା ବିକାଶ ଲାଗି ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉପରେ ଏହି ନୂତନ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଠିକ୍ ଭାବେ ଲାଗୁ କରି ଆମର ଭବିଷ୍ୟତ ପିଢ଼ିକୁ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଦାଶ କହିଥିଲେ। ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ସାମନ୍ତରାୟ ଯୋଗଦେଇ ‘ଜାତୀୟ ଶିକ୍ଷାନୀତି-୨୦୨୦’ ସୁଯୋଗ, ସମାନତା, ଗୁଣବତା ଏବଂ ଉତ୍ତରଦାୟିତ୍ୱ ଆଦି ବିଭିନ୍ନ ଦିଗ ଉପରେ କହିଥିଲେ। ଏହା ସ୍ନାତକ ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ, ବହୁ ବିଷୟ ଭିତ୍ତିକ ଏବଂ ସୁଗମ ପାଠ୍ୟକ୍ରମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥାଏ। ଏଥିରେ ଧନ୍ଦା ମୂଳକ ଶିକ୍ଷା ଓ ତାଲିମ୍‌କୁ ଯୋଡ଼ାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରୈଲୋକ ମିଶ୍ର, ଅଶୋକ ବଳ, ଆଇନଜୀବୀ ଭୀମସେନ ପରିଡା, ପ୍ରମୋଦ ସାହୁ, ସଞ୍ଜୟ ସାହୁ, ଶିକ୍ଷାବିତ୍ ଧବଳେଶ୍ୱର ଖଣ୍ଡାଇ, ବିଜୟ ପରିଡା, ଦେବାଶିଷ ଦାଶ ପ୍ରମୁଖ ଯୋଗଦେଇ ମାନବ ଅଧିକାର ଦିବସ ଓ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ଆଲୋଚନା କରିଥିଲେ। ବିନୋଦ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ। କ୍ଷୀରୋଦ ମଲିକ, ପରେଶ୍ୱର ସେଠୀ, କିଶୋର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଲୋଚନା ଚକ୍ରରେ ବହୁ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ଆଇନଜୀବୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଯାଁଳା,୧୦।୧୨(ଡି.ଏନ୍.ଏ.): ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ୍ ଉପରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, କିଛିଦିନ ହେବ ମହିଳା ଜଣଙ୍କ ଯାଁଳା ବଜାରରେ ବୁଲାବୁଲି କରୁଥିଲେ। ଶୁକ୍ରବାର ରାତିରେ ସେ ରାସ୍ତାପାର୍ଶ୍ୱରେ ଶୋଇଥିବା ବେଳେ ଏକ ଗାଡ଼ି ତାଙ୍କ ଉପରକୁ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସମାଜରେ ମାତୃଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବିରିଡ଼ି,୧୦।୧୨(ଡି.ଏନ୍.ଏ.)

ମା’ଟିଏ ସଚେତନ ହେଲେ ପରିବାର ଶୃଙ୍ଖଳିତ ହୋଇଥାଏ। ଶୁକ୍ରବାର ବିରିଡ଼ି ବ୍ଲକ ଅନ୍ତର୍ଗତ ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୌପ୍ୟ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ଏହା ପ୍ରକାଶ କରିଛନ୍ତି। ବିଭୂତି ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ଭାରତୀୟ ସଂସ୍କୃତି ଉପରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଳକା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ରାୟ, ଗୁଞ୍ଜର ଓଡ଼ିଶା ମୁଖ୍ୟ ସୁରେଶ କୁମାର, ଶିଶୁ ବିଦ୍ୟାମନ୍ଦିର ସଭାପତି ଗୟାଧର ମହାନ୍ତି, ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନାବିକା ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଓ ମାର୍ଜିତ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଗୁଞ୍ଜର ଓଡ଼ିଶା ମୁଖ୍ୟ ସୁରେଶ କୁମାରଙ୍କୁ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ମେଧା ଛାତ୍ରୀଛାତ୍ର ଓ ଅନୁଷ୍ଠାନକୁ ଭୂମି ଦେଇଥିବା ବ୍ୟକ୍ତିମାନଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ।

# ‘ବିଦ୍ୟାଳୟରେ ଶିକ୍ଷା ସହ ବୌଦ୍ଧିକ ବିକାଶ ଉଦ୍ୟମ କରାଯାଉ’

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୧୦।୧୨(ଡି.ଏନ୍.ଏ.)

ବିଦ୍ୟାଳୟସ୍ତରରୁ ଶିକ୍ଷା ସହ ବୌଦ୍ଧିକତା ବିକାଶ ଲାଗି ଉଦ୍ୟମ ହେଲେ ବହୁ ପ୍ରତିଭାବାନ୍ ସୃଷ୍ଟି ହୋଇପାରିବେ। ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ତରଫରୁ ଶନିବାର ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବ୍ଲକ ଅନ୍ତର୍ଗତ ନରୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ବାଲିଘର ଫାଉଣ୍ଡେଶନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ଓ କବିତା ଆବୃତ୍ତି ଆଦି ୫ ବିଭାଗର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ଆଇନଜୀବୀ ସୁଧୀର କୁମାର ଖୁଣ୍ଟିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ନାଗମଣି କର, ଶିକ୍ଷକ ରାଜେନ୍ଦ୍ର ପ୍ରସାଦ କର, ପ୍ରମୋଦ କୁମାର ମୁଦୁଲି, ଶିକ୍ଷୟିତ୍ରୀ ଅରୁଣା ଦାସ, ସୁକାନ୍ତି ଦାସ, ମାନଶ୍ରୀ ସାହୁ, ସ୍ୱାଗତିକା ସ୍ୱାଇଁ, ପରିଚାଳନା କମିଟି ସଭାପତି ହରେକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ଶିକ୍ଷାବିତ୍ ଶ୍ୟାମସୁନ୍ଦର ବେହେରା, ସାମାଜିକ କର୍ମୀ ନିରଞ୍ଜନ ମହାପାତ୍ର ଏବଂ ବୃନ୍ଦାବନ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣରେ ୭୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ୧୫ ଫୁଟ୍‌ର ଅଜଗର ଉଦ୍ଧାର

**ଚଣ୍ଡିଖୋଲ,୧୦।୧୨(ଡି.ଏନ.ଏ.):** ଡାଲିଯୋଡ଼ା ଚଣ୍ଡିଖୋଲ ବନାଞ୍ଚଳ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତ କୁମ୍ଭାରସାହି ନିକଟରୁ ଏକ ୧୫ ଫୁଟ୍ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ସାପକୁ ଉଦ୍ଧାର କରି ନିକଟସ୍ଥ ମହାବିନାୟକ ଜଙ୍ଗଲରେ ଛାଡ଼ିଛନ୍ତି। କୁମ୍ଭାର ସାହିର ଅନନ୍ତ ରଣାଙ୍କ ବାଡ଼ି ପଛପଟେ ଅଜଗର ସାପକୁ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସାପଟି ପାଣି ପିଇବା ପାଇଁ ନିକଟସ୍ଥ କେନାଲକୁ ପଳାଇ ଆସିଥିବା ଅନୁମାନ କରାଯାଉଛି ବୋଲି ବନପାଳ ବେହେରା କହିଛନ୍ତି।

### ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

**ବାଲିଚନ୍ଦ୍ରପୁର,୧୦।୧୨(ସ୍ୱ.ପ୍ର.):** ଗାୟତ୍ରୀ ଶକ୍ତିପୀଠ ଯାଜପୁର ଓ ଗାୟତ୍ରୀ ପ୍ରଜ୍ଞାପୀଠ ବାଲିଚନ୍ଦ୍ରପୁର ମିଳିତ ଆନୁକୂଲ୍ୟରେ ଅସହାୟଙ୍କୁ ଶନିବାର ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଗାୟତ୍ରୀ ପରିବାରର ପୀତବାସ ଦାସ ଓ ରଘୁନାଥ ଧଳଙ୍କ ତତ୍ତ୍ୱାବଧାନରେ ସର୍ବଶ୍ରୀ ଶିକ୍ଷାବିତ୍ ଲାଲ ବିହାରୀ ଜେନା, ପ୍ରଜ୍ଞାମୟୀ ଲବଙ୍ଗଲତା ରାଉତ, କାଞ୍ଚନବାଳା ଦାସ, ମଦନ ରାଉତ, ପ୍ରଭାତ ରାଉତ, ଫକୀର ନାୟକ, ପାବନୀ ସାହୁ ପ୍ରମୁଖ ଉପସ୍ଥିତ ରହି ବାଲିଚନ୍ଦ୍ରପୁରସ୍ଥିତ ହନୁମାନ ମନ୍ଦିର, ଗୋପାଳପୁର ପଞ୍ଚାୟତସ୍ଥିତ ସହଦେବ ବିଦ୍ୟାପୀଠ ଖଡ଼ଗପୁର ପରିସରରେ ୬୦ରୁ ଊର୍ଦ୍ଧ୍ୱ ଅସହାୟ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ।

### ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

**ବାଲିଚନ୍ଦ୍ରପୁର,୧୦।୧୨(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତସ୍ଥିତ ପଲାଇ ଗ୍ରାମର ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ସୁଶାନ୍ତ କୁମାର ଦାସ(ମିଟୁ)ଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ନଭେମ୍ବର ୨୮ରେ ରାଷ୍ଟ୍ରପତି ଭବନରେ ସମ୍ମାନିତ କରାଯାଇଥିଲା। ସେ ତାଙ୍କ ନିହାଣମୁନରେ ପ୍ରସ୍ତରରେ ନିର୍ମିତ ରାଧାକୃଷ୍ଣ ଝୁଲ ମୂର୍ତ୍ତିକୁ ନିଖୁଣ ଭାବରେ ନିର୍ମାଣ କରି ଏହି ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେ ଦିଲ୍ଲୀଯାତ୍ରା କରି ସେଠାରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲଙ୍କଠାରୁ ପ୍ରମାଣପତ୍ର ଏବଂ ମେଡାଲ ଗ୍ରହଣ କରିଥିଲେ। ଶନିବାର ସେ ଆସି କଟକ ରେଳ ଷ୍ଟେସନରେ ପହଞ୍ଚିବା ପରେ ସାମାଜିକ କର୍ମୀ ଅଶୋକ ସାମଲ, ଖବରଦାତା ଉତ୍କଳ କେଶରୀ ସାମଲ, ଯୁବ ସାମାଜିକ କର୍ମୀ ନିଶିକାନ୍ତ ମହାନ୍ତି ତାଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଛତିଆଠାରେ ଜିଲା ହ୍ୟାଣ୍ଡବଲ ଆସୋସିଏଶନ କାର୍ଯ୍ୟାଳୟରେ ସମ୍ପାଦକ ରମେଶ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ଓ ଖେଳାଳି ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ବଡ଼ଚଣାସ୍ଥିତ କଡ଼େଇ ଛକଠାରେ ଜିଲା ଭାଜପା ସମ୍ପାଦିକା ଦେବଜାନୀ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ତାଙ୍କୁ ବନ୍ଦାପନା କରିଥିଲେ। ବାଲିଚନ୍ଦ୍ରପୁର ବଜାରରେ ପହଞ୍ଚିବା ପରେ ବଟକୃଷ୍ଣ ସାହାଣୀ ସ୍ମୃତି ସଂସଦ ପକ୍ଷରୁ ଅମୀୟ ସାହାଣୀ, ଖବରଦାତା ଗିରିଜା ପ୍ରସାଦ ସାହୁ, ଅଶୋକ ବିଶ୍ୱାଳ ଓ ଅଜୟ ସେଠୀ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ପକ୍ଷରୁ ସଭାପତି ପ୍ରକାଶ ସାମଲ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ସେକ୍ ଇକ୍‌ବାଲ ହୁସେନ୍ ପ୍ରମୁଖ ଦାସଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ।

# ଫଳକରେ ସୀମିତ ଗଣ୍ଡାନାଳ ବିଜୁ ସେତୁ

**କଳିଙ୍ଗନଗର,୧୦।୧୨(ଡି.ଏନ.ଏ.)**



ସେତୁ ନିର୍ମାଣ ପାଇଁ ହୋଇଥିବା ଭିତ୍ତିପ୍ରସ୍ତର ସ୍ଥଳ।



ଗଣ୍ଡାନାଳରେ ଲୋକେ ଯାତାୟାତ କରୁଛନ୍ତି।

- ଭିତ୍ତିପ୍ରସ୍ତରର ୬ ବର୍ଷ ପରେ ବି କାମ ଆରମ୍ଭ ହେଉନି
- ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ
- ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଶାସନ ନିକଟରେ ଦାବି

କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଦାନଗଦି ବ୍ଲକ୍‌ର ରାଣୀପଡ଼ା ଏବଂ ଓଲ୍ଲଳ ପଞ୍ଚାୟତ ମଧ୍ୟ ଦେଇ ପ୍ରବାହିତ ହେଉଛି ଚିରସ୍ରୋତା ଗଣ୍ଡାନାଳ। ବର୍ଷ ତମାମ ଏହି ନାଳରେ ପାଣିରେ ପଶି ଲୋକେ ଯାତାୟାତ କରୁଥିବାବେଳେ ବର୍ଷା ଦିନେ ବହୁ ହଇରାଣ ହରକତ ହେଉଛନ୍ତି। ନାଳ ଉପରେ ପୋଲଟିଏ ନ ଥିବାରୁ ଲୋକେ ବୁଲିବୁଲି ଯିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ଆଖି ଆଗରେ ରଖି ମୂଳାସାର ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଓଲ୍ଲୋଳ ରାସ୍ତା ମଧ୍ୟରେ ଗଣ୍ଡାନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ପ୍ରଶାସନ ଆଗେଇ ଆସିଥିଲା। ଏଠାରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ୨୧।୧୨।୨୦୧୬ରେ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ଏହାପରେ ପୋଲ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପୋଲ ନିର୍ମାଣ କେବଳ ଫଳକରେ ହିଁ ସୀମିତ ରହିଯାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନା ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶୀଘ୍ର ପୋଲ କାର୍ଯ୍ୟ ଆରମ୍ଭ କରିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ଦାନଗଦି ଓ ସୁକିନ୍ଦା ବ୍ଲକ ଖଣି ପ୍ରଭାବିତ କ୍ଷେତ୍ର ଭାବେ ଘୋଷିତ ହୋଇଛି। ଏହି ୨ ବ୍ଲକ୍‌ରେ ବିକାଶମୂଳକ କାର୍ଯ୍ୟ ପାଇଁ ବିପୁଳ ଖଣିଜ ନ୍ୟାସ ପାଣ୍ଠି ଜମା ରହିଛି। ମାତ୍ର ବିକାଶ ଅର୍ଥ ବିନିଯୋଗ ବାଟବଣା ହେଉଥିବା ଦେଖାଯାଉଛି। ଗମନାଗମନର ସୁବିଧା ପାଇଁ ଉନ୍ନତ ରାସ୍ତା ଓ ସେତୁ ନିର୍ମାଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ହେଁ ବର୍ଷ ବର୍ଷ ଧରି ଦାନଗଦି ବ୍ଲକ୍‌ର ୪ ପଞ୍ଚାୟତବାସୀଙ୍କ ଆବଶ୍ୟକତା ବିଜୁ ସେତୁକୁ ଅଣଦେଖା କରାଯାଇଛି। ମୂଳାସାର ଏବଂ ଓଲ୍ଲୋଳକୁ ବିଭକ୍ତ କରୁଥିବା ଗଣ୍ଡାନାଳ ଉପରେ ବହୁ ପ୍ରତୀକ୍ଷିତ ଉଚ୍ଚ ସେତୁର ନିର୍ମାଣ ପାଇଁ ତତ୍କାଳୀନ ଏମ୍‌ପି ରୀତା ତରାଇ ଓ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଶୁଭ ଦେଇଥିଲେ। ବିଜୁ ସେତୁ ଯୋଜନା ଅନ୍ତର୍ଭୁକ୍ତ ଏହି ସେତୁ ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ନେଇଥିଲା। ମାତ୍ର ଏହା ପରଠାରୁ ଏହି ସେତୁ ନିର୍ମାଣ ପ୍ରସଙ୍ଗ ଶୂନ୍ୟରେ ମିଳେଇ ଯାଇଛି। ଫଳସ୍ୱରୂପ ଯେଉଁଠି ୨ କିଲୋମିଟର ରାସ୍ତାଦେଇ ଲୋକେ କଳିଙ୍ଗନଗର ଶିଳ୍ପାଞ୍ଚଳ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ କିମ୍ବା ତହସିଲ କାର୍ଯ୍ୟାଳୟ ଯିବା କଥା ସେଠାରେ ଲୋକେ ୨୦ କିଲୋମିଟର ଅଧିକ ବୁଲି ବୁଲି ଯିବାକୁ ବାଧ୍ୟ ହେଉଛନ୍ତି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ, ଦମକଳ କିମ୍ବା ପୋଲିସ ଗାଡ଼ି ଆସିବା ସମ୍ଭବ ହେଉନାହିଁ। ଏ ନେଇ ଲୋକେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରୁନାହିଁ। କେବଳ ନିର୍ବାଚନ ସମୟରେ ସେତୁ ନିର୍ମାଣ ପ୍ରସଙ୍ଗରେ ସରଗରମ ଆଲୋଚନା ହେଉଥିବା ବେଳେ ଅନ୍ୟ ସମୟରେ କେହି ଏହି ସମସ୍ୟାକୁ ଆଡ଼ ଆଖିରେ ଚାହୁଁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ଦିନେ ବାଟୋଇ କିମ୍ବା ସାଇକେଲ ଆରୋହୀ କୌଣସି ପ୍ରକାର ନାଳ ପାର ହେଉଥିବା ବେଳେ ବର୍ଷା ଦିନେ ଏହି ବାଟରେ ଯାତାୟାତ ପାଇଁ ଲୋକେ ନାନା ହଇରାଣ ହୋଇଥାନ୍ତି। ତେବେ ପୋଲ ନିର୍ମାଣ କାହିଁକି ଓ କେଉଁ କାରଣରୁ ଅଟକିଛି ସେ ସମ୍ପର୍କରେ କାହା ପାଖରେ ଖବର ନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ଥାନୀୟ ବିଧାୟକ ଯଥା ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ମାନବ ଅଧିକାର ଦିବସ

**ଯାଜପୁର ଟାଉନ,୧୦।୧୨(ଡି.ଏନ.ଏ.)**

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ହରିସାମନ୍ତ ଉଚ୍ଚ ବିଦ୍ୟାଳୟ ଯାଜପୁର ପରିସରରେ ବିଶ୍ୱ ମାନବିକ ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସମ୍ପାଦକ ଦୁର୍ବାଶା ଦୁର୍ଗା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜେଏମ୍‌ଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ଶିଶୁ ମଙ୍ଗଳ କମିଟି ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ୟାନେଲ ଲୟର ଅଖିଳମୋହନ ଦାସ, ହରିସାମନ୍ତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରତିଭା ଓଝା ପ୍ରମୁଖ ଯୋଗଦେଇ ଜାତି, ବର୍ଣ୍ଣ ନିର୍ବିଶେଷରେ ଶିଶୁ, ବୃଦ୍ଧ ଓ ପ୍ରତ୍ୟେକ ବ୍ୟକ୍ତି କିପରି ମର୍ଯ୍ୟାଦାର ସହ ସ୍ୱାଧୀନଭାବେ ବଞ୍ଚିବେ ଓ ଉପଯୁକ୍ତ ନ୍ୟାୟ ପାଇପାରିବେ ସେହି ମୂଳଲକ୍ଷ୍ୟ ଉପରେ ମାନବିକ ଅଧିକାର ପର୍ଯ୍ୟବେଶିତ ବୋଲି କହିଥିଲେ। ବ୍ୟକ୍ତିର ଧର୍ମ, ଭାଷା, ଚଳଣି, ଉପସନା ଇତ୍ୟାଦି ଉପରେ କାହାରି ହସ୍ତକ୍ଷେପ ରହିବ ନାହିଁ। ସୁସ୍ଥ, ପୀଡ଼ିତ, ଏପରିକି ବିଚାରାଧୀନ ବା ଦୋଷଯୁକ୍ତ ବନ୍ଦୀ ଜୀବନ ବିତାଉଥିବା ବ୍ୟକ୍ତିର ମାନବୀୟ ଅଧିକାର କ୍ଷୁଣ୍ଣ ହେବା ଉଚିତ ନୁହେଁ ବୋଲି କୁହାଯାଇଥିଲା। ଚଳିତ ବର୍ଷର ମାନବିକ ଅଧିକାର ବିଷୟ 'ସମସ୍ତଙ୍କ ପାଇଁ ମର୍ଯ୍ୟାଦା ସ୍ୱାଧୀନତା ଓ ନ୍ୟାୟ' ଆଧାରରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।




# ଏକଦିବସୀୟ ଏସିସି କ୍ରିକେଟ୍: ଅରଖପଦା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳି।

**ଧର୍ମଶାଳା,୧୦।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଏକଦିବସୀୟ ଏସିସି କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍‌ରେ ନାଉପାଳ ଟିମ୍‌କୁ କୁମାରୀ ଟିମ୍ ୨ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଅରଖପଦା ଟିମ୍ ଅରାବଳ ଟିମ୍‌କୁ ୪ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା।

ମ୍ୟାଚ୍‌କୁ ମିଳନ ଶତପଥୀ, ସିଦ୍ଧାର୍ଥ ପାଲ, ସତ୍ୟଜିତ ସାମଲ ଓ ସନ୍ଦୀପ ଦାସ ପରିଚାଳନା କରିଥିଲେ। ବିଜୟୀ ଅରଖପଦା ଟିମ୍‌ର ପପି ଜେନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ଅରାବଳ ଟିମ୍‌ର ସୁବ୍ରତ ପାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରେସ୍‌କ୍ଲବ ସମ୍ପାଦକ ଅବିନେଶ୍ୱର ଶତପଥୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସ୍ଥାନୀୟ ଅଞ୍ଚଳର ବହୁ ଦର୍ଶକ ଉପଭୋଗ କରିଥିଲେ।

# ମୁଣ୍ଡମାଳ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**କଳିଙ୍ଗନଗର,୧୦।୧୨(ଡି.ଏନ.ଏ.)**

ବ୍ୟାସନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଣ୍ଡମାଳର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡ଼ା ୨ ଦିନ ଧରି ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶିଷ୍ଟ କ୍ରୀଡ଼ାବିତ୍ ମନୀନ୍ଦ୍ର କୁମାର ଧଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଦ୍ୟାଳୟର ବିଭିନ୍ନ ବର୍ଗରେ ମୋଟ ୬୯୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ତଥା ଆମ ବିଦ୍ୟାଳୟ ସମ୍ପାଦକ ଦିଲୀପ କୁମାର ଜେନା ଓ ସଭାପତି ବିଜୟ କୁମାର ପଣ୍ଡା ପୁରସ୍କୃତ କରିଥିଲେ। ଶେଷରେ ପ୍ରଧାନଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଧନ୍ୟବାଦ ଦେଇଥିଲେ।

## ଚିଲିକା ସେଲଡକ୍ ଫୋକ୍ କାର୍ନିଭାଲ ଉଦ୍‌ଘାଟିତ

**ବାଲୁଗାଁ,୧୦।୧୨(ଡି.ଏନ୍.ଏ.)**

ବାଲୁଗାଁ ନିକଟ ବଡ଼କୁଳ ଚିଲିକା ତଟଦେଶରେ ଅବସ୍ଥିତ ଓଡିଆର୍ଟ ସେଣ୍ଟର ପରିସରରେ ୮ମ ଚିଲିକା ସେଲଡକ୍ ଫୋକ୍ କାର୍ନିଭାଲ୍ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ବଂଶୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ ପଦ୍ମଭୂଷଣ ରାଜୀବ ସେଠୀ, ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପର୍ଯ୍ୟଟନ ବିଭାଗ ଅଧ୍ୟକ୍ଷ ଲେନିନ୍ ମହାନ୍ତି, ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂସ୍କୃତି, ଐତିହ୍ୟ ଓ ଲୋକକଳାକୁ ଉଜ୍ଜୀବିତ ସହ ବର୍ତ୍ତମାନର ଯୁବପିଢ଼ିଙ୍କ କ୍ଷେତ୍ରରେ ଏହା କିପରି ଆଦୃତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପଦ୍ମଭୂଷଣ ସେଠୀଙ୍କୁ ଚିଲିକା କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋକକଳା ମଞ୍ଚରେ ରାଜସ୍ଥାନୀ ଫୋକ୍ ମ୍ୟୁଜିକ୍ ଓ ନୃତ୍ୟ ଏବଂ ରାବଣ ଛାୟା, ରାମାୟଣ ନାଟକ ଆଦି ପରିବେଷଣ ହୋଇଥିଲା। ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ଗମାଙ୍ଗ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଢୋଲ, ମୃଦଙ୍ଗ ଓ ଚାଙ୍ଗୁ ଆଦି ବାଦ୍ୟରେ ଓଡିଆର୍ଟ ସେଣ୍ଟର ପରିସର ଦୁଲୁକିଥିବା ବେଳେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

# ମୌଳିକ ସୁବିଧାରୁ ବଞ୍ଚିତ ରାମଙ୍କ ପରିବାର

**ରସୁଲପୁର,୧୦।୧୨(ଡି.ଏନ.ଏ.)**

### ସହାୟତାର ପ୍ରତିଶ୍ରୁତି ଦେଲେ ସରପଞ୍ଚ

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଗ୍ରାମରେ ଏକ ଭଙ୍ଗା କୁଡ଼ିଆରେ ରହୁଥିବା ରାମ ମାଝିଙ୍କ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କା ଘର ଯୋଜନା ଜରିଆରେ ତାଙ୍କ ପରିବାରକୁ ଘରଟିଏ ମିଳିନାହିଁ। ରାଶନ କାର୍ଡ ସୁବିଧାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି ଏହି ଦିନ ମଜୁରିଆ ପରିବାର। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସର୍ବେଶ୍ୱର ସାହୁ ଅବଗତ ହୋଇ ଶନିବାର ରାମଙ୍କ ଘରେ ପହଞ୍ଚିଥିଲେ। ଭାତ ବଦଳରେ ଶୁଖିଲା ଖାଦ୍ୟ ଖାଇ ରାମ ଜୀବନ ଜିଉଛନ୍ତି ବୋଲି ତାଙ୍କ ପରିବାର ଲୋକେ ସରପଞ୍ଚ ସାହୁଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ସରପଞ୍ଚ ରାମଙ୍କ ଛଡ଼ା ସ୍ତ୍ରୀ ସୀତା ଓ ତାଙ୍କ ୪ଟି ଝିଅ ଏବଂ ୨ ପୁଅଙ୍କ ସହ ଆଲୋଚନା କରିଥିଲେ। ସେମାନେ ସମସ୍ତ ବାହାରେ କାମଧନ୍ଦା କରି ପେଟ ପୋଷୁଛନ୍ତି ବୋଲି ସରପଞ୍ଚ ଅବଗତ ହୋଇଥିଲେ। ଉକ୍ତ ପରିବାରକୁ ସରପଞ୍ଚ ତୁରନ୍ତ ରାଶନକାର୍ଡ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ଆବାସ ଯୋଜନାରେ ଘର ଦେବେ ବୋଲି କହିଥିଲେ। ପଞ୍ଚାୟତ ତରଫରୁ ଆବାସ ପାଇଁ ପ୍ରସ୍ତୁତ ଅଗ୍ରାଧିକାର ତାଲିକାରେ ରାମ ପରିବାରଙ୍କ ନାମ ସ୍ଥାନ ପାଇଥିବାରୁ ସେ ଗୃହ ଖଣ୍ଡେ ପାଇପାରିବାକୁ ଯୋଗ୍ୟ ହୋଇଛନ୍ତି। ଏହାଛଡ଼ା ଉକ୍ତ ପରିବାର ସହ ଲାଗି ରହିଥିବା ଅନ୍ୟ ସମସ୍ୟା ଓ ସାମାଜିକ ନିରାପତ୍ତା ସହାୟତା ଯୋଗାଇ ଦେବା ନେଇ ବ୍ଲକ ପ୍ରଶାସନ ସହ ସରପଞ୍ଚ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ତେବେ ରାମଙ୍କ ଭଳି ପରିବାର ସରକାରୀ ଯୋଜନାରୁ ବଞ୍ଚିତ ରହିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ପରିବାର ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ସରପଞ୍ଚ ସହାୟତାର ହାତ ବଢ଼ାଇବେ ବୋଲି ମତ ରଖିଛନ୍ତି।



ରାମ ଓ ତାଙ୍କ ସ୍ତ୍ରୀଙ୍କ ସହ ସରପଞ୍ଚ ଆଲୋଚନା କରୁଛନ୍ତି।

# ସଫଳତା ପାଇଁ ଗୁରୁଜନଙ୍କ ଆଶୀର୍ବାଦ ଆବଶ୍ୟକ




ଅତିଥିଙ୍କ ଗହଣରେ ଅନିମେଶ।

**ବାଲିଚନ୍ଦ୍ରପୁର,୧୦।୧୨(ସ୍ୱ.ପ୍ର.)**

ଚଳିତ ବର୍ଷ ଓଡ଼ିଶା ନ୍ୟାୟିକ ସେବା(ଓଜେଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବଡ଼ଚଣା ବ୍ଲକ ଚାରିନଙ୍ଗଳ ଗ୍ରାମର ଅନିମେଶ ସାମଲଙ୍କୁ ଶନିବାର ଆଞ୍ଚଳିକ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚାରିନଙ୍ଗଳ ଉଚ୍ଚ ବିଦ୍ୟାଳୟ ପରିସରରେ ଡ.ଭାଗ୍ୟଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜୀବନ ବଲ୍ଲଭ ଦାସ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଟିପ୍ପଣି ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ବିନ୍ଧୁମିତ୍ର ବଳ, ଶିକ୍ଷାବିତ୍ ଦିନବନ୍ଧୁ ବେହେରା, ରାମଚନ୍ଦ୍ର ସାମଲ, ଉମାକାନ୍ତ ବଳ, ଖବରଦାତା ମହେଶ୍ୱର ବଳ, ସୟଦ ଇନାମୁଲ ହକ୍ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଜୟା ରାୟ ପ୍ରମୁଖ ଯୋଗଦେଇ ସଫଳତା ପାଇବାକୁ ହେଲେ ବିଦ୍ୟା, ବୃଦ୍ଧି ବ୍ୟତୀତ ଗୁରୁଜନଙ୍କ ଆଶୀର୍ବାଦର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। କମିଟି କର୍ମକର୍ତ୍ତା ତଥା ପ୍ରାକ୍ତନ ସରପଞ୍ଚ ସେକ୍ ରିଆସତ ଅଲ୍ଲି, ଉମେଶ ଚନ୍ଦ୍ର ସାମଲ, ସେକ୍ ମୋଇନ ଅହେମଦ, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ରଞ୍ଜିତ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ବିଳାଶ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ପ୍ରଧାନଶିକ୍ଷକ ଦିଲୀପ କୁମାର ଦାସ ଓ ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଅନିମେଶଙ୍କୁ ଅଭିନନ୍ଦନ ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଗୋଲାମ କିବିରିଆ ଖାଁ ଧନ୍ୟବାଦ ଦେଇଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

**ଧର୍ମଶାଳା,୧୦।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତରେ ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାଦେଇପୁର ପଞ୍ଚାୟତର ତରସ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ଭାଜପା ନେତା ସର୍ବେଶ୍ୱର ବେହୁରା ଯୋଗଦେଇ ତୃଣମୂଳସ୍ତରରୁ ପାର୍ଟିକୁ କିଭଳି ସଙ୍ଗଠିତ କରାଯାଇ ପାରିବ ତା'ଉପରେ ଉପସ୍ଥିତ କର୍ମୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରମଣି ପଣ୍ଡିତ, ପ୍ରେମାନନ୍ଦ ମହାନ୍ତି, ପ୍ରମୋଦ ମହାନ୍ତି, ଅର୍ଜୁନ ସାହୁ, କୀର୍ତ୍ତନ ମଲିକ ଓ ରାଜୁ ଗୋଛାୟତ ପ୍ରମୁଖ ଯୋଗଦେଇ ଭାଜପା ଏବଂ ମୋଦି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ବିଜେଡି ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ବୈଠକରେ ପଞ୍ଚାୟତର ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ପାର୍ଟି ପକ୍ଷରୁ ପଞ୍ଚାୟତସ୍ତରରେ ଏଭଳି କାର୍ଯ୍ୟକ୍ରମ ଜାରିରହିବ ବୋଲି ବେହୁରିଆ ପ୍ରକାଶ କରିଛନ୍ତି।

# ଜିଲା ଜୁନିୟର ଆନ୍ତଃ କ୍ଲବ୍ କ୍ରିକେଟ: ଜାରକା ବିଜୟୀ

**ଯାଜପୁର ଟାଉନ,୧୦।୧୨(ଡି.ଏନ.ଏ.)**



ଅତିଥି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ମିଳିତ ଉଦ୍ୟମରେ ନାଥସାହି ନୂଆପଡ଼ା ଖେଳପଡ଼ିଆଠାରେ ଚାଲିଥିବା ଜିଲା ଜୁନିୟର୍ ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟର ୫ମ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସର ମ୍ୟାଚ୍‌କୁ ବରିଷ୍ଠ ବିଜେଡି ନେତା ତୁଷାରକାନ୍ତ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ କେଡିଏମ୍ ଜାରକା ଓ ବିସିସି ପାଣିକୋଇଲି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେଡିଏମ୍ ଜାରକା ବିଜୟୀ ହୋଇଛି। କେଡିଏମ୍ ଜାରକା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ୍ ୫୦ ଓଭର ମଧ୍ୟରୁ ୪୧ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରତ୍ନ ଶୁଭ୍ରାଂଶୁ ସାମଲ ସର୍ବାଧିକ ୩୮ ରନ୍ ସଂଗ୍ରହ କରିଥିଲେ। ବିସିସି ପାଣିକୋଇଲିର ବୋଲର ହିତେଶ କୁମାର ପରିଡ଼ା ୭ ଓଭର ବୋଲିଂ କରି ୨୪ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବ୍‌ରେ ବିସିସି ପାଣିକୋଇଲି ଦଳ ବ୍ୟାଟିଂ କରି ୪୧ ଓଭର ଖେଳି ୧୬୧ ରନ୍ ସଂଗ୍ରହ କରି କେଡିଏମ୍ ଜାରକାଠାରୁ ପରାସ୍ତ ହୋଇଥିଲା। ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ରତ୍ନ ଶୁଭ୍ରାଂଶୁ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ସ୍ୱପ୍ନ ସରିତ କର ଓ ଜ୍ଞାନରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଛତାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ଡେରାବିଶ,୧୦ା୧୨(ସ୍ୱ.ପ୍ର.): ଡେରାବିଶ ମଣ୍ଡଳ ଶିକ୍ଷା ସର୍କଲ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଛତାଠାରେ ସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦୀରର ୨ ଦିନିଆ ବାର୍ଷିକ କ୍ରୀଡାଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକବାରଠାରୁ ବିଦ୍ୟାମନ୍ଦିରଠାରୁ କିଛି ଦୁରତାରେ ଥିବା ଗୋପାଳଜୀଉ ପାଟଣା ଖେଳ ପଡିଆରେ ଆରମ୍ଭ ହୋଇଥିବା ଏହି କ୍ରୀଡା ଉତ୍ସବରେ ଶିଶୁମନ୍ଦିରର କୁନି ଛାତ୍ରୀଛାତ୍ର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଜାଭେଲିନ, ସଟଫୁଟ ଓ ମ୍ୟୁଜିକ ଚେୟାର ଖେଳରେ ଅଂଶଗ୍ରହଣ କରି ସେମାନଙ୍କ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ଶୁକ୍ରବାର ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମମତା ରାଉତ ଓ ପ୍ରାକ୍ତନ ବ୍ଲକ ଉପାଧକ୍ଷ ଗଣେଶ୍ୱର ବେହେରା ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ପରେ ଖେଳ ଶିକ୍ଷକ ଦେବୀ ପ୍ରସାଦ ମହାରଣାଙ୍କ ତତ୍ତ୍ୱାବଧାନରେ ୨ ଦିନ ଧରି ଏହି କ୍ରୀଡ ଉତ୍ସବ ଚାଲିଥିଲା। ସେହିପରି ଶନିବାର ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଯୁବ ସଙ୍ଗଠକ ପ୍ରକାଶ କୁମାର କାଣ୍ଡି ଓ ପଦ୍ମନାଭ ବାରିକ ଅତିଥି ଭାବେ ଯୋଗଦେଇ ଏହାର ସମାପନ ଘୋଷଣା କରିଥିଲେ। ଏହି କ୍ରଡା ଉତ୍ସବ ପରିଚାଳନାରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, କ୍ରୀଡା ଶିକ୍ଷକ, ଅରୁଣ କୁମାର ସ୍ୱାଇଁ, ଅନ୍ୟ ଗୁରୁମାଗୁରୁଜୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ୧୫ ଫୁଟ୍‌ର ଅଜଗର ଉଦ୍ଧାର

ଚଣ୍ଡିଖୋଲ,୧୦ା୧୨(ଡି.ଏନ.ଏ.): ଡାଲିଯୋଡ଼ା ଚଣ୍ଡିଖୋଲ ବନାଞ୍ଚଳ ଅଧୀନ ସୁଙ୍ଗୁଡ଼ା ପଞ୍ଚାୟତ କୁମ୍ଭାର ସାହି ନିକଟରୁ ଏକ ୧୫ ଫୁଟ୍ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ବନପାଳ ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ସାପକୁ ଉଦ୍ଧାର କରି ନିକଟସ୍ଥ ମହାବିନାୟକ ଜଙ୍ଗଲରେ ଛାଡ଼ିଛନ୍ତି। କୁମ୍ଭାର ସାହିର ଅନନ୍ତ ରଣାଙ୍କ ବାଡ଼ି ପଛପଟେ ଅଜଗର ସାପକୁ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସାପଟି ପାଣି ପିଇବା ପାଇଁ ନିକଟସ୍ଥ କେନାଲକୁ ପଳାଇ ଆସିଥିବା ଅନୁମାନ କରାଯାଉଛି ବୋଲି ବନପାଳ ବେହେରା କହିଛନ୍ତି।

## ମୁଣ୍ଡମାଳ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କଳିଙ୍ଗନଗର,୧୦ା୧୨(ଡି.ଏନ.ଏ.): ବ୍ୟାସନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଣ୍ଡମାଳର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡ଼ା ୨ ଦିନ ଧରି ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶିଷ୍ଟ କ୍ରୀଡ଼ାବିତ୍ ମନୀନ୍ଦ୍ର କୁମାର ଧଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

# ଜଳୁଛି ପେଟ, ପାଠପଢ଼ାକୁ ପଚାରେ କିଏ

■ ଦାଦନ ଖଟି ଯାଇଛନ୍ତି ମା'ବାପା

■ ପରିବାର ବୋଝ ମୁଣ୍ଡାଇଛି ୭ ବର୍ଷର ଝିଅ ପାର୍ବତୀ


ପାର୍ବତୀ ଓ ରାଜେଶ ଚୁଲିରେ ଭାତ ରାନ୍ଧୁଛନ୍ତି।

ମହାକାଳପଡ଼ା,୧୦ା୧୨(ଡି.ଏନ୍.ଏ.)

ଶୈଶବ ବନ୍ଧାପଡ଼ିଛି ଚୁଲି ମୁଣ୍ଡରେ। ଚୁଲି ଧୂଆଁରେ ଭବିଷ୍ୟତ ସ୍ୱପ୍ନ ଅନ୍ଧକାର ହୋଇଯାଉଛି। ଯେଉଁ ବୟସରେ ନିଜ ସାଥୀମାନେ ବିଦ୍ୟାଳୟକୁ ଯାଉଛନ୍ତି ସେତେବେଳେ ୭ ବର୍ଷର ଝିଅଟିଏ ପରିବାରର ବୋଝ ମୁଣ୍ଡରେ ବୋହିବାକୁ ପଡୁଛି। କାନ୍ଧରେ ବସ୍ତାନି ପକାଇ ସ୍କୁଲ ଯାଇ ପାଠ ପଢ଼ିବା ସ୍ୱପ୍ନ ପାଲଟିଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଶବରପଲ୍ଲୀ ଗାଁରେ।

ଏହି ଗାଁର ଦିନା ଅହାଡ଼ିଙ୍କ ପରିବାର କହିଲେ ସ୍ତ୍ରୀ ଚୁନି, ଝିଅ ପାର୍ବତୀ ୭ ବର୍ଷ ଓ ପୁଅ ରାଜେଶ ୫ ବର୍ଷ। ଅଭାବୀ ପରିବାରର ଗୁଜରାଣ ମେଣ୍ଟାଇବାକୁ ଏହି ଦମ୍ପତି ୪ ମାସ ହେଲା ତାମିଲନାଡୁ ଦାଦନ ଖଟିବାକୁ ଯାଇଛନ୍ତି। ଘରେ ଛୋଟ ଭଉଣୀଭାଇଙ୍କ ଦୁଃଖ କହିଲେ ନ ସରେ। ଦୈନିକ ପାର୍ବତୀ ଓ ସାନଭାଇ ରାଜେଶ ନିକଟ ଜଙ୍ଗଲରୁ ଜାଳ ସଂଗ୍ରହ କରି ଆଣିଲେ ଘରେ ଚୁଲି ଜଳେ। ଭାତମୁଠେ ରାନ୍ଧିବା ପରେ ଖାଲି ଭାତ ସହ ଲୁଣ ଲଗାଇ ଖାଉ ବୋଲି ପାର୍ବତୀ କହିଛନ୍ତି। ମା'ବାପା ଦାଦନ ଖଟିବାକୁ ଚାଲିଯିବା ପରେ ରାତିହେଲେ ନୁଆଁଣିଆ ଭଙ୍ଗା ଖୁମ୍ପୁଡ଼ି ପଲିଥିନ ତଳେ ଶୀତ କାକରରେ ଆଶ୍ରୟ ନେଉ। ଅନେକ ସମୟରେ ଆମେ ଭାଉଣୀଭାଇ ଭୋକ ଉପାସରେ ପାଣି ପିଇ ଶୋଇ ପଡୁ ବୋଲି ପାର୍ବତୀ କହିଛନ୍ତି। ପାଠ ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଦୁହେଁ ଘରର ଅଭାବ ଅସୁବିଧା ଲାଗି ପଢ଼ିପାରୁନାହୁଁ ବୋଲି କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ତୃଣମୂଳ ସ୍ତରରେ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଏମାନଙ୍କ କ୍ଷେତ୍ରରେ ଏହା ବାଟ ହୁଡୁଛି। ସରକାର ଏହି ପିଲାଦ୍ୱୟଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ମାଗଣାରେ ଆବାସିକ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପଞ୍ଚାୟତର ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳଙ୍କୁ ପଚାରିବାରେ ଶବରପଲ୍ଲୀର ଏହି ଅଭାବୀ ପରିବାରକୁ ପ୍ରଶାସନ ତୁରନ୍ତ ସହାୟତା ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

# ବାର୍‌ହା ସହ ପିଟିହୋଇ ଯୁବକଙ୍କ ଗୋଡ଼ ଭାଙ୍ଗିଲା


ଆହତ ସୁଦାମ ମଣ୍ଡଳ।

ରାଜନଗର, ୧୦ା୧୨(ଡି.ଏନ୍.ଏ.)

ରାସ୍ତାରେ ଜଣେ ଯୁବକ ବାଇକ୍ ନେଇ ଯାଉଥିବା ବେଳେ ବାର୍‌ହା ଦେହରେ ପିଟି ହେବାରୁ ତାଙ୍କ ଗୋଡ଼ ଭାଙ୍ଗିଯାଇଛି। ଶନିବାର ସକାଳେ ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପ୍ରଭାତୀ ଗାଁର ସୁଦାମ ମଣ୍ଡଳ (୨୫) ଓ ତାଙ୍କ ପିତା ଦେବୁ ମଣ୍ଡଳ ବାଇକ୍ ଯୋଗେ ତାଳଚୁଆ ଯାଉଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରୁ ଏକ ବାର୍‌ହା ଦ୍ରୁତଗତିରେ ଆସି ସୁଦାମଙ୍କ ବାଇକ୍‌ରେ ପିଟି ହୋଇଥିଲା। ଘଟଣାସ୍ଥଳରେ ସୁଦାମ ପଡ଼ିଯିବାରୁ ତାଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ବର୍ତ୍ତମାନ ବାର୍‌ହା ପାଚିଲା ଧାନ ଖାଇବାକୁ ଜନବସତିକୁ ପଶି ଆସୁଛନ୍ତି। ଏହି ବାର୍‌ହାଟି ଜନବସତିକୁ ଫସଲ ଖାଇବାକୁ ଆସୁଥିବା ବେଳେ ସୁଦାମଙ୍କ ବାଇକ୍‌ରେ ପିଟି ହୋଇଥିଲା।

# ଭାଷା ହିଁ ଆମକୁ ପ୍ରଗତିର ପଥ ଦେଖାଇଛି



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୧୦ା୧୨

**କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ**

ପୁରାତନ ପ୍ରସ୍ତର ଯୁଗରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ଏହି ସମାଜକୁ ଭାଷା ସାହିତ୍ୟ ଗତିଶୀଳ କରିଛି। ଶବ୍ଦର ସମାହାର ବଞ୍ଚିବାର ରାହା ଦେଖାଇଛି। ଏହା କେତେବେଳେ ସାଙ୍କେତିକ, ଶ୍ରୁତି ଅଥବା ସୁସଂଯତ ଭାଷା ମାଧ୍ୟମରେ ଜୀବନଯାତ୍ରାକୁ ବୈପ୍ଳବିକ ପରିବର୍ତ୍ତନ ଦେଇଛି। ଆଞ୍ଚଳିକ ସ୍ଥାନରୁ ସମଗ୍ର ବିଶ୍ୱକୁ ଭାଷା ହିଁ ପ୍ରଗତିର ପଥ ଦେଖାଇଛି ବୋଲି କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଅତିଥିମାନେ ଶନିବାର ମତ ପ୍ରଦାନ କରିଛନ୍ତି। ସହରର ଶ୍ୟାମସୁନ୍ଦରପୁର ଗଡ଼ାସ୍ଥିତ ଚଣ୍ଡିଆ ପ୍ୟାଲେସ୍‌ଠାରେ ଶନିବାର ଓ ରବିବାର ଦୁଇଦିନ ଧରି ହେବାକୁଥିବା ଏହି ଉତ୍ସବର ଉଦ୍‌ଘାଟନୀ ସଭାରେ ଆୟୋଜକ କେନ୍ଦ୍ରାପଡ଼ା ଡେଭେଲପ୍‌ମେଣ୍ଟ ଫାଉଣ୍ଡେଶନର ଆବାହକ ଚୌଧୁରୀ ଅମିତାଭ ଦାସ ଅଧ୍ୟକ୍ଷତା କରିଥିଲେ। ଏହାକୁ ବରିଷ୍ଠ କଥାକାର ଡ. ରାମଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟ ବକ୍ତା ଡ. ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ଦିଲୀପ ରାଉତରାୟ ଯୋଗଦେଇଥିଲେ। ଅତିଥିମାନେ ସାହିତ୍ୟ ମାଧ୍ୟମରେ ସମାଜର ପ୍ରଗତି ସମ୍ପର୍କରେ ମତ ରଖିଥିଲେ। ଏହି ଉଦ୍‌ଘାଟନୀ ସଭାକୁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ସଭାପତି ଇଂ. ଅକ୍ଷୟ କୁମାର ପାଣି ଓ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏହି ଅବସରରେ ଶକ୍ତି ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଆ ଗଳ୍ପ 'କାଲି, ଆଜି ଓ ଆସନ୍ତାକାଲି' ଶୀର୍ଷକରେ ଆଲୋଚନା ହୋଇଥିଲା। ଏଥିରେ ଭୀମ ପୃଷ୍ଟି, ପରେଶ ପଟ୍ଟନାୟକ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଅରବିନ୍ଦ ଧଳ, ଯଶୋବନ୍ତ ସାମଲ ବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ସେବାରୁ ସୃଜନ ଏବଂ ଓଡ଼ିଆ ଶିଶୁ ସାହିତ୍ୟର ସ୍ଥିତି, ସଙ୍କଟ ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଡା. ପ୍ରଶାନ୍ତ ଦାଶ, ଡା. ଦିଲୀପ ବେହେରା, ଡା. ହରିଶ୍ ଚୌଧୁରୀ, ବଙ୍କିମ ଚନ୍ଦ୍ର ନାୟକ, ମାନସ ସାମଲ, ଶରତ ନାୟକ ଆଲୋଚକ ଭାବେ ଯୋଗଦେଇଥିଲେ। ଏହାକୁ ଶକ୍ତି ମହାନ୍ତି ଓ ସୁନନ୍ଦା ପ୍ରଧାନ ସଂଯୋଜନା କରିଥିଲେ। ଶେଷରେ ଭବାନୀ ପ୍ରସାଦ ମହାପାତ୍ର ଓ ଶୈଳଜା ଶଙ୍କର ସାମଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ମନ୍ମଥ କୁମାର ବରାଳ ଓ ଡ. ଶ୍ରୀଧର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଚିଲିକା ସେଲଡକ୍ ଫୋକ୍ କାର୍ନିଭାଲ ଉଦ୍‌ଘାଟିତ

ବାଲୁଗାଁ,୧୦ା୧୨(ଡି.ଏନ୍.ଏ.): ବାଲୁଗାଁ ନିକଟ ବଡ଼କୁଳ ଚିଲିକା ତଟଦେଶରେ ଅବସ୍ଥିତ ଓଡିଆର୍ଟ ସେଣ୍ଟର ପରିସରରେ ୮ମ ଚିଲିକା ସେଲଡକ୍ ଫୋକ୍ କାର୍ନିଭାଲ୍ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ବଂଶୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ ପଦ୍ମଭୂଷଣ ରାଜୀବ ସେଠୀ, ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପର୍ଯ୍ୟଟନ ବିଭାଗ ଅଧ୍ୟକ୍ଷ ଲେନିନ୍ ମହାନ୍ତି, ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂସ୍କୃତି, ଐତିହ୍ୟ ଓ ଲୋକକଳାକୁ ଉଜ୍ଜୀବିତ ସହ ବର୍ତ୍ତମାନର ଯୁବପିଢ଼ିଙ୍କ କ୍ଷେତ୍ରରେ ଏହା କିପରି ଆଦୃତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପଦ୍ମଭୂଷଣ ସେଠୀଙ୍କୁ ଚିଲିକା କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋକକଳା ମଞ୍ଚରେ ରାଜସ୍ଥାନୀ ଫୋକ୍ ମ୍ୟୁଜିକ୍ ଓ ନୃତ୍ୟ ଏବଂ ରାବଣ ଛାୟା, ରାମାୟଣ ନାଟକ ଆଦି ପରିବେଷଣ ହୋଇଥିଲା। ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ଗମାଙ୍ଗ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଢୋଲ, ମୃଦଙ୍ଗ ଓ ଚାଙ୍ଗୁ ଆଦି ବାଦ୍ୟରେ ଓଡିଆର୍ଟ ସେଣ୍ଟର ପରିସର ଦୁଲୁକିଥିବା ବେଳେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ଦାସ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ୨ଦିନ ନିଖୋଜ ପରେ ଉଦ୍ଧାର ହେଲେ ଯୁବକ

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ, ୧୦ା୧୨(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ଗାଁର ମାନସ ମଲ୍ଲିକ(୪୦)ଙ୍କୁ ୮ ତାରିଖ ସନ୍ଧ୍ୟାରେ ଘରୁ କେତେଜଣ ଲୋକ ଅପହରଣ କରି ନେଇଥିଲେ। ଶନିବାର ସକାଳେ ଏହି ଥାନା ଅନ୍ତର୍ଗତ ତାରିଣୀ ଛକରେ ତାଙ୍କୁ ଉଦ୍ଧାର କରାଯାଇଛି। ତେବେ ତାଙ୍କ ଶରୀର କ୍ଷତାକ୍ତ ହୋଇଥିବାରୁ ସେ ଏବେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ମାନସଙ୍କ ସ୍ତ୍ରୀ ତଅପୋଇ ଥାନାରେ ଶୁକ୍ରବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ.୪୯୨/୨୨ରେ ଏକ ମାମଲା ରୁଜୁ ହୋଇଛି। ତଅପୋଇ ଓ ମାନସଙ୍କ ଭଉଣୀଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ସନ୍ଧ୍ୟା ୭ଟାରେ କେତେଜଣ ଯୁବକ ୩ଟି ବାଇକ୍ ଓ ଗୋଟିଏ ବୋଲେରୋରେ ଆସି ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମାନସ ଘରୁ ବାହାରକୁ ଆସିବାରୁ ତାଙ୍କୁ ମାଡ଼ ମାରିଥିଲେ। ସ୍ତ୍ରୀ ତଅପୋଇ ପ୍ରତିବାଦ କରିବାକୁ ତାଙ୍କୁ ମଧ ମାଡ଼ ମାରିଥିଲେ। ପରେ ବୋଲେରୋରେ ମାନସଙ୍କୁ ବସାଇ କେଉଁଆଡ଼େ ନେଇଯାଇଥିଲେ। ଶନିବାର ସକାଳେ ମାନସ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର ପରେ ଲକ୍ଷେ ଟଙ୍କା ବଟି ସେମାନେ ମାଗୁଥିଲେ ବୋଲି ମାନସଙ୍କ ଭଉଣୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଅଧିକାରୀ ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କୁ ପଚାରିବାରେ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ପ୍ରାଥମିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ୧୨ରେ ଆମରଣ ଅନଶନରେ ବସିବେ ପଞ୍ଚାୟତବାସୀ

**କୁରୁଣ୍ଟି ପଞ୍ଚାୟତରେ ୬ ପ୍ରକଳ୍ପର ଅର୍ଥ ହଡ଼ପ ଘଟଣା**

ରାଜନଗର, ୧୦ା୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ କାମ ନ ହୋଇ ବ୍ୟାପକ ଅର୍ଥ ହରିଲୁଟ୍ କରାଯାଇଛି। କଲଭର୍ଟ ନିର୍ମାଣ, ପାନୀୟଜଳ ପାଇପ୍‌ଲାଇନ ସଂଯୋଗୀକରଣ, ପାଇପ୍ ବିଛା ପ୍ରଭୃତି ୬ଟି ପ୍ରକଳ୍ପର ଅର୍ଥକୁ ହରିଲୁଟ୍ କରାଯାଇଛି। କାମ ନ ହୋଇ ୬ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ନେଇ ଇ' ଗ୍ରାମ୍ୟ ସ୍ୱରାଜ ପୋର୍ଟାଲରୁ ଜଣାପଡ଼ିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ରହିଛି। ଟଙ୍କା ଉଠାଇଥିବା ଏବଂ ଏହି ହଡ଼ପରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତବାସୀ ଦାବି କରିଥିଲେ। ହେଲେ ୭ ଦିନ ହେଲାଣି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ନେଇ ଆସନ୍ତା ୧୨ ତାରିଖରେ ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ପ୍ରଭାତ ପ୍ରଧାନ, ପ୍ରମୋଦ ବିହାରୀ, ଅମର ସ୍ୱାଇଁ, ବାଇଧର ପଲାଇ ପ୍ରମୁଖ ବିଡିଓଙ୍କୁ ଲିଖିତ ଭାବେ ଶନିବାର ଜଣାଇଛନ୍ତି।

# ମହାବିଦ୍ୟାଳୟରେ ମାନବ ଅଧିକାର ଦିବସ



ମହାବିଦ୍ୟାଳୟରେ ଅନୁଷ୍ଠିତ ମାନବ ଅଧିକାର ଦିବସରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୧୦ା୧୨(ଡି.ଏନ୍.ଏ.)

ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୭୫ତମ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଧୀରେନ୍ଦ୍ର କୁମାର ମହାପାତ୍ର, ରବି ନାରାୟଣ ମହାପାତ୍ର, ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ପ୍ରଣତି ନାୟକ, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ମାନବ ଅଧିକାର ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ୧୯୪୮ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଗ୍ରହଣ କରାଯାଇଥିବା ଅନ୍ତର୍ଜାତୀୟ ଘୋଷଣାନାମା ଅନୁସାରେ, ମାନବ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଓ ଏହାର ପ୍ରଚାର ପ୍ରସାର ନିମନ୍ତେ ପ୍ରତିବର୍ଷ ଡିସେମ୍ବର ୧୦ରେ ଏହି ଦିବସ ପାଳନ କରାଯାଉଛି। ମାନବ ଅଧିକାର ହେଉଛି ଆମର ଜନ୍ମଗତ ଅଧିକାର କାରଣ ଆମେ ମଣିଷ ଭାବେ ବିଦ୍ୟମାନ। ସେହି ଅଧିକାରଗୁଡ଼ିକ କୌଣସି ରାଜ୍ୟ ବା ଦେଶ ଦ୍ୱାରା ଅନୁଗୃହୀତ ନୁହେଁ। କିନ୍ତୁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଭାଷା ନିର୍ବିଶେଷରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏସବୁ ଅଧିକାର ପରି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଠାରୁ ଆରମ୍ଭ କରି ଖାଦ୍ୟ, ଶିକ୍ଷା, କାର୍ଯ୍ୟ, ସ୍ୱାସ୍ଥ୍ୟ, ସ୍ୱାଧୀନତା ଭଳି ଅନେକ ଅଧିକାର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ଅଧିକାରଗୁଡ଼ିକ ହିଁ ମଣିଷ ଜୀବନକୁ ମୂଲ୍ୟବାନ୍ କରିଥାଏ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ସେମିଫାଇନାଲରେ ଡେରାବିଶ କ୍ରିକେଟ କ୍ଲବ

**ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଡେରାବିଶ,୧୦ା୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୋଲରା ହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକା ଗ୍ରାମସ୍ଥିତ ଶନି ପଡିଆରେ ୨ୟ ବାଷିକ ଜୟଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜୟଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଆୟୋଜକ କ୍ଲବର ସଭାପତି ତଥା ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ପୌରୋହିତ୍ୟ କରିଥିଲେ। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳର ଉଦଘାଟନୀ କ୍ୱାଟର ଫାଇନାଲରେ ଡେରାବିଶ କ୍ରିକେଟ ଟିମ୍ ୧୧୬ରନରେ ରାଇଜିଂ ସ୍ପୋଟିଂ ୟୁଥ କ୍ଲବ, ଗୋତରାକୁ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଉନ୍ନିତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିବା ଡେରାବିଶ ଦଳ ନିର୍ଦ୍ଧାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆକାଶ ମହାପାତ୍ର ୪୪ ବଲରେ ୬୦ ରନ ଓ ରାଜେନ୍ଦ୍ର ଶର୍ମା ୪୪ ବଲରେ ୫୬ ରନ କରିଥିଲେ। ଅପରପକ୍ଷରେ ୧୭୩ ରନର ବିଜୟ ଲକ୍ଷ ନେଇ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଗୋତରା ଦଳ ଡେରାବିଶ ଦଳର ବୋଲରମାନଙ୍କୁ ସାମନା କରିବାରେ ସକ୍ଷମ ହୋଇ ନ ପାରି ୯ ଓଭର ମଧ୍ୟରେ ଅଲଆଉଟ ହୋଇ ମାତ୍ର ୫୬ରନ କରିବାକୁ ସକ୍ଷମ ହୋଇଥିଲା। ତେବେ ବିପକ୍ଷ ଡେରାବିଶ ଦଳର ବୋଲର ଶାରଦା ଓଝା ମାତ୍ର ୧୭ ରନ ବ୍ୟୟ କରି ୬ ଟି ଉଇକେଟ ଏବଂ ପ୍ରଜ୍ଞା ପରିଡା ୨ ଓଭରରେ ୧ ରନ ବିନିମୟରେ ୨ ଟି ଉଇକେଟ ହାସଲ କରି ଗୋତରା ଦଳର ବ୍ୟାଟିଂ ବିପର୍ଯ୍ୟସ୍ତ କରି ଦେଇଥିଲେ। ଜିତେନ୍ଦ୍ର କୁମାର ରାଉତ ଓ ମଦନମୋହନ ନାୟକ ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଶ୍ରୀକାନ୍ତ ମହାରଣା ଭାଷ୍ୟକାର ଏବଂ କରୁଣାକର କାଣ୍ଡି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ଖେଳ ପରିଚାଳନାରେ ଆୟୋଜକ ଜୟଦୁର୍ଗା କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।


ଖେଳାଳିମାନଙ୍କ ଉପସ୍ଥିତିରେ ଅତିଥିମାନେ ଖେଳକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ବିଜୁ ଶ୍ରମିକ ସାମ୍ମୁଖ୍ୟରେ ବଢୁଛି କନ୍ଦଳ

**ନୟାଗଡ଼ ଅଫିସ,୧୦।୧୨:** ଧୀରେ ଧୀରେ ନୟାଗଡ଼ରେ ଭୁଶୁଡ଼ିଯିବ କି ବିଜୁ ଶ୍ରମିକ ସାମ୍ମୁଖ୍ୟ। ନୟାଗଡ଼ର ବିଶିଷ୍ଟ ଶ୍ରମିକ ନେତା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଦଳୀୟ କାର୍ଯ୍ୟରେ ଅସନ୍ତୁଷ୍ଟ ଥିବା ବାରି ହୋଇପଡୁଛି। କିଛିଦିନ ତଳେ ସିଟୁ ପକ୍ଷରୁ ଶ୍ରମିକ ଆନ୍ଦୋଳନରେ ସାମିଲ ପରେ ଏହା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଶୁକ୍ରବାର ଅଙ୍ଗନୱାଡି ସଂଘର ଜଣେ ସଭାନେତ୍ରୀ ନୟାଗଡ଼ରୁ ଲୋକ ନେଇ ଯାଇଥିବା ଦେଖିବାକୁ ମିଳିଛି। ଦଳୀୟ କନ୍ଦଳକୁ ଏବେଠୁ ଆୟତ ନ କଲେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଦୁର୍ବଳ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ ଦଳରେ କିଛିଟା କନ୍ଦଳ ରହିଛି। ଏବେ କିଛି ନିଷ୍ପତ୍ତି ନିଆଯାଇନାହିଁ। ଠିକଣା ସମୟରେ ଠିକଣା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଅଭିଭାବକ ଶିକ୍ଷକ ବୈଠକ

**ଖଣ୍ଡପଡା,୧୦।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କାମ୍ପସ-୨ ପରିସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ଅଭିଭାବକ ଶିକ୍ଷକ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖଣ୍ଡପଡ଼ା, ଭାପୁର ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତୀ ସାହୁ ପୌରୋହିତ୍ୟ କରିଥିଲେ। ଉକ୍ତ ବୈଠକରେ ୫-ଟି ହାଇସ୍କୁଲର ବିଭିନ୍ନ ଉପାଦାନଗୁଡିକର ଉପଯୋଗ, ଶିକ୍ଷଣ ପରି ପୂରଣ କାର୍ଯ୍ୟକ୍ରମର ପ୍ରୟୋଗ ଓ ପ୍ରଥମରୁ ୩ୟ ଶ୍ରେଣୀ ପିଲାମାନଙ୍କ ପାଇଁ ସଂଖ୍ୟା ଓ ଭାଷା ଭିତ୍ତିକ ଶିକ୍ଷଣ ସ୍ତର ବୃଦ୍ଧି କରିବା (ଏଫଏଲ୍ଏନ୍) କାର୍ଯ୍ୟକ୍ରମ ଏବଂ ୩ୟରୁ ୯ମ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ୫୦ ଦିନିଆ ଶିକ୍ଷଣ ଓ ପରିପୂରଣ କାର୍ଯ୍ୟକ୍ରମ (ଲର୍ଣ୍ଣିଂ ରିଭିଜନ ପ୍ରୋଗ୍ରାମ) ର ବିଦ୍ୟାଳୟରେ ଉପଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଏଥିରେ ପରିଚାଳନା କମିଟିର ଅଧ୍ୟକ୍ଷ ସରୋଜ ଚୌଧୁରୀ, ଖଲିସାହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ ପ୍ରମୁଖ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଏ ଅବସରରେ ବିଦ୍ୟାଳୟର ବିଭିନ୍ନ ସାମୂହିକ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ବିଦ୍ୟାର୍ଥୀମାନଙ୍କ ଉନ୍ନତି ଦିଗରେ ସହଭାଗିତା ରହିବୁ ବୋଲି ଉପସ୍ଥିତ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଶପଥ ପାଠ କରିଥିଲେ। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଭାବକ ଶିକ୍ଷକ ସଭା ଶନିବାର ଅନୁଷ୍ଠିତ ହୋଇଥିବା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ୬କୋଟି ଟଙ୍କାର ସମବାୟ ଦୁର୍ନୀତି ଅଭିଯୋଗ

## ଡୁବିବାକୁ ବସିଲାଣି ସମବାୟ ସଂସ୍ଥା

### ଜମାକାରୀ ପାଉନାହାନ୍ତି ଜମା ଟଙ୍କା

ନୟାଗଡ଼ ଅଫିସ/ଓଡଗାଁ, ୧୦।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସମବାୟରେ ଦୁର୍ନୀତି ହୋଇସାରିଲାଣି। ଦୁର୍ନୀତି ପରେ ଜମାକାରୀମାନେ ସେମାନଙ୍କର ପ୍ରାପ୍ୟ ନ ପାଇବା, ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ପଦୋନ୍ନତି ଦେବା, ନିଲମ୍ବିତ କର୍ମଚାରୀ ପୁଣି ଅବସ୍ଥାପିତ କରିବା ଭଳି ଘଟଣା ସମବାୟ ସଂସ୍ଥା ଉପରେ ଚାଷୀଙ୍କ ଆଶା ଭରସା ତୁଟିବାରେ ଲାଗିଛି। ସମବାୟ ଦୁର୍ନୀତିକୁ ଠିକ୍ ତଦନ୍ତ, ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଠିକ ସମୀକ୍ଷା ଓ ଜମାକାରୀଙ୍କ ଟଙ୍କା ଫେରସ୍ତ କରା ନ ଗଲେ ଆଗାମୀଦିନରେ ସମବାୟକୁ ବଞ୍ଚାଇ ରଖିବା କାଠିକର ପାଠ ହୋଇପଡିବ। ସେହିପରି ଧାନ କିଣା, ଚାଷୀ ପଞ୍ଜୀକୃତ, ସାର ଘୋଟାଲା ବଢ଼ି ଚାଲିଛି। ବିଭିନ୍ନ ପ୍ରକାରର ଅନିୟମିତତା ଘଟଣାରେ ୪ ବର୍ଷରେ ୧୧ ଜଣ କର୍ମଚାରୀ ନିଲମ୍ବନ ଓ ୫ ଜଣ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ବହିଷ୍କୃତ ହୋଇସାରିଲେଣି। ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ପ୍ରାଥମିକ କୃଷି ସମବାୟ ସମିତିର ୧୦ ସମ୍ପାଦକ ଓ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି। ଅନ୍ୟପକ୍ଷେ ନିଲମ୍ବିତ ୧୦ ସମ୍ପାଦକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ପୁଣି ଅବସ୍ଥାପିତ ହୋଇ ସାରିଲେଣି। ଏଭଳିସ୍ଥଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ଅନୁଧ୍ୟାନ କଲେ ଜଣାପଡୁଛି ଏହା ଅନିୟମିତତାକୁ ରୋକିବା ବଦଳରେ ବଢ଼ି ଚାଲିଛି ବୋଲି ଅଭିଯୋଗ ହେଉଛି।

### ଦୁର୍ନୀତିଗ୍ରସ୍ତଙ୍କୁ ଅନୁକମ୍ପା

କୁରାଳ ସେବା ସମବାୟ ସମିତିରେ ୫ବର୍ଷ ତଳେ ୬୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ୬ କୋଟିରୁ ଉର୍ଦ୍ଧ୍ୱ ଜମା ଟଙ୍କା ହେରଫେର ହୋଇଛି। ଏହି ଘଟଣାରେ ତଦନ୍ତ କରାଯାଇ ସମ୍ପାଦକ କାଳୁ ଚରଣ ରାଉତଙ୍କୁ ନିଲମ୍ବନ କରାଯାଇଛି। ୨୦୧୮ର ଏହି ଦୁର୍ନୀତି ଲୁଚି ଯାଇଥିଲା। କୁରାଳ ଗାଁର ଜଣେ ଚାଷୀ ଆର୍‌ଟିଆଇରେ ତଥ୍ୟ ମାଗିବା ପରେ ୨୦୧୬-୧୭ ଆର୍ଥିକ ବର୍ଷର ୪ ବର୍ଷ ସମ୍ବଳିତ ଏକ ଅଡିଟ୍ ରିପୋର୍ଟ ପଦାକୁ ଆସିଛି। ଅଡିଟ୍ ରିପୋର୍ଟରେ ସମ୍ପାଦକ ରାଉତଙ୍କ ସହ କୋଷାଧ୍ୟକ୍ଷ ତ୍ରିନାଥ ଦାଶଙ୍କୁ ୫୦ ପ୍ରତିଶତ ଦାୟୀ କରାଯାଇଛି। ସମିତିର କ୍ୟାସ ଡ୍ରରେ ୨ଟି କଞ୍ଚି ଥିଲା। ଗୋଟିଏ କଞ୍ଚି ସମ୍ପାଦକ ଓ ଅନ୍ୟଟି କୋଷାଧ୍ୟକ୍ଷଙ୍କ ପାଖରେ ରହିଥିଲା। ଏଣୁ ଦୁର୍ନୀତି ଘଟଣାରେ ଉଭୟଙ୍କୁ ଦୋଷୀ କରାଯାଇ ୩ ଲକ୍ଷ ୧୬ ହଜାର ୭୩୧ ଟଙ୍କା ଫେରାଇବାକୁ ଆସିଷ୍ଟାଣ୍ଟ ଅଡିଟର ଜେନେରାଲ ଅଫ କୋପରେଟିଭ ସୋସାଇଟ୍ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ ରହିଛି। ତେବେ ଦୁର୍ନୀତି ଘଟଣାରେ ସମ୍ପାଦକ ରାଉତଙ୍କୁ ଭିଜିଲାନ୍ସ ଗିରଫ କରିଥିବାବେଳେ ପଦବୀରୁ ନିଲମ୍ବିତ ହୋଇଛନ୍ତି।

### ସମିତିକୁ ନ ଆସି ନେଇଛନ୍ତି ୧୧ ମାସର ଦରମା

କୋମଣ୍ଡ ସମିତି ସମ୍ପାଦକ ଲିଙ୍ଗରାଜ ସାହୁଙ୍କ ବିରୋଧରେ ଫତେଗଡ ଥାନାରେ ନଂ. ୯୭/୨୦୧୬ ଓ ଖଣ୍ଡପଡା ଜେଏମ୍ଏଫ୍‌ସିଙ୍କ କୋର୍ଟରେ ନଂ. ୨୦୪/୨୦୧୬ରେ ଆପରାଧୀକ ମାମଲା ରହିଛି। ଅନ୍ୟପକ୍ଷେ କୋମଣ୍ଡ ସମିତିରେ ସାର ଦୁର୍ନୀତି ଘଟଣାରେ ତାଙ୍କୁ ବଦଳି କରାଯାଇଥିଲା। ହେଲେ ବଦଳି ସ୍ଥାନକୁ ଯାଇ ନ ଥିବାବେଳେ ସମିତିକୁ ମଧ୍ୟ ଆସୁ ନ ଥିଲେ। ସମ୍ପୃକ୍ତ ସମ୍ପାଦକ ବ୍ୟାଙ୍କରୁ ଦରମା ନ ନେଇ ସ୍ଥାନୀୟ ସମିତିର ଋଣ ଟଙ୍କାରୁ ୧୧ ମାସର ଦରମା ନେଇଛନ୍ତି। ପ୍ରଶ୍ନ ଉଠୁଛି ଜଣେ ସମ୍ପାଦକ ବଦଳି ପରେ କାମ ନ କରି ୧୧ ମାସର ଦରମା ନେଲେ କିପରି। ତାଙ୍କ ନାଁରେ ମକଦ୍ଦମା ଥିବାବେଳେ ପୁଣି ତାଙ୍କୁ ସମ୍ପାଦକ ପଦବୀରୁ ନିଲମ୍ବନ କରାଯାଉନି କାହିଁକି। ଏ ନେଇ ଏଆରସିଏସ୍‌ଙ୍କ ନିକଟରେ ଗତ ୫ ଦିନ ତଳେ ଅଭିଯୋଗ ହୋଇସାରିଛି।

### ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ପଦୋନ୍ନତି

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଜଣେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇଛି। ସମ୍ପୃକ୍ତ ଅଧିକାରୀଙ୍କୁ ନୋଟର ଋଣ ଜାଲିଆତିର ତଦନ୍ତ ଦାୟିତ୍ୱ ଦିଆଯାଇଥିବାରୁ ପ୍ରତିବାଦ ଉଠିଛି। କେନ୍ଦ୍ର ସମବାୟ ବ୍ୟାଙ୍କର ଆକାଉଣ୍ଟ ସେକ୍ସନରେ କାର୍ଯ୍ୟରତ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ୨୦୧୩ ଏପ୍ରିଲରେ ନୟାଗଡ଼ ଆଇସିଆଇସିଆଇ ବ୍ୟାଙ୍କରୁ ୨୫ ଲକ୍ଷ ଉଠାଣ କରି ୨୪ ଲକ୍ଷ ସମବାୟ ବ୍ୟାଙ୍କରେ ଡିପୋଜିଟ୍ କରିଥିଲେ। ୧ ଲକ୍ଷ ହେରଫେର ଘଟଣାରେ ୨୦୧୩ ଡିସେମ୍ବର ଚିଠି ନଂ. ୫୮୯୦ରେ କାରଣ ଦର୍ଶାଅ ନୋଟିସ୍ ହୋଇଛି। ତେବେ ତନାଖନା ପରେ ପ୍ରାୟ ୧୦ ମାସ ପରେ ହଡପ କରିଥିବା ୧ ଲକ୍ଷ ଫେରାଇ ଥିଲେ। ଏଭଳିସ୍ଥଳେ ନୋଟର ଋଣ ଜାଲିଆତି ଘଟଣାରେ ଗଠିତ ତଦନ୍ତ ଟିମ୍‌ରେ ତାଙ୍କୁ ରଖାଯାଇଥିବାରୁ ଜାଲିଆତି ଘଟଣାକୁ ଚାପି ଦେବାକୁ ପ୍ରୟାସ ଚାଲିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହେଉଛି। ଅନ୍ୟପକ୍ଷେ ତାଙ୍କୁ ତଦନ୍ତ କମିଟିରୁ ହଟାଇବାକୁ ଦାବି ହୋଇଛି।

### ୭ ଦିନ ମହଲତ ଦେଲା କଂଗ୍ରେସ

ସମବାୟ ଦୁର୍ନୀତିକୁ ନେଇ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ହୋଇଥିଲା। ଏଥିରେ ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ କୁମାର ବିଶୋଇ, ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଶକ୍ତି ପ୍ରସାଦ ମହାପାତ୍ର, ଶ୍ରୀନିବାସ ନାୟକ, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସମବାୟ ଦୁର୍ନୀତିକୁ ନିନ୍ଦା କରିଛନ୍ତି। ସମବାୟ ଦୁର୍ନୀତିରେ ସମ୍ପୃକ୍ତ କର୍ମଚାରୀ, ଅଧିକାରୀଙ୍କ ବିରୋଧରେ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଓ ଜମାକାରୀଙ୍କ ଟଙ୍କା ଫେରସ୍ତ ନ ହେଲେ ଓଡ଼ଗାଁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଏଆର୍‌ସିଏସ୍ ହାଡିବନ୍ଧୁ ମହାକୁଡ଼ କୁହନ୍ତି, କୋମଣ୍ଡ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଜଏଣ୍ଟ ଏନକ୍ୱାରୀ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ହୋଇନି। ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜଲି କୁହନ୍ତି, କେନ୍ଦ୍ର ସମବାୟ ବ୍ୟାଙ୍କର ଆକାଉଣ୍ଟ ସେକ୍ସନରେ କାର୍ଯ୍ୟରତ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ବିରୋଧରେ କିଛି ଅଭିଯୋଗ ନ ଥିବାରୁ ନୋଟର ଦୁର୍ନୀତିର ତଦନ୍ତ କରିବାରେ ଅସୁବିଧା ନାହିଁ।

# ପୁରାତନ ଅନୁଷ୍ଠାନ ଆମ ବିକାଶ ସହିତ ଜଡ଼ିତ

ନୂଆଗାଁ, ୧୦।୧୨ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ଜନଶକ୍ତି ହାଇସ୍କୁଲରେ ଶନିବାର ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ଚାହାଳିସ୍ଥିତ ଜନଶକ୍ତି ସରକାରୀ ହାଇସ୍କୁଲର ୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାରଠାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ବିଭିନ୍ନ ରଙ୍ଗବେରଙ୍ଗ ଅଲୋକରେ ସ୍କୁଲକୁ ସଜେଇବା ସହ ପ୍ରତିଦିନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତ୍ରିନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଅନୁଷ୍ଠାନଗୁଡ଼ିକୁ କିପରି ମଣିଷମାନେ ଭୁଲି ଯାଆନ୍ତି ସେ ବିଷୟରେ ଆଲୋଚନା କରିଥିଲେ।



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଜନଶକ୍ତି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ଦିବସ

ତେବେ ପୁରାତନ ଅନୁଷ୍ଠାନଗୁଡିକ ଆମ ବିକାଶ ସହିତ ଓତପ୍ରୋତ ଭାବେ ଜଡିତ। ଏହି ଅନୁଷ୍ଠାନ ପାଇଁ ଆମେ ଆଜି ଏହି ଜାଗାରେ ପହଞ୍ଚି ପାରିଛେ। ତେଣୁ ପୁରାତନ ଅନୁଷ୍ଠାନଗୁଡିକୁ ଆମେ ଭୁଲି ଯିବା ଅନୁଚିତ୍ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ମିଶ୍ର, ସାହିତିକ୍ୟ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଗୋଦାବରୀଶ ମିଶ୍ର ଯୋଗ ଦେଇଥିଲେ। ଜ୍ଞାନ ପ୍ରକାଶ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ କୃଷ୍ଣଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୟ ଜାଗୃତି ସୁନ୍ଦରଗଡ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ ପରେ ଜନଶକ୍ତି ସରକାରୀ ହାଇସ୍କୁଲର ପିଲାଙ୍କୁ ନେଇ ସନ୍ତୋଷ ବେହେରାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ଗଙ୍ଗା ଅଭିଶାପ ଶୀତୁଆ ସନ୍ଧ୍ୟାରେ ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରିଥିଲା। ରବିବାର ସୁବର୍ଣ୍ଣ ଜୟନ୍ତୀର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଆମ ସମ୍ବିଧାନ, ଆମେ ଭାରତୀୟ: ବକ୍ତୃତା ପ୍ରତିଯୋଗିତା

ଦଶପଲ୍ଲା ୧୦।୧୨( ଡି.ଏନ. ଏ.)

ସମାଜ କୈନ୍ଦ୍ରିକ ସାହିତ୍ୟ ଅନୁଷ୍ଠାନ 'ମାଟିର ସ୍ୱର' ପକ୍ଷରୁ ଶନିବାର ଦଶପଲ୍ଲାସ୍ଥିତ ନେଳିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସମ୍ବିଧାନ, ଆମେ ଭାରତୀୟ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫ ଜଣ ଚତୁର୍ଥ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ବିଚାରକ ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଏବଂ ମାଟିର ସ୍ୱର ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡ. ସରୋଜ କୁମାର ନାୟକ ଯୋଗଦାନ କରିଥିଲେ। ସାମାଜିକ କର୍ମୀ ଓ ମାଟିର ସ୍ୱର ଅନୁଷ୍ଠାନର ସଂଯୋଜକ ପ୍ରଭାତ କୁମାର ସାହୁ ଏ ଗ୍ରାମୀଣ ସ୍ତରୀୟ ମେଧା ଓ ପ୍ରତିଭା ଆଧାରିତ ବକ୍ତୃତା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମାଟିର ସ୍ୱର ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ନାୟକ ମହୋଦୟ ବିଚାରକ ଭାବେ ଯୋଗଦାନ କରି ନିଜର ବକ୍ତବ୍ୟରେ ସମ୍ବିଧାନ ସମ୍ବନ୍ଧରେ ଜାଣିବା ସମସ୍ତଙ୍କର ଧେୟ ଓ ଏହା ଗୁରୁତ୍ୱ ବିଷୟରେ ମତ ପ୍ରଦାନ କରିଥଲେ। ମାଟିର ସ୍ୱର ଏ ଯେଉଁ ଉଦ୍ୟମ ଆରମ୍ଭ କରିଛି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଓଡ଼ିଶାରେ ଛାତ୍ରୀଛାତ୍ରମାନଙ୍କ ଭିତରେ ଭାରତର ସମ୍ବିଧାନର ମୁଖବନ୍ଧକୁ ବକ୍ତୃତା ମାଧ୍ୟମରେ ଉପସ୍ଥାପନ କରାଇବା ପାଇଁ ଯେଉଁ ଚେଷ୍ଟା ଆରମ୍ଭ ହୋଇଛି ବୋଧ ହୁଏ ଓଡ଼ିଶାରେ ଏହା ନୂଆ ବର୍ତ୍ତା ଦେବ। ପ୍ରଧାନ ଶିକ୍ଷକ ଓ ଅନ୍ୟ ସମସ୍ତ ଅତିଥି ଏ ଉଦ୍ୟମକୁ ସାଧୁବାଦ୍ ଜଣାଇବା ସହ ଏଭଳି ଗ୍ରାମୀଣ ସ୍ତରୀୟ ମେଧା ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଆୟୋଜନ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥଲେ। ଏ କାର୍ଯ୍ୟକ୍ରମର ଆୟୋଜକ ଶିକ୍ଷକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ ଦେବା ସହ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# କିରିଆଲାଞ୍ଜିରେ ବିଶ୍ୱ ମାନବ ଅଧିକାର ଦିବସ

ନୟାଗଡ଼ ଅଫିସ,୧୦।୧୨

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କିରିଆଲାଞ୍ଜି ଗାଁରେ ବିଶ୍ୱ ମାନବ ଅଧିକାର ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଞ୍ଚାନନ ଦୁଆରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧିକରଣ ପକ୍ଷରୁ ପବନ କୁମାର ବେହେରା, ଜିଲା ଆଇନ ସେବା ପ୍ରାଧିକରଣର ସୁବିଧା ସୁଯୋଗ ଉପରେ ଟିପଣୀ ଦେଇଥିଲେ। ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ମାନବିକ ଅଧିକାର ଦିବସ ଏବଂ ଗ୍ରାମ୍ୟ ଜୀବନରେ ତାହାର ଉପଯୋଗ ବିଷୟରେ ଆଲୋକପାତ କରିଥିଲେ। ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ପଞ୍ଚାୟତ ସ୍ତରରେ ସୁବିଧା ଏବଂ ମାନବିକ ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଦେବାଶିଷ ପଟ୍ଟନାୟକ ଗ୍ରାମ୍ୟ ଶାନ୍ତି ଏବଂ ସମୃଦ୍ଧି ଉପରେ ବୁଝାଇଥିଲେ। ଗ୍ରାମର ମହିଳାପୁରୁଷ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ନାଗପୁର ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଭାପୁର,୧୦।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ନାଲିସାଗର ପଡିଆରେ ଚାଲିଥିବା ତ୍ରୟୋଦଶ ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ନାଗପୁର ଚାମ୍ପିୟନ ଓ ସମ୍ବଲପୁର ଟିମ୍ ରନର୍ସ ହୋଇଛନ୍ତି। ଶନିବାର ଗ୍ରାଣ୍ଡ ଫାଇନାଲରେ ପ୍ରଥମେ ଟସ୍ ଜିତି ଏମ୍ଏସ୍‌ସି ସମ୍ବଲପୁର ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ଅଭିଷେକ ଯାଦବଙ୍କ ୪୬ ବଲରେ ୮୧ ରନ ଇନିଂସ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୯ ରନ କରିଥିଲା। ଜବାବରେ ନାଗପୁର କରିମ ସ୍ପୋର୍ଟ୍ସ ଏକାଡେମୀ ୧୯ ଓଭରରେ ୭ ଉଇକେଟରେ ୨୧୪ ରନ କରି ବିଜୟୀ ହୋଇଥିଲା। ଚାମ୍ପିୟନ ଦଳର ଅଧିନାୟକ କମଲ ତ୍ରିପାଠୀଙ୍କ ବିସ୍ଫୋରକ ପାଳି ୧୮ବଲରେ ୫୫ ରନ ଖେଳିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନାଗପୁର ଟିମର ଅଭିଷେକଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଗ୍ରାଣ୍ଡ ଫାଇନାଲ ମ୍ୟାଚକୁ ଦୁର୍ଗାପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି ପରିଚାଳନା କରିଥିଲେ। ଖେଳର ଧାରା ବିବରଣୀ ବୁବୁ ସିହ୍ନା ପ୍ରଦାନ କରିଥିବାବେଳେ ପବିତ୍ର କୁମାର ସାହୁ ସ୍କୋରର ସହାୟତା କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଓସିଏ ସମ୍ପାଦକ ଆଶୀର୍ବାଦ ବେହେରା, ସମ୍ମାନିତ ଅତିଥି ଭାବେ ରଣପୁର ବିଧାୟକ ତଥା ନୟାଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସିନେ ତାରକା ସ୍ୱରାଜ ଓ ସିନେ ଅଭିନେତ୍ରୀ ତମନ୍ନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ।

# ଦୁଇ ଛାତ୍ରଙ୍କ ମଧ୍ୟରେ ୩ ଥର ଗଣ୍ଡଗୋଳ

ନୂଆଗାଁ, ୧୦।୧୨ (ଡି.ଏନ.ଏ.)

- ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତାରେ ଅଭିଭାବକ
- ଅନ୍ତେବାସୀଙ୍କ ଦାୟିତ୍ୱ ନେବାରେ ଅବହେଳା କରୁଛନ୍ତି ଶିକ୍ଷୟିତ୍ରୀଶିକ୍ଷକ

ପିଲାମାନଙ୍କ ଭବିଷ୍ୟତ ଗଢିବା ନିମନ୍ତେ ଉଚ୍ଚଶିକ୍ଷା ପାଇଁ ଅଭିଭାବକମାନେ ପୁଅକୁ ହଷ୍ଟେଲରେ ଛାଡୁଛନ୍ତି। କିନ୍ତୁ ହଷ୍ଟେଲରେ ଛାତ୍ରମାନଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଘଟିବା ପରେ ପିଲାଙ୍କ ଜୀବନ ଅସୁରକ୍ଷିତ ମନେ ହେଉଛି। ତେଣୁ କିଭଳି ଛାତ୍ରମାନେ ହଷ୍ଟେଲରେ ସୁରକ୍ଷିତ ରହି ପାଠ ପଢିବେ ସେହି ଚିନ୍ତାରେ ଅଭିଭାବକମାନେ ପଡିଛନ୍ତି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଗୁମୀ ପଞ୍ଚାୟତ ଡିମିରିପଲୀଠାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୧୯୫୬ରେ ହାଇସ୍କୁଲ ପ୍ରତିଷ୍ଠା କରାଯାଇଛି। ଜିଲା ତଥା ଜିଲା ବାହାରୁ ବହୁ ଦୂର ଦୂରାନ୍ତ ଗାଁରୁ ଛାତ୍ରମାନେ ଆସି ଯେଭଳି ପାଠ ପଢି ପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା ସହ ମାଗଣା ହଷ୍ଟେଲର ସୁବିଧା ମଧ୍ୟ କରାଯାଇଛି। ଏହି ସ୍କୁଲରେ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିବାର ସୁବିଧା ରହିଛି। ଚଳିତବର୍ଷ ଉକ୍ତ ସ୍କୁଲରେ ମୋଟ ୧୩୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୧୦୫ ଜଣ ଛାତ୍ର ହଷ୍ଟେଲରେ ରହୁଛନ୍ତି। ତେବେ ହଷ୍ଟେଲ ଦାୟିତ୍ୱରେ ରହୁଥିବା ଶିକ୍ଷକ ଅନ୍ତେବାସୀଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି। ଫଳରେ ଛାତ୍ରମାନଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଘଟୁଥିବା ଅଭିଯୋଗ ହେଉଛି। କାପ୍ତାପଲି ପଞ୍ଚାୟତ ସୀମା ଗାଁରୁ ଆସି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଜନାର୍ଦ୍ଦନ ବେହେରାଙ୍କ ପୁଅ ମନୋରଞ୍ଜନଙ୍କୁ ଜଣେ ଛାତ୍ର ବାରମ୍ବାର ଆକ୍ରମଣ କରୁଛନ୍ତି। ପୂର୍ବରୁ ଦୁଇଥର ଗଣ୍ଡଗୋଳ କରିବା ସହ ମାରଧର କରିଥିବା ବେଳେ ଗତ ୩୦ ତାରିଖରେ ପୁଣି ମାଡ ମାରିଥିଲେ। ଫଳରେ ମନୋରଞ୍ଜନଙ୍କ ଗୋଡରେ ଆଘାତ ଲାଗିଥିଲା। ସେ ଆହତ ହୋଇ ହଷ୍ଟେଲରେ ପଡିଥିଲେ ମଧ୍ୟ ପରିବାର ଲୋକଙ୍କୁ ନ ଜଣାଇ କେବଳ ମୁଭ୍ ଅଏଣ୍ଟମେଣ୍ଟ ମାରି ଚୁପ ବସିଥିଲେ ଶିକ୍ଷକ। ୫ ଦିନ ପରେ ବାହାର ଲୋକଙ୍କଠାରୁ ଏ ବାବଦରେ ଖବରପାଇ ବାପା ଜନାର୍ଦ୍ଦନ ହଷ୍ଟେଲରେ ପହଞ୍ଚି ଖଟିଆରେ ଆହତ ଅବସ୍ଥାରେ ପଡିଥିବା ପୁଅକୁ ନେବାକୁ ଚାହିଁଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତ ଯୋଗୁ ନେଇ ପାରି ନ ଥିଲେ। ପରେ ପୁଅକୁ ନେଇ ଜନାର୍ଦ୍ଦନ ଚିକିତ୍ସା କରିଛନ୍ତି। ଏ ଘଟଣାକୁ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ସ୍ୱୀକାର କରିବା ସହ ଗଣ୍ଡଗୋଳ କରୁଥିବା ଜଣେ ଛାତ୍ରକୁ ହଷ୍ଟେଲରୁ ବାହାର କରି ଦିଆଯାଇଥିବା କହିଛନ୍ତି। ତେବେ ଏପରି ଘଟଣା ପରେ ସୀମା ଗ୍ରାମର ଅଭିଭାବକ ନାଉରୀ ପ୍ରଧାନ, ବାମୁରୀ ଗ୍ରାମର ସୁରେନ୍ଦ୍ର ମଲିକ ନିଜ ପିଲାଙ୍କ ସୁରକ୍ଷା ଚିନ୍ତାରେ ଅଛନ୍ତି। ଏପରି କି ଅନ୍ତେବାସୀଙ୍କ ସୁରକ୍ଷା ପ୍ରତି ଏପରି ଅଣଦେଖା କଲେ ପିଲାମାନଙ୍କୁ ସ୍କୁଲରୁ ଫେରାଇ ନେବେ ବୋଲି ସେମାନେ କହିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳାରୁ ଏପରି ଅଘଟଣ ଘଟୁଥିବା କହିଛନ୍ତି ସ୍ଥାନୀୟ ସରପଞ୍ଚ ବବୃ ମହାରଣା। ଏ ବାବଦରେ ନୂଆଗାଁ ସମାଜ ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନ୍ନରାଙ୍କୁ ପଚାରିବାରେ ଅବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।


ଆହତ ଛାତ୍ର ମନୋରଞ୍ଜନ।



ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ।



# ଅନୁଭୂତିରେ ପିକ୍ନିକ୍

**ଶୀତ ଆସିଲେ ପିକ୍ନିକ୍ ଯିବାର ଉତ୍କଣ୍ଠା ବଢ଼ିଯାଏ। କେବେ ପରିବାର ତ କେବେ ସାଙ୍ଗସାଥୀଙ୍କ ସହ ବିଭିନ୍ନ ସ୍ଥାନରେ ବଣଭୋଜିର ବେଶ୍ ଆସର ଜମେ। ହେଲେ ବେଳେବେଳେ ଏହା ଭିତରେ ଏମିତି କିଛି ଘଟଣା ଘଟିଯାଏ, ଯାହାକି ଚିରଦିନ ପାଇଁ ସ୍ମୃତି ହୋଇ ରହିଯାଏ ମନରେ...**

### ବଦଳି ଯାଇଥିଲା ପିକ୍ନିକ୍ର ମାହୋଲ

**ସନ୍ତୋଷିନୀ ନାହାକ** (ବିଜିପୁର, ବ୍ରହ୍ମପୁର)– ୨୦୧୨ ମସିହାର ଘଟଣା। ବଣଭୋଜି ନିମନ୍ତେ ଗଜପତି ଜିଲା ଜିରାଙ୍ଗ ଓ ଖସଡ଼ାକୁ ସପରିବାର ଯାଇଥିଲୁ। ସେଠାରେ ଥିବା ପିକ୍ନିକ୍ ସ୍ପଟ୍ ଖସଡ଼ାରେ ରୋଷେଇ କରି ଅପରାହ୍ନରେ ଖାଇବା କାର୍ଯ୍ୟକ୍ରମ ଥିଲା। ଖୁବ୍ ସୁନ୍ଦର ପାହାଡ଼ ଜଙ୍ଗଲଘେରା ସ୍ଥାନ। ଏହାକୁ ଆହୁରି ମନୋରମ କରୁଥିଲା ସେଠାରେ ଥିବା ଏକ ଜଳପ୍ରପାତ, ଯାହାକି ପାଲଟିଥିଲା ପିକ୍ନିକ୍ର ମୁଖ୍ୟ ଆକର୍ଷଣ। ତେଣୁ



ସଭିଏଁ ପ୍ରଥମେ ସେଠାକୁ ଧାଇଁଲେ। ପାଣି ଦେଖି ଛୋଟ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିଲେ। ଖୁସି ହୋଇ ମୋର ସମ୍ପର୍କୀୟା ଝିଅାରୀ ପାଣି ଭିତରକୁ ଯାଇଥିଲା। ସେ ଝରଣା ପାଣି ମଧ୍ୟକୁ ଯିବା ମାତ୍ରେ ଜଳସ୍ରୋତରେ ଗୋଡ଼ ଖସି ଭାସି ଯାଇଥିଲା। ତା'କୁ ବୁଡୁଥିବାର ଦେଖି ସଭିଏଁ ଚିତ୍କାର କରୁଥିଲେ, ହେଲେ କେହି କିଛି କରିପାରି ନ ଥିଲେ। ଏହି ସମୟରେ ମୁଁ କିଛି ଉପାୟ ନ ପାଇ ତା'କୁ ବଞ୍ଚାଇବା ଲାଗି ପାଣିକୁ ଡେଇଁ ପଡ଼ିଲି ଏବଂ ପହଁରି ପହଁରି ପାଣି ଭିତରକୁ ଯାଇ ଝିଅାରୀକୁ ଉଦ୍ଧାର କରିଥିଲି। ସେ ପାଣି ପିଇଦେଇଥିଲା ଏବଂ ଅଳ୍ପ ଆହତ ମଧ୍ୟ ହୋଇଥିଲା। ଏହି ଘଟଣା ପରେ ସେଦିନ ପିକ୍ନିକ୍ର ମାହୋଲ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ପିଲାଟି ବଞ୍ଚିଗଲା ବୋଲି ମନରେ ଖୁସି ବି ଥିଲା। ଏହା ମୋ ଜୀବନର ସବୁଠାରୁ ସ୍ମରଣୀୟ ଦିନ। ଏବେ ବି କୌଣସି ବଣଭୋଜି ଯିବା ବେଳେ ସେହି କଥା ମନେ ପଡ଼ି ଭୟ ସଞ୍ଚାର ହୋଇଥାଏ।

### ମହୁମାଛିଙ୍କ କବଳରୁ ଆଉ କି ନିସ୍ତାର!

**ସୌଦାମିନୀ ବେହେରା** (ଅଧ୍ୟାପିକା, ଜଟଣୀ)– ଦିନ ଗଡ଼ିଚାଲେ ସମୟର ସହ। ହେଲେ କିଛି ସ୍ମୃତି ରହିଯାଏ ମାନସ ପଟରେ ସବୁଦିନ ପାଇଁ। ଏମିତି କିଛି ସ୍ମୃତି ଭିତରୁ ମନେପଡୁଛି ଏକ ବଣଭୋଜିର ଘଟଣାଟିଏ। ସେତେବେଳେ ମୁଁ ଦଶମ



ଶ୍ରେଣୀର ଛାତ୍ରୀ। କିଛି ସାଙ୍ଗ ଏକ ଡିସେମ୍ବର ଶୀତ ସକାଳକୁ ସ୍ୱାଗତ କରି ବାହାରିଲୁ ପିକ୍ନିକ କରିବାକୁ। ମୟୂରଭଞ୍ଜ ଜିଲା ପ୍ରକୃତିର ଗନ୍ତାଘର। ରୋଷେଇ ସାମଗ୍ରୀ ଧରି ସବୁ ସାଙ୍ଗ ଚାଲି ଚାଲି ବଣଭୋଜି ସ୍ଥାନରେ ଯାଇ ପହଞ୍ଚିଲୁ। କିଛି ସମୟ ଗୀତ ପଦ୍ୟାଂଶ, ସିନେମା ଗୀତ, ଗୁଲି ଖଟି କରି ଖୁବ୍ ମଜା ଉଠାଇଲୁ। ରୋଷେଇ ଆରମ୍ଭ କରିବାକୁ କିଛି ପିଲା ଝରଣାରୁ ପାଣି ଆଣିବାକୁ ଗଲେ। କିଛି ପିଲା କାଠ ଗୋଟେଇବାକୁ ଗଲେ। ତିନି ଜଣ ରୋଷେଇଶାଳରେ ରହିଲେ। ହଠାତ୍ ସବୁ ଓଲଟପାଲଟ ହୋଇଗଲା। ଏବେବି ସେ କଥା ଭାବିଲେ ମୋ ଦେହର ଲୋମ ଟାଙ୍କୁରି ଉଠେ। କିଛି ଗାଈଆଳ ପିଲା ସେଠାରେ ଗାଈ ଚରାଉଥିଲେ। ଆମ ବଣଭୋଜି ସ୍ଥାନଠାରୁ ଅଳ୍ପ ଦୂରରେ ବଡ଼ ବଡ଼ ମହୁଫେଣା ଥିଲା। ସେ ପିଲାମାନେ ଲମ୍ବା ବାଡ଼ି ସାହାଯ୍ୟରେ ମହୁ ଲୋଭରେ ମହୁଫେଣାକୁ ଭାଙ୍ଗିବା ପାଇଁ ଲାଗିପଡ଼ିଲେ। ଜଙ୍ଗଲୀ ବାଘୁଆ ମହୁମାଛିଙ୍କ କବଳରୁ ଆଉ କି ନିସ୍ତାର! ଶହ ଶହ ମହୁମାଛି ବିନ୍ଧିବା ପାଇଁ ସୈନ୍ୟବାହିନୀ ସହ ଉଡ଼ି ଆସିଲେ। ବୋପା ଲୋ, ମାଲୋ କହି ସମସ୍ତେ ଏଣେତେଣେ ଧାଇଁଲେ। ଚାରିଆଡ଼େ ଖାଲି ଚିତ୍କାର। ସେଠାକୁ ଆସିଥିବା ଅନ୍ୟମାନେ ବି କିଛି ବୁଝିବା ପୂର୍ବରୁ ସେମାନେ ବି ମହୁମାଛିମାନଙ୍କର କ୍ରୋଧର ଶିକାର ହେଲେ। ବିକଳରେ କିଏ କେଉଁ ଆଡ଼େ ଧାଇଁଲେ ଜଣାନାହିଁ। କିଛି ସମୟ ପରେ ଆମେ କିଛି ଝିଅ କାଉଲୁବାଉଲୁ ହୋଇ ଭୋଜି ଜିନିଷ ପାଖକୁ ଫେରିଲୁ। ଯାହା ଦେଖିଲୁ ଧୈର୍ଯ୍ୟର ସୀମା ରହିଲା ନାହିଁ। ଚୁଲି ଜାଳରୁ ନିଆଁ ବ୍ୟାପିଯାଇ ପାଖରେ ଥିବା ଶୁଖିଲା ପତରରେ ଲାଗି ପ୍ରାୟ ଚାରିଆଡ଼େ ମାଡ଼ିଯାଉଥାଏ। ଭୋଜି ସାମଗ୍ରୀସବୁ ପୋଡ଼ି ଜଳି ଅଧା ନଷ୍ଟ ହୋଇ ଯାଇଥିଲା। ଆମେ ସବୁ କାନ୍ଦି କାନ୍ଦି ଅନ୍ୟ ସାଙ୍ଗମାନଙ୍କୁ ଖୋଜି ଚାଲିଥିଲୁ। ପରେ ଖବର ପାଇଲୁ, କିଛି ସାଙ୍ଗ ଘରକୁ ଫେରି ଯାଇଛନ୍ତି। ଈଶ୍ୱରଙ୍କର ବୋଧେ ଦୟା ଆସିଗଲା। ସେଇ ସ୍ଥାନକୁ ଆସିଥିବା କିଛି ପର୍ଯ୍ୟଟକ ଆମର ଏ ଅବସ୍ଥା ଦେଖି ଆମକୁ ଡାକିନେଇ ତାଙ୍କ ଭୋଜିରେ ସାମିଲ କରିଥିଲେ। ଖାଇପିଇ ଆସିଲୁ ସତ, କିନ୍ତୁ ସେଦିନର ଘଟଣା ଆଜି ବି ମୋତେ ବିଚଳିତ କରେ।

### ସିଧା ପଡିଲି ଲାଇନ୍ ଆରପଟେ

**ଶିବସୁନ୍ଦର ଦାସ** (ଷ୍ଟକ୍ ମାର୍କେଟ୍ ଟ୍ରେଡର୍, ଭୁବନେଶ୍ୱର)– ବୁଲାବୁଲି କରିବାକୁ କିଏବା ଭଲ ନ ପାଏ! ଆଉ ଯଦି ସାଙ୍ଗସାଥୀଙ୍କ ସହ ପିକ୍ନିକ୍ କରିବାର ସୁଯୋଗ ମିଳେ, ତା'ହେଲେ ଏହାର ଆନନ୍ଦ ଢେର୍ ବଢ଼ିଯାଏ। ହେଲେ କେବେକେବେ ଏହା ଭିତରେ ଏମିତି କିଛି ଘଟଣା ଘଟେ, ଯାହାକି ସବୁବେଳେ ମନରେ ଅଭୁଲା ହୋଇ ରହିଯାଏ। ସେମିତି ଏକ ସ୍ମୃତି ମନେପଡୁଛି। ସାଙ୍ଗମାନଙ୍କ ସହ ଜୟଦେବ ବାଟିକାରେ ଭୋଜି କରିବାକୁ ଯାଇଥିଲି। ନାଚ, ଗୀତ, ଥଟ୍ଟାମଜାରେ ସମସ୍ତେ ଏଞ୍ଜୟ କରୁଥିଲୁ। କିଛି



ଗେମ୍ ମଧ୍ୟ ଚାଲିଥାଏ। ମଝିରେ ଏକ ଲାଇନ୍ ଟଣାଯାଇଥିଲା। ଗୋଟେ ପଟେ ପୁଅ ଆଉ ଅନ୍ୟ ପଟେ ଝିଅମାନେ ରହି ଦଉଡ଼ି ଟଣା ଚାଲିଥିଲା। ଯେଉଁ ଟିମ୍ର ମେମ୍ବର ଆଗ ଲାଇନ୍ କ୍ରଶ୍ କରିବେ, ସେମାନେ ହାରିବେ। ଖୁବ୍ ଜୋର୍ରେ ଦଉଡ଼ିଟଣା ଭିତରେ ଆମ ପୁଅ ଟିମ୍ଙ୍କ ଭିତରୁ ଜଣଙ୍କ ହାତ ଖସିଗଲା। ସବୁଠାରୁ ଆଗରେ ମୁଁ ଥିବାରୁ ଭାରସାମ୍ୟ ସମ୍ଭାଳି ନ ପାରି ସିଧା ଯାଇ ପଡିଲି ଲାଇନ୍ ଆରପଟେ। ସେଇଠି ଗେମ୍ ଓଭର ହୋଇଗଲା ଏବଂ ଖୁବ୍ ମଜାମସ୍ତିରେ ଖିଆପିଆ କରି ଘରକୁ ଫେରିଲୁ। ତେବେ ଗେମ୍ରେ ତ ହାରିଲୁ ଯେତିକି ମନ ଦୁଃଖ ନ ଲାଗିଲା, ହେଲେ ଝିଅଟିମ୍ ପାଖରେ ପଡ଼ିଥିବାରୁ ସେଦିନ ଚିଡ଼େଇ ଚିଡ଼େଇ ସାଙ୍ଗମାନେ ମୋର ଅବସ୍ଥା ଢିଲା କରିଦେଇଥିଲେ। ଏବେବି ସେଦିନର କଥା ମନେପଡ଼ିଲେ ଖୁବ୍ ହସ ଲାଗେ।

### ସାହାଯ୍ୟ ଦେଇଥିଲା ଆତ୍ମସନ୍ତୋଷ

**ବୀରେନ୍ ଭୋଇ** (ଜୁଜୁମରା, ସମ୍ବଲପୁର)– ପିକ୍ନିକ୍ ସିଜନ ଆସିଲେ ସାଙ୍ଗମାନେ ମିଶି ବିଭିନ୍ନ ସ୍ଥାନରେ ଭୋଜି କରିଥାଉ। ସେଦିନ ଆମେ ବରଗଡ଼ ଜିଲା ପଦମପୁର ନିକଟସ୍ଥ ନରସିଂହ ନାଥ ମନ୍ଦିରରେ ଭୋଜି ଆୟୋଜନ କରିଥିଲୁ। ସକାଳୁ



ସକାଳୁ ସମସ୍ତ ଆବଶ୍ୟକ ସାମଗ୍ରୀ ଧରି ସାଙ୍ଗମାନେ ଏକାଠି ଗାଡ଼ିରେ ବାହାରି ପଡ଼ିଲୁ। ଯିବା ରାସ୍ତାରେ ମନ୍ଦିରଠାରୁ ପ୍ରାୟ ୧୦ କିଲୋମିଟର ପୂର୍ବରୁ ମୁଖ୍ୟ ରାସ୍ତା ଉପରେ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ପଡ଼ିଥିଲେ। କିଛି ଦୂରରେ ତାଙ୍କର ବାଇକ୍ ପଡ଼ିଥିଲା। ସଙ୍ଗେ ସଙ୍ଗେ ଆମେ ଗାଡ଼ି ଅଟକାଇ ତାଙ୍କ ପାଖକୁ ଧାଇଁଲୁ। ଅଚେତ ଅବସ୍ଥାରେ ଥିବାରୁ ସେ କୌଣସି ସୂଚନା ଦେଇ ପାରି ନ ଥିଲେ। ତାଙ୍କ ଠିକଣା ଓ ପରିଚୟ ଖୋଜିବାକୁ ସମୟ ଲାଗିଥିଲା। ପରେ ତାଙ୍କ ପକେଟରୁ ମିଳିଥିବା କାଗଜରେ ଡ୍ୟୁଟିର ଚାଲାଣ ମିଳିଥିଲା। ତୁରନ୍ତ ନିକଟସ୍ଥ ପଦମପୁର ଥାନାକୁ ଯୋଗାଯୋଗ କରିଥିଲୁ। ପୋଲିସ ଆସିବା ପରେ ଆହତ ବ୍ୟକ୍ତି ଜଣଙ୍କ ମଧ୍ୟ ଜଣେ ପୋଲିସ କର୍ମଚାରୀ ଓ ସେ ଡ୍ୟୁଟି ସାରି ଫେରୁଥିବା ଜଣାପଡ଼ିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଡିକାଲ ପଠାଇଥିଲୁ। ଏସବୁ ଭିତରେ ଅନେକ ସମୟ ଚାଲିଯାଇଥିବାରୁ ଆମେ ଭୋଜିକୁ ଭଲ ଭାବେ ଏଞ୍ଜଏ କରିପାରି ନ ଥିଲୁ ସତ, ହେଲେ ସେହି ପୋଲିସ୍ କର୍ମଚାରୀଙ୍କୁ ସାହାଯ୍ୟ କରିଥିବାରୁ ଆତ୍ମସନ୍ତୋଷ ମିଳିଥିଲା। କିଛିଦିନ ପରେ ସେ ସୁସ୍ଥ ହୋଇଥିବା ଜାଣିବାକୁ ପାଇଥିଲୁ ଏବଂ ବହୁତ ଖୁସି ଲାଗିଥିଲା। ସେଦିନର ଘଟଣା ଏବେବି ଅଭୁଲା ହୋଇ ରହିଛି।







## ଏ ସପ୍ତାହର ପ୍ରଶ୍ନ

୧– ସେମାରୋ ଆଗ୍ନେୟଗିରି .................. ଠାରେ ଅବସ୍ଥିତ ?
୨– ବର୍ତ୍ତମାନ ନ୍ୟାଶନାଲ୍ ଷ୍ଟାଟିଷ୍ଟିକାଲ୍ କମିଶନ୍ର ................ ?
୩– ନିକଟରେ ୟୁନେସ୍କୋ ଇଣ୍ଟାଞ୍ଜିବଲ୍ କଲ୍ଚରାଲ୍ ହେରିଟେଜ୍ ଷ୍ଟାଟସ୍ରେ ସ୍ଥାନ ପାଇଥିବା ଫ୍ରେଞ୍ଚ୍ ଫୁଡ୍ ............ ?
୪– ରୁଇବସ୍ ନାମକ ଏକ ପାହାଡ଼ିଆ ଗୁଳ୍ମ ............. ଠାରେ ଦେଖିବାକୁ ମିଳିଥାଏ ?
୫– ହ୍ୱାଇଟ୍ଲେ ଗ୍ଲୋ ଆୱାର୍ଡ ................. ବିଭାଗରେ ଦିଆଯାଏ ?

## ଗତ ଥରର ଉତ୍ତର

୧ ରତନ ଟାଟା
୨ ଭଦଲା ସୋଲାର ପାର୍କ
୩ ସି. ଭି. ରମଣ
୪ ପଶ୍ଚିମବଙ୍ଗ
୫ ୨୦୧୭

## ଉତ୍ତରଦାତା



ସୌରଭ କୁମାର ସାହୁ କଳାହାଣ୍ଡି



ତ୍ରିଦିବେଶ ପଟ୍ଟନାୟକ, ବଲାଙ୍ଗୀର



ଶେଖ୍ ୟାକୁବ୍ ଗୋପ

## ଟପ୍ ୧୦

### ଲୋକପ୍ରିୟ ସଫ୍ଟ ଡ୍ରିଙ୍କ୍ସ –୨୦୨୨



୧........ କୋକା–କୋଲା
୨........ ପେପ୍ସି
୩........ ଡାଏଟ୍ କୋକ୍
୪........ ଡକ୍ଟର ପିପ୍ପର୍
୫........ ମାଉଣ୍ଟେନ୍ ଡ୍ୟୁ
୬........ ସ୍ପ୍ରାଇଟ୍
୭........ ଡାଏଟ୍ ପେପ୍ସି
୮........ କୋକ୍ ଜିରୋ
୯........ ଫାଣ୍ଟା
୧୦........ ଡାଏଟ୍ ମାଉଣ୍ଟେନ୍ ଡ୍ୟୁ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ୟୁଥ୍ ଆଲର୍ଟ

# ଶୀତରେ ଏକ୍ସରସାଇଜ୍

**ଫିଟ୍ ରହିବା ପାଇଁ ଏକ୍ସରସାଇଜ୍ କରିବା ଆବଶ୍ୟକ। ହେଲେ ଅଧିକାଂଶ ଯୁବପିଢ଼ି ଶୀତଦିନେ ଥଣ୍ଡା ଯୋଗୁ ଏକ୍ସରସାଇଜ୍ କରିବାକୁ ଇଚ୍ଛା କରି ନ ଥା'ନ୍ତି। ହେଲେ ନିୟମିତ ଏକ୍ସରସାଇଜ୍ କରିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ। ତେବେ ଶୀତଦିନେ ଏକ୍ସରସାଇଜ୍ କରୁଥିଲେ କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଉପକୃତ ହୋଇପାରିବେ...**



* ଶୀତଦିନେ ୱାର୍କଆଉଟ୍ କରିବା ସମୟରେ କଟନ୍ କପଡ଼ା ବ୍ୟବହାର କଲେ ଝାଳରେ ଓଦା ହୋଇ ଥଣ୍ଡା ଲାଗିପାରେ। ତେଣୁ ଏହି ସମୟରେ ସିନ୍ଥେଟିକ୍ କିମ୍ବା ପଲିଷ୍ଟର କପଡ଼ା ବ୍ୟବହାର କରନ୍ତୁ। ଫୁଲ୍ ସ୍ଲିଭ୍ ଟପ୍ସ ମଧ୍ୟ ପିନ୍ଧିପାରିବେ।
* ଶୀତଦିନେ ଶରୀରକୁ ହାଇଡ୍ରେଟ ରଖିବା ଆବଶ୍ୟକ। କାରଣ ଗରମ ଦିନ ତୁଳନାରେ ଶୀତଦିନେ ଶରୀରରୁ କମ୍ ଝାଳ ବୋହିଥାଏ ଓ ବେଶୀ ଶୋଷ ଲାଗି ନ ଥାଏ। ଫଳରେ ଅନେକଙ୍କଠାରେ ଡିହାଇଡ୍ରେସନ ସମସ୍ୟା ଦେଖାଦେଇଥାଏ। ଏପରି ନ ହେବା ଲାଗି ଏଦିନେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଫ୍ରୁଟ୍ ଜୁସ୍ କିମ୍ବା ସୁପ୍ ମଧ୍ୟ ପିଇପାରିବେ।
* ଏକ୍ସରସାଇଜ୍ ପରେ କିଛି ସମୟ ବ୍ରେକ୍ ନିଅନ୍ତୁ। ଜିମ୍ରେ ଏକ୍ସରସାଇଜ୍ ସରିବା ପରେ ସାଙ୍ଗେ ସାଙ୍ଗେ ବାହାରକୁ ଆସନ୍ତୁ ନାହିଁ। କାରଣ ଏହି ସମୟରେ ବାହାର ପରିବେଶର ତାପମାତ୍ରା ଥଣ୍ଡା ଥିବାବେଳେ ଶରୀର ଗରମ ରହିଥାଏ। ତେଣୁ ସାଙ୍ଗେ ସାଙ୍ଗେ ବାହାରକୁ ଆସଲେ ଆପଣଙ୍କ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ।
* ଶୀତଦିନେ ଅନେକେ ସୂର୍ଯ୍ୟ କିରଣରେ ଆଉଟ୍ଡୋର୍ ଏକ୍ସରସାଇଜ୍ କରିବାକୁ ଭଲପାଆନ୍ତି। ହେଲେ ଏକ୍ସରସାଇଜ୍ କରୁଥିଲେ ଟ୍ୟାନିଂ ହୋଇପାରେ। ତେଣୁ ବାହାରକୁ ଯିବା ପୂର୍ବରୁ ସନ୍ସ୍କ୍ରିନ୍ ଲଗେଇବାକୁ ଭୁଲନ୍ତୁ ନାହିଁ।
* ଅନେକେ ଥଣ୍ଡା ଲାଗିବା ଯୋଗୁଁ ଶୀତଦିନେ ଗାଧୋଇ ନ ଥା'ନ୍ତି। କିନ୍ତୁ ୱାର୍କଆଉଟ୍ ସାରି ଫେରିବା ପରେ ପରିଷ୍କାର ଭାବେ ଗାଧୋଇ ଡ୍ରେସ୍କୁ ଭଲ ଭାବରେ ସଫା କରନ୍ତୁ। ନଚେତ୍ ଝାଳରେ ଧୂଳି ମଳି ଲାଗିବା ଦ୍ୱାରା କୁଣ୍ଡାଇ ହେବା ସହ ଅନ୍ୟାନ୍ୟ ଚର୍ମ ସମସ୍ୟା ଦେଖାଦେଇପାରେ।
* ଶୀତଦିନେ ହଟ୍ ସାୱାର୍ ନେଉଥିଲେ ଏକ୍ସରସାଇଜ୍ ପରେ ଶରୀର ଗରମ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।



ଜାଣନ୍ତୁ ଦୁନିଆ

# ଅଲ୍ ଇଣ୍ଡିଆ ରେଡିଓ

**ଅଲ୍ ଇଣ୍ଡିଆ ରେଡିଓକୁ ଆକାଶବାଣୀ ମଧ୍ୟ କୁହାଯାଇଥାଏ, ଯାହାକି ନା କେବଳ ଭାରତର ପ୍ରଥମ ରେଡିଓ ପ୍ରସାରଣ ସେବା ବରଂ ପୃଥିବୀର ଏକ ସର୍ବପୁରାତନ ରେଡିଓ ନେଟ୍ୱର୍କ ମଧ୍ୟ। ଏହାର ହେଡ୍କ୍ୱାର୍ଟର୍ସ ଆକାଶବାଣୀ ଭବନ, ନୂଆଦିଲ୍ଲୀରେ ଅବସ୍ଥିତ। ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ଜଣା ଅଜଣା କଥା...**

- ଭାରତରେ ପ୍ରଥମେ ରେଡିଓ ପ୍ରସାରଣ ସେବା ୧୯୨୩ରେ ରେଡିଓ କ୍ଲବ୍ ଅଫ୍ ବମ୍ବେ ଏବଂ କଲିକତା ରେଡିଓ କ୍ଲବ ବେସରକାରୀ ଷ୍ଟେଶନରୁ ଆରମ୍ଭ ହୋଇଥିଲା।
- ୧୯୩୦ରେ ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ ଲେବର ଅଧୀନରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍କାଷ୍ଟିଂ ସର୍ଭିସ୍ ଦ୍ୱାରା ଉକ୍ତ ରେଡିଓ ଷ୍ଟେଶନ ଚଳାଗଲା।





- ଏହାର ପ୍ରଥମ ନ୍ୟୁଜ୍ ବୁଲେଟିନ୍ ୧୯ ଜାନୁୟାରୀ ୧୯୩୬ରେ ପ୍ରସାରିତ ହୋଇଥିଲା।
- ୮ ଜୁନ୍ ୧୯୩୬ରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍କାଷ୍ଟିଂ ସର୍ଭିସ୍ର ନାମ ପରିବର୍ତ୍ତନ କରାଯାଇ ଅଲ୍ ଇଣ୍ଡିଆ ରେଡିଓ ରଖାଗଲା।
- ୪୧୫ ଷ୍ଟେଶନରେ ୨୩ଟି ଭାଷା ଏବଂ ୧୪୬ ଉପଭାଷାକୁ ନେଇ କାର୍ଯ୍ୟ କରୁଥିବା ଅଲ୍ ଇଣ୍ଡିଆ ରେଡିଓ ବିଶ୍ୱର ସବୁଠୁ ବଡ଼ ରେଡିଓ ପ୍ରସାରଣ ସଂସ୍ଥା। କେବଳ ଏତିକି ନୁହେଁ, ଏଥିରେ ୧୮ଟି ଏଫ୍ଏମ୍ ଚ୍ୟାନେଲ ରହିଛି।
- ମ୍ୟୁଜିକ୍ ଡାଇରେକ୍ଟର ୱାଲ୍ଟର କଫ୍ମ୍ୟାନ୍ ଏହାର ସିଗ୍ନେଚର ଟ୍ୟୁନ୍ କମ୍ପୋଜ କରିଥିଲେ।
- ଏଥିରେ ୧୯୫୭ ଅକ୍ଟୋବର ୩ରେ ବିବିଧ ଭାରତୀ ସେବା ଆରମ୍ଭ ହୋଇଥିଲା।
- ଅଲ୍ ଇଣ୍ଡିଆ ରେଡିଓର ପ୍ରଥମ ଏଫ୍ଏମ୍ ସର୍ଭିସ୍ ୨୩ ଜୁଲାଇ ୧୯୭୭ରେ ମାଡ୍ରାସ୍ ଠାରେ ଉଦ୍ଘାଟିତ ହୋଇଥିଲା।



କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍‌ରେ ଶନିବାର ପର୍ତ୍ତୁଗାଲ ଏବଂ ମରକ୍କୋ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆର୍ଜେଣ୍ଟିନା ସେମିଫାଇନାଲରେ

ଦୋହା, ୧୦।୧୨

ଚଳିତ ଫିଫା ବିଶ୍ୱକପର ସେମିଫାଇନାଲରେ କ୍ରୋଏସିଆକୁ ଭେଟିବ ଆର୍ଜେଣ୍ଟିନା। ଶୁକ୍ରବାର ୨ଟି ଯାକ କ୍ୱାର୍ଟର ଫାଇନାଲ ପେନାଲ୍ଟି ଶୁଟ୍ ଆଉଟରେ ମୀମାଂସା ହୋଇଥିଲା। ବ୍ରାଜିଲକୁ କ୍ରୋଏସିଆ ୪-୨ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ୪-୩ ଗୋଲରେ ନେଦରଲାଣ୍ଡ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

ଲୁସେଲ ଷ୍ଟାଡିୟମରେ ଆର୍ଜେଣ୍ଟିନା ଆରମ୍ଭରୁ ଆକ୍ରମଣ କରି ଖେଳିଥିଲା। ମିଡ୍‌ଫିଲ୍ଡରୁ ବଲ୍ ନେଇ ଆସିଥିବା ଲିଓନେଲ ମେସି ମ୍ୟାଚର ୩୫ତମ ମିନିଟରେ ନେଦରଲାଣ୍ଡ୍ସ ବକ୍ସ ମଧ୍ୟରେ ଥିବା ନାହୁଏଲ ମୋଲିନାଙ୍କ ନିକଟକୁ ପାସ୍ ଦେଇଥିଲେ। ମୋଲିନା ଧୈର୍ଯ୍ୟର ସହ ବଲ୍‌କୁ ନିୟନ୍ତ୍ରଣରେ ରଖି ଅତି ଚତୁରତାର ସହ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ୨୫ତମ ମ୍ୟାଚ ଖେଳୁଥିବା ମୋଲିନାଙ୍କର ଏହାଥିଲା ପ୍ରଥମ ଗୋଲ। ୭୩ତମ ମିନିଟରେ ପେନାଲ୍ଟି ଗୋଲ ବଳରେ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ମେସି ୨-୦ରେ ପହଞ୍ଚାଇଥିଲେ। ୭୧ତମ ମିନିଟରେ ଆର୍ଜେଣ୍ଟିନାର ଆକୁନାଙ୍କୁ ନେଦରଲାଣ୍ଡ୍ସର ଡୁମ୍‌ଫ୍ରିସ ଫାଉଲମାରି ତଳେ ପକାଇ ଦେଇଥିଲେ। ଏହା ରେଫରିଙ୍କ ନଜରକୁ ଆସିଥିଲା ଏବଂ ସେ ନେଦରଲାଣ୍ଡ୍ସକୁ ଦଣ୍ଡସ୍ୱରୂପ ଆର୍ଜେଣ୍ଟିନାକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ମେସିଙ୍କ ପେନାଲ୍ଟି ଶଟ୍ ଏତେ ତୀବ୍ର ଥିଲା ଯେ ନେଦରଲାଣ୍ଡ୍ସ ଗୋଲକିପର ହଲିବାର ସୁଯୋଗ ପାଇ ନ ଥିଲେ। ଶେଷ ଭାଗରେ କାଉଣ୍ଟର ଆଟାକ୍ କରି ଖେଳିଥିଲା ନେଦରଲାଣ୍ଡ୍ସ। ବର୍ଘୁଇସ ଡିପ୍‌ରୁ ଦେଇଥିବା କ୍ରସ୍‌ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ୱେଟ ୱେଘୋର୍ଷ୍ଟ। ନେଦରଲାଣ୍ଡ୍ସର ନାଥନ ଆକେ ୮୮ତମ ମିନିଟରେ ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଦେଶଙ୍କୁ ଫାଉଲ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପରଦେଶ ଡଚ୍ ବେଞ୍ଚ୍ ଆଡ଼କୁ ବଲ୍‌କୁ କିକ୍ ମାରିଥିଲେ। ଫଳରେ ନେଦରଲାଣ୍ଡ୍ସ ବେଞ୍ଚ୍‌ରେ ରହିଥିବା ଖେଳାଳିମାନେ ଚାଲିଆସିବାରୁ କିଛି ସମୟ ଠେଲାପେଲା ହୋଇଥିଲା। ଶେଷରେ ରେଫରି ପରେଦେଶଙ୍କୁ ୟେଲୋ କାର୍ଡ ଦେଖାଇବାରୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା ଏବଂ ଖେଳ ଜାରି ରହିଥିଲା। ୧୧ ମିନିଟର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ନେଦରଲାଣ୍ଡ୍ସ। ମ୍ୟାଚ ଶେଷ ହେବାର ଅଳ୍ପକିଛି ସେକେଣ୍ଡ ପୂର୍ବରୁ ଅର୍ଥାତ୍ ୯୦+୧୧ତମ ମିନିଟରେ ନେଦରଲାଣ୍ଡ୍ସକୁ ଏକ ଫ୍ରିକିକ୍ ମିଳିଥିଲା। କୁପ୍‌ମିନେର୍ସ ଆର୍ଜେଣ୍ଟିନା ଗୋଲପୋଷ୍ଟକୁ ବଲ୍ ନ ମାରି ୱିଘୋର୍ଷ୍ଟଙ୍କୁ ପାସ୍ ଦେଇଥିଲେ। ୱିଘୋର୍ଷ୍ଟ ତାହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା।

## ମ୍ୟାଚ୍ ସମୟରେ ସାମ୍ବାଦିକଙ୍କ ମୃତ୍ୟୁ

ଲୁସେଲ୍,୧୦।୧୨(ପି.ଟି.): ବରିଷ୍ଠ ଫୁଟବଲ ସାମ୍ବାଦିକ ଗ୍ରାଣ୍ଟ ୱାହଲ ଫିଫା ବିଶ୍ୱକପରେ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଆର୍ଜେଣ୍ଟିନା ବନାମ ନେଦରଲାଣ୍ଡ୍ସ ମ୍ୟାଚ ସମୟରେ ଏହି ଅଘଟଣ ଘଟିଥିଲା। ମ୍ୟାଚ ଅତିରିକ୍ତ ସମୟରେ ଥିବା ସମୟରେ ନିଜ ସିଟ୍‌ରୁ ଗଳି ପଡିଥିଲେ ୱାହଲ। ତାଙ୍କୁ ତୁରନ୍ତ ଡାକ୍ତରୀ ସୁବିଧା ପ୍ରଦାନ କରାଯାଇଥିଲେ ହେଁ ତାଙ୍କର ପରଲୋକ ଘଟିଥିଲା। ୱାହଲ ଆମେରିକା ମିଡିଆ ଟିମ୍ ନିକଟରେ ବସିଥିବା ବେଳେ ଅଚାନକ ଗଳି ପଡିଥିଲେ। ଏହାପରେ ତାଙ୍କୁ ଜରୁରିକାଳୀନ ଚିକିତ୍ସା ପ୍ରଦାନ କରାଯିବା ପରେ ମୃତ ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁରେ ଆମେରିକୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଫୁଟବଲ ସମ୍ପର୍କରେ ନିର୍ଭୁଲ ଖବର ପ୍ରଦାନରେ ତାଙ୍କର ଅବଦାନ ଅପୂରଣୀୟ ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି। ଗ୍ରାଣ୍ଟଙ୍କ ଚମତ୍କାର ଲେଖା ଆଉ ଆମକୁ ପଢିବାକୁ ମିଳିବ ନାହିଁ ବୋଲି ମଧ୍ୟ ଲେଖାଯାଇଥିଲା। ବୁଧବାର ଗ୍ରାଣ୍ଟ ୪୯ ବର୍ଷରେ ପଦାର୍ପଣ କରିଥିଲେ।

# ଏଥର ମେସିଙ୍କ ବିଶ୍ୱକପ୍

୧୯୮୬ରେ ମାରାଡୋନାଙ୍କ ବିଶ୍ୱକପ୍ ଥିଲା। ଏଥର କିନ୍ତୁ ଲିଓନେଲ ମେସିଙ୍କର। ତାଙ୍କ ନାମରେ ରହିଥିବା ରେକର୍ଡ ଓ ତାଙ୍କ ଫୁଟ୍‌ବଲ ନେତୃତ୍ୱକୁ ନେଇ ଆଉ ଆଲୋଚନା କରିବା ଦରକାର ନାହିଁ। ତାଙ୍କ ମ୍ୟାଜିକ ବଳରେ ଆର୍ଜେଣ୍ଟିନା ସେମିଫାଇନାଲରେ ପ୍ରବେଶ କରିସାରିଛି। ଲୁସେଲ ଷ୍ଟାଡିୟମରେ ନେଦରଲାଣ୍ଡ୍ସକୁ ପେନାଲ୍ଟିରେ ପରାସ୍ତ କରିବା ପରେ ଆର୍ଜେଣ୍ଟିନା ଜାତୀୟ ଦଳ ବର୍ତ୍ତମାନ ସେମାନଙ୍କର ସ୍ୱପ୍ନଠାରୁ ଆଉ ମାତ୍ର ଦୁଇଟି ମ୍ୟାଚ ଦୂରରେ ରହିଛି। ମେସି ତାଙ୍କ ବିଶ୍ୱକପ୍ ଯାତ୍ରା ୨୦୦୬ରେ ଜର୍ମାନୀରୁ ଆରମ୍ଭ କରିଛନ୍ତି। ତାଙ୍କ ପାଖରେ ଏବେ ମଧ୍ୟ କିଛି ଖେଳ ବାକି ରହିଛି। କେବଳ ପ୍ରଦର୍ଶନ ନୁହେଁ ଦଳକୁ ସଫଳ ନେତୃତ୍ୱ ଦେବାର ପରାକାଷ୍ଠା ସେ ଦେଖାଇଛନ୍ତି। ଶୁକ୍ରବାର ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ନାହୁଏଲ୍ ମୋଲିନାଙ୍କୁ ଗୋଲ ସ୍କୋର କରାଇବାରେ ସେ ସହାୟତା କରିଥିଲେ। ପେନାଲ୍ଟି ସ୍ପଟ୍‌ରୁ ତାଙ୍କ ଗୋଲ୍ ବାସ୍ତବିକ ଚିତ୍ତାକର୍ଷକ ଥିଲା। ଆର୍ଜେଣ୍ଟିନା ନିର୍ଦ୍ଧାରିତ ସମୟ ଖେଳର ଶେଷ ୧୦ରୁ ୧୫ ମିନିଟ ମଧ୍ୟରେ ଦୁଇଟି ଗୋଲ ବରଣ କରିବା ଅପ୍ରତ୍ୟାଶିତ ଥିଲା, ଯେଉଁଥିପାଇଁ ମ୍ୟାଚର ଫଳାଫଳ ପେନାଲ୍ଟି ଶୁଟ୍‌ଆଉଟରେ ନିରୂପିତ ହୋଇଥିଲା। ଏଥରୁ ଗୋଟିଏ କଥା ଶିକ୍ଷା କରିବା କଥା ଯେ, ଗୋଲ ସ୍କୋର ପରେ ଦଳ ଯେତେବେଳେ ଆଗୁଆ ରହିଛି ଏହା କିପରି ବଜାୟ ରଖିହେବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ମ୍ୟାଚ ଅମୀମାଂସିତ ରହିବା ପରେ ଯେଉଁ ଢଙ୍ଗରେ ଆର୍ଜେଣ୍ଟିନା ଜିତିଲା ତାହା ଦଳକୁ ଅଧିକ ଶକ୍ତିଶାଳୀ କରିବ। ଗୋଲକିପର 'ଡିବୁ ମାର୍ଟିନେଜ'ଙ୍କ ପ୍ରଦର୍ଶନ ଖୁବ୍ ଉଚ୍ଚକୋଟୀର ଥିଲା। ସେ ଦର୍ଶକଙ୍କ ମନ କିଣି ନେଇଥିଲେ। ଆର୍ଜେଣ୍ଟିନାର ଭାଗ୍ୟ ଟାଣ ଥିଲା, ତେଣୁ ଏହି ମ୍ୟାଚ ଜିତିନେଲା। କିନ୍ତୁ ଅନ୍ୟ ଲାଟିନ ଆମେରିକାନ୍ ଟିମ୍ ବ୍ରାଜିଲ ଗତଥରର ରନରଅପ୍ କ୍ରୋଏସିଆଠାରୁ ଦୁର୍ଭାଗ୍ୟଜନକ ଭାବେ ପ୍ରତିଯୋଗିତାରୁ ବିଦାୟ ନେଇଛି, ଯେଉଁ ଦଳକୁ ଏଥର ଟପ୍ ଫେଭରାଇଟ ବିବେଚନା କରାଯାଉଥିଲା। ୟୁରୋପିଆନ ଟିମ୍ କ୍ରୋଏସିଆ ପ୍ରମାଣିତ କରିଦେଲା ୨୦୧୮ ରନରଅପ୍ ଦଳକୁ ଅତିକ୍ରମ କରିବା ସହଜ ନୁହେଁ। ଲୁକା ମୋଡ୍ରିକ ପ୍ରମାଣ କରି ଦେଖାଇ ଦେଲେ ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ କାହିଁକି ଏବେ ମଧ୍ୟ ଅନ୍ୟମାନଙ୍କଠାରୁ ଆଗରେ ରହିଛନ୍ତି। (ଟିଭାକ୍ ସ୍ପୋର୍ଟ୍ସ)



ଜର୍ଜ ବୁରୁଚାଗା

## ପର୍ତ୍ତୁଗାଲ୍‌କୁ ହରାଇ ମରକ୍କୋ ସେମିଫାଇନାଲରେ

ଦୋହା, ୧୦।୧୨ (ଏପି)

ଶନିବାର ପର୍ତ୍ତୁଗାଲ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ମରକ୍କୋ ପ୍ରଥମ ଆଫ୍ରିକୀୟ ଦେଶ ଭାବେ ଫୁଟ୍‌ବଲ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ୟୁସେଫ୍ ଏନ୍ ନେସିରି ଖେଳର ୪୨ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ପୂର୍ବରୁ ଆଫ୍ରିକୀୟ ଦଳ ଭାବେ କାମେରୁନ୍ (୧୯୯୦), ସେନେଗାଲ୍ (୨୦୦୨) ଓ ଘାନା (୨୦୧୦) କେବଳ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ, ମାତ୍ର ଆଗକୁ ବଢ଼ିପାରି ନ ଥିଲେ। ପର୍ତ୍ତୁଗାଲ୍‌ର ଷ୍ଟାର ଖେଳାଳି ୩୭ ବର୍ଷୀୟ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଖେଳର ୫୧ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଓହ୍ଲାଇଥିଲେ। ୫ଥର ବିଶ୍ୱ ପ୍ଲେୟର ଅଫ୍ ଦି ଇୟର ବିବେଚିତ ଏହି ଖେଳାଳି ଥରେ ହେଲେ ବିଶ୍ୱକପ୍ ଜିତିପାରି ନାହାନ୍ତି। ଏପରିକି ସେ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ମରକ୍କୋ ସେମିଫାଇନାଲରେ ଫ୍ରାନ୍ସ କିମ୍ବା ଇଂଲଣ୍ଡକୁ ଭେଟିବ।

# ଶୁଟ୍ ଆଉଟରେ ଷ୍ଟାର ମାର୍ଟିନେଜ୍

ଲୁସେଲ୍,୧୦।୧୨(ପି.ଟି.)



ଆର୍ଜେଣ୍ଟିନାର ଗୋଲରକ୍ଷକ ଏମିଲିଆନୋ ମାର୍ଟିନେଜ ଦେଶ ପାଇଁ ହିରୋ ପାଲଟି ଯାଇଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ପେନାଲ୍ଟି ଶୁଟ୍‌ଆଉଟରେ ସେ ଦଳକୁ ବିଜୟୀ କରିଥିବା ବେଳେ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ତେବେ ଆର୍ଜେଣ୍ଟିନାର ଏହି ଷ୍ଟାର ଗୋଲରକ୍ଷକ ପ୍ରଥମଥର ପାଇଁ ଏଭଳି ପ୍ରଦର୍ଶନ କରିନାହାନ୍ତି, ଏହା ପୂର୍ବରୁ ମଧ୍ୟ ସେ ଜାତୀୟ ଦଳ ପାଇଁ ଏମିତି କାରନାମା ଦେଖାଇଛନ୍ତି। ଶୁକ୍ରବାର ଅତିରିକ୍ତ ସମୟ ସୁଦ୍ଧା ମ୍ୟାଚ୍ ୨-୨ରେ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟର ସାହାରା ନିଆଯାଇଥିଲା। ମାର୍ଟିନେଜ୍ ଦୁଇଟି ଚମତ୍କାର ସେଭ୍ କରିବା ଯୋଗୁ ଆର୍ଜେଣ୍ଟିନା ୪-୩ରେ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟପକ୍ଷରେ ଭିର୍ଜିଲ୍ ଭାନ୍ ଡିକ୍ ଓ ଷ୍ଟିଭେନ୍ ବେର୍ଗୁହିସଙ୍କ ଶଟ୍‌କୁ ରୋକିବାରେ ସଫଳ ହୋଇଥିଲେ ମାର୍ଟିନେଜ। ପ୍ରଥମ ୯୦ ମିନିଟ୍ ମୁଁ ଗୋଲ ସେଭ୍ କରି ନ ପାରିବାରୁ ମ୍ୟାଚ୍ ଏହି ସ୍ଥିତିରେ ପହଞ୍ଚିଥିଲା। ତେଣୁ ଶୁଟ୍‌ଆଉଟରେ ଅତିରିକ୍ତ ପ୍ରୟାସର ଆବଶ୍ୟକତା ରହିଥିଲା ବୋଲି ଜିତିବା ପରେ କହିଥିଲେ ମାର୍ଟିନେଜ୍। ଏହା ପୂର୍ବରୁ କୋପା ଆମେରିକା ସେମିରେ ମଧ୍ୟ ସେ ସମାନ ଭାବରେ ଆର୍ଜେଣ୍ଟିନାକୁ ବିଜୟୀ କରାଇଥିଲେ। ଉକ୍ତ ଟୁର୍ନାମେଣ୍ଟ ସେମିରେ ଆଷ୍ଟନ ଭିଲ୍ଲା ଗୋଲକିପର ଏକ ଅଣ ପାରମ୍ପରିକ ତରିକା ଆପଣେଇଥିଲେ। ସେ ଡେଭିନସନ୍ ସାଞ୍ଚେଜ, ୟେରୀ ମିନା ଓ ଏଡ୍‌ୱିନ କାର୍ଡୋନାଙ୍କ ଗୋଲ ରୋକିଥିଲେ। ଶୁଟଆଉଟର ଠିକ୍ ପୂର୍ବରୁ କଲମ୍ବିଆ ଖେଳାଳିଙ୍କୁ ଉସୁକାଇଥିଲେ ୩୦ ବର୍ଷୀୟ ମାର୍ଟିନେଜ୍। 'ମୁଁ ଦୁଃଖିତ କି ମୁଁ ତୁମ ଶଟ୍‌କୁ ରୋକିଦେବି' ବୋଲି ସାଞ୍ଚେଜ ଶଟ ମାରିବା ପୂର୍ବରୁ ସେ କହିଥିଲେ। ମିନା ଶଟ୍ ନେବା ପୂର୍ବରୁ ସେ କହିଥିଲେ 'ତୁମେ ହସୁଛ କାହିଁକି ନା ତୁମେ ନର୍ଭସ ଅଛ, ମୁଁ ତୁମକୁ ଜାଣିଛି'। ଏପରି କହିବା ସହିତ ସେ ଦୁଇଟି ଯାକ ଶଟ୍ ସେଭ୍ କରିଥିଲେ। ଏପରିକି ବେର୍ଗୁହିସଙ୍କ ପେନାଲ୍ଟି ଶଟ୍ ପୂର୍ବରୁ ମଧ୍ୟ ଏମିତି କିଛି ଡ୍ରାମା କରି ସମସ୍ତଙ୍କ ଧ୍ୟାନ ଭାଙ୍ଗିବାର ପ୍ରୟାସ କରିଥିଲେ। ଏପରିକି ମ୍ୟାଚ ପରେ ନେଦରଲାଣ୍ଡ୍ସ କୋଚ୍ ଲୁଇସ୍ ଭାନ୍ ଗାଲ୍ ଓ ମ୍ୟାଚ ରେଫରିଙ୍କୁ ସେ ସମାଲୋଚନା କରିଥିଲେ।

# Business

# 'ଖଣି-ନିର୍ମାଣ ଶିଳ୍ପରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ,୧୦।୧୨



ବର୍ତ୍ତମାନ ସମୟରେ ଇସ୍ପାତ ଉତ୍ପାଦନ ଏବଂ ଆଲୁମିନା ରୂପାନ୍ତରର ମୂଲ୍ୟ ଦୃଷ୍ଟିରୁ ଭାରତ ଏକ ଅନନ୍ୟ ସୁବିଧାଜନକ ସ୍ଥିତିରେ ରହିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତରେ ୧୪୨୫ଟି ଖଣି କାର୍ଯ୍ୟରତ ଥିବା ଆକଳନ କରାଯାଇଥିଲା। ସେଥିରେ ୫୨୫ଟି ଧାତବ ଖଣିଜ ପଦାର୍ଥ ଥିବା ଖଣି ଏବଂ ୭୨୦ ଅଣ ଧାତବ ଖଣିଜ ଥିବା ଖଣି ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ଡିସେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ନିକଟସ୍ଥ ବରମୁଣ୍ଡା ପଡ଼ିଆରେ ବିଶ୍ୱସ୍ତରୀୟ ମାଇନିଂ ଓ ଆନୁଷଙ୍ଗିକ ଶିଳ୍ପ ଉପରେ ଏକ ସ୍ୱତନ୍ତ୍ର ଆନ୍ତର୍ଜାତିକ ବି୨ବି ଟ୍ରେଡ୍ ଶୋ' ଓଡ଼ିଶା ମାଇନିଂ ଏକ୍ସପୋ ଆୟୋଜିତ ହେବାକୁ ଯାଉଛି। ଓଡ଼ିଶା ମାଇନିଂରେ ଖଣି ସମ୍ପର୍କିତ ଉତ୍ପାଦ, ସେବା ଏବଂ ସମଗ୍ର ବିଶ୍ୱସ୍ତରରେ ହେଉଥିବା ଯୋଗାଣର ସର୍ବାଧୁନିକ ଏବଂ ପୂର୍ଣ୍ଣାଙ୍ଗ ସମ୍ଭାର ସ୍ଥାନ ପାଇବ। ଭାରତରେ ଖଣି ଶିଳ୍ପ ଚଳିତ ବର୍ଷଗୁଡିକରେ ବୃଦ୍ଧିପାଇଛି ଏବଂ ଓଡ଼ିଶା ମାଇନିଂ ସର୍ବବୃହତ୍ ମାଇନିଂ ପ୍ରଦର୍ଶନୀ ହୋଇଛି, ଯାହା ଏହି ବର୍ଗରେ ଥିବା ମୁଖ୍ୟ ଭାଗୀଦାରଙ୍କୁ ଏକତ୍ର କରାଇବାରେ ସହାୟତା କରିଛି। ଓଡ଼ିଶାରେ ପ୍ରାୟ ୨୫୦ ବିଭିନ୍ନ ପ୍ରକାର ଖଣି ରହିଛି। ଦେଶରେ ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରୁଛି ଏବଂ ସେଥିପାଇଁ ଏହାର ପ୍ରଚୁର ପ୍ରାକୃତିକ ସମ୍ପଦର ମୁଖ୍ୟ ଭୂମିକା ରହିଛି। ରାଜ୍ୟରେ ଉଚ୍ଚମାନର ଲୁହାପଥର, ବକ୍ସାଇଟ, କ୍ରୋମାଇଟ ଏବଂ ମାଙ୍ଗାନିଜ ପଥର ସହ କୋଇଲା, ଚୂନପଥର, ଡୋଲୋମାଇଟ, ଟିଣ, ନିକେଲ, ଭାନାଡିୟମ, ସୀସା, ଗ୍ରାଫାଇଟ, ସୁନା, ଜେମ୍‌ଷ୍ଟୋନ, ହୀରା, ଡାଇମେନସନ ଓ ଡେକୋରେଟିଭ ପଥର ବିପୁଳ ପରିମାଣରେ ଗଚ୍ଛିତ ରହିଛି। ଫଳସ୍ୱରୂପ ଇସ୍ପାତ, ଫେରୋ ଆଲୟେଜ, ସିମେଣ୍ଟ, ଆଲୁମିନା-ଆଲୁମିନିୟମ, ରିଫ୍ରାକ୍ଟୋରିଜ, ତାପଜ ଶକ୍ତି ଆଦି ଉତ୍ପାଦନ ନିମନ୍ତେ ଖଣିଜଭିତ୍ତିକ ବ୍ୟବସାୟର ଅବସ୍ଥିତି ଏବଂ ତାହା ସହ ଅଧିକ ଅକ୍‌ଜିଲାରି ଏବଂ ଆନୁଷଙ୍ଗିକ ଡାଉନଷ୍ଟ୍ରିମ୍ କ୍ଷେତ୍ର ସ୍ଥାପନ ଉଲ୍ଲେଖନୀୟ ଭାବରେ ଅଧିକ ସମ୍ଭବ ହୋଇପାରିଛି।

ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ଡାଇରେକ୍ଟର ନମିତ ଗୁପ୍ତା କହିଛନ୍ତି, ଦେଶର ଜିଡିପି ଅଭିବୃଦ୍ଧି, ବିଦେଶୀ ମୁଦ୍ରା ଉପାର୍ଜନ କ୍ଷେତ୍ରରେ ପ୍ରମୁଖ ପ୍ରଭାବ ପକାଇବା ସାମର୍ଥ୍ୟ ଏହି କ୍ଷେତ୍ରର ରହିଛି ଏବଂ ନିର୍ମାଣ, ଭିତ୍ତିଭୂମି, ଯାନବାହନ ଓ ବିଦ୍ୟୁତ୍ ଆଦି ବାସ୍ତବ ବ୍ୟବହାର୍ଯ୍ୟ କ୍ଷେତ୍ରକୁ ଆବଶ୍ୟକ କଞ୍ଚାମାଲ ସୁଲଭ ମୂଲ୍ୟରେ ଯୋଗାଇଦେଇ ସେଗୁଡ଼ିକୁ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ଏହା ସମର୍ଥ। ବର୍ଦ୍ଧିତ ସଂଖ୍ୟାରେ ଯାନବାହନ ତିଆରି ଏବଂ ନୂତନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଏହି କ୍ଷେତ୍ରର ସମ୍ପ୍ରସାରଣକୁ ଇନ୍ଧନ ମିଳୁଛି। ଶକ୍ତି ଓ ସିମେଣ୍ଟ ଶିଳ୍ପ ସହ ସଂଯୁକ୍ତ ଶିଳ୍ପଗୁଡିକର ସମ୍ପ୍ରସାରଣ ମଧ୍ୟ ଏହି କ୍ଷେତ୍ରର ସଫଳତା କ୍ଷେତ୍ରରେ ଅବଦାନ ରଖୁଛି। ମୋଟ ଉପରେ ଉଭୟ ଆବାସିକ ଏବଂ ବ୍ୟବସାୟିକ ସୌଧ ସମେତ ନିର୍ମାଣ ଶିଳ୍ପରେ ଆଶା ଉଚ୍ଚସ୍ତରରେ ରହିଛି ଏବଂ ଏହା ଲୌହ ଓ ଇସ୍ପାତର ପ୍ରଚଳିତ ଚାହିଦା ସ୍ତର ବଜାୟ ରଖିବା ଆଶା କରାଯାଉଛି।

## 'ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡ'

ନୂଆଦିଲ୍ଲୀ,୧୦।୧୨

ଆକ୍ସିସ ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ 'ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଡେବ୍‌ଟ ସ୍କିମ୍, ଯେଉଁଥିରେ ସୁଧ ହାରର ବିପଦ ସାମାନ୍ୟ ଅଧିକ ରହୁଥିବା ବେଳେ କ୍ରେଡିଟ୍ ବିପଦ କମ୍ ରହୁଛି। ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡର ଏନ୍‌ଏଫ୍‌ଓ ୨୦୨୨ ଡିସେମ୍ବର ୭ରେ ଖୋଲି ୨୧ ଡିସେମ୍ବରରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଆକ୍ସିସ୍ ଲଙ୍ଗ୍ ଡ୍ୟୁରେଶନ ଫଣ୍ଡର ଶୁଭାରମ୍ଭ ସହ ଆମେ ଆଶା କରୁଛୁ ଯେ ନିବେଶକମାନେ ଅବସରକାଳୀନ ନିବେଶର ପୁନର୍ବିଚାର କରିବେ। ପାରମ୍ପରିକ ଅବସରକାଳୀନ ଉତ୍ପାଦଗୁଡ଼ିକ ତୁଳନାରେ ଡେବ୍‌ଟ ମ୍ୟୁଚୁଆଲ ଫଣ୍ଡ୍ ଉଲ୍ଲେଖନୀୟ ଟିକସ ଦକ୍ଷତା ଏବଂ ବଜାରଭିତ୍ତିକ ରିଟର୍ନ ପ୍ରଦାନ କରିବ। ଏକ ଅର୍ଥପୂର୍ଣ୍ଣ ଲମ୍ବା ଅବଧିରେ ଆୟ ସମ୍ଭାରରେ ଥିବା ଅନ୍ତର ପୂରଣ ହୋଇ ଶେଷରେ ଏକ ବଡ଼ ପାଣ୍ଠି ପ୍ରଦାନ କରିବ।

## 'ହ୍ରିତିକ ବିସ୍କ ଫାର୍ମର ନୂଆ ବ୍ରାଣ୍ଡ୍ ଆମ୍ବାସାଡର'

ନୂଆଦିଲ୍ଲୀ,୧୦।୧୨



ଦେଶର ପ୍ରମୁଖ ବିସ୍କୁଟ ଓ ବେକରି ବ୍ରାଣ୍ଡ ବିସ୍କ ଫାର୍ମ ପକ୍ଷରୁ ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନଙ୍କୁ ଗୁଗ୍‌ଲି ବିସ୍କୁଟ୍ ପାଇଁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏପରିକି ହ୍ରିତିକଙ୍କ ଚର୍ଚ୍ଚିତ ନୃତ୍ୟଶୈଳୀକୁ ନେଇ ବିସ୍କ ଫାର୍ମ ଗୁଗ୍‌ଲି ବିସ୍କୁଟର ସ୍ଲୋଗାନ 'ଟେଷ୍ଟ ୱିଥ୍ ଏ ଟ୍ୱିଷ୍ଟ' ଅନୁସାରେ ପ୍ରଥମ ଟେଲିଭିଜନ ବିଜ୍ଞାପନ ପ୍ରସ୍ତୁତ କରାଯାଇଛି। ଗୁଗ୍‌ଲି ଟ୍ୱିଷ୍ଟର ନାମକ ଉକ୍ତ ଅଭିଯାନରେ ହ୍ରିତିକଙ୍କ ନୂଆ ଗୁଗ୍‌ଲି ନୃତ୍ୟଶୈଳୀ ମଧ୍ୟ ଦେଖିବାକୁ ମିଳିବ। ମିଠା ଓ ଲୁଣିଆ ସ୍ୱାଦର ଏକ ଚମତ୍କାର ମିଶ୍ରଣ ଜରିଆରେ ବିସ୍କ ଫାର୍ମର ଗୁଗ୍‌ଲି ବିସ୍କୁଟ ନୂଆ ବର୍ଗ ସୃଷ୍ଟି କରିଛି। ଏହା ଗ୍ରାହକମାନଙ୍କୁ ବେଶ୍ ପ୍ରଭାବିତ କରିଥିବା ବେଳେ ବିସ୍କୁଟପ୍ରେମୀଙ୍କ ପସନ୍ଦରେ ପରିଣତ ହୋଇଛି। ଅପରପକ୍ଷରେ ହ୍ରିତିକଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ଉକ୍ତ ଅଭିଯାନ ଜରିଆରେ ଏହି ବ୍ରାଣ୍ଡକୁ ଏସ୍‌ଏଜେ ଫୁଡ୍‌ସ ଜାତୀୟସ୍ତରକୁ ନେବାକୁ ଏବଂ ଏହାର ସ୍ୱତନ୍ତ୍ର ସ୍ୱାଦ ଚାଖିବା ଲାଗି ଗ୍ରାହକମାନଙ୍କୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏସ୍‌ଏଜେ ଫୁଡ୍‌ସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅର୍ପଣ ପଲ୍ କହିଛନ୍ତି, ବିସ୍କ ଫାର୍ମରେ ନବସୃଜନ ଆମ ଡିଏନ୍‌ଏରେ ରହିଛି ଏବଂ ଆମେ ବିଶ୍ୱାସକରୁ ଯେ ଆର ଆଣ୍ଡ୍ ଡି ଓ ଉତ୍ପାଦ ବିକାଶ ଉପରେ ଆମର ଗୁରୁତ୍ୱ ହେଉଛି ଆମ ସଫଳତାର ଅନ୍ୟତମ ପ୍ରମୁଖ ଉପାଦାନ। ଗୁଗ୍‌ଲି ବିସ୍କୁଟର ବର୍ଗମାଳାକୁ ଶୁଭାରମ୍ଭ କରିବାରେ ଆମେ ଏହି ବର୍ଗରେ ବିପ୍ଳବ ଆଣିଥିଲୁ ଏବଂ ଏହାର ନାମ ଅନୁସାରେ ଗ୍ରାହକମାନେ ତାହାର ସ୍ୱାଦରେ ବିମୋହିତ ହୋଇଯାଇଥିଲେ। ସେହିଭଳି ଏସ୍‌ଏଜେ ଫୁଡ୍‌ସର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ସିଂହ କହିଛନ୍ତି, ଏସ୍‌ଏଜେ ଫୁଡସ ବର୍ତ୍ତମାନ ଭାରତର ୪ର୍ଥ ବୃହତମ ବିସ୍କୁଟ ଓ ବେକରି ନିର୍ମାଣକାରୀ କମ୍ପାନୀର ସ୍ଥିତି ହାସଲ କରିଥିବା ବେଳେ ଭାରତର ୨୩ଟି ରାଜ୍ୟରେ ଉପସ୍ଥିତି ଜାହିର କରିଛି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ଦକ୍ଷତା ତାଲିମ ଦେବ ଆର୍‌ସିପିଏସ୍‌ଡିସି

ନୂଆଦିଲ୍ଲୀ,୧୦।୧୨

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଜୋତା ଉତ୍ପାଦନ କ୍ଷେତ୍ରରେ ବଜାର କୈନ୍ଦ୍ରିକ ଦକ୍ଷତା ଏବଂ ଉଦ୍ୟୋଗ ପ୍ରୋତ୍ସାହନ ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳା ସଦସ୍ୟମାନଙ୍କ ପାଇଁ ଜୀବିକା ସୁଯୋଗ ବୃଦ୍ଧି କରିବା ଲାଗି ରବର, କେମିକାଲ ଆଣ୍ଡ ପେଟ୍ରୋକେମିକାଲ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ କାଉନ୍‌ସିଲ (ଆର୍‌ସିପିଏସ୍‌ଡିସି) ସହ ସହଭାଗିତା କରିଛି। ଏପରିକି ଆସନ୍ତା ୨ ବର୍ଷ ମଧ୍ୟରେ ୨୦୦୦ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ଆର୍‌ସିପିଏସ୍‌ଡିସି ଦ୍ୱାରା ଜୋତା ଉତ୍ପାଦନ (ହାୱାଇ ସ୍ଲିପର) କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ଏବଂ ସେମାନଙ୍କୁ ନିଜର କ୍ଷୁଦ୍ର ଉତ୍ପାଦନ ଆସେମ୍ବ୍‌ଲି ୟୁନିଟ୍ ଆରମ୍ଭ କରିବା ପାଇଁ ସଶକ୍ତ କରାଯିବ। ଦକ୍ଷତା ତାଲିମ ବ୍ୟତୀତ ଏହି ପ୍ରକଳ୍ପ ୨୦୦୦ଦକ୍ଷ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନିୟୋଜିତକରି ସର୍ବନିମ୍ନ ୧୦୦ଟି ଜୋତା ଉତ୍ପାଦନ ଆସେମ୍ବ୍‌ଲି ୟୁନିଟ୍ ସ୍ଥାପନ କରିବା କ୍ଷେତ୍ରରେ ଆବଶ୍ୟକ ସହଯୋଗ କରିବ। ଏଥିପାଇଁ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ ମାନ୍‌ସୀ ନିମ୍ଭାଲ ଏବଂ ଆର୍‌ସିପିଏସ୍‌ଡିସିର ସିଇଓ ସୈଫ୍ ମହମ୍ମଦଙ୍କ ମଧ୍ୟରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏ ସମ୍ପର୍କରେ ଆର୍‌ସିପିଏସ୍‌ଡିସି ସିଇଓ ସୈଫ୍ ମହମ୍ମଦ କହିଛନ୍ତି, ଏକ ବିସ୍ତୃତ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳା ସଦସ୍ୟଙ୍କୁ କଞ୍ଚାମାଲ ହାସଲ କରିବାଠାରୁ ଆରମ୍ଭକରି ସଂରକ୍ଷଣ, ଉତ୍ପାଦନ, ଗୁଣବତ୍ତା ଯାଞ୍ଚ, ପ୍ୟାକେଜିଂ, ଓୟାରହାଉସିଂ, ବିକ୍ରି, ବୁକ୍‌କିପିଙ୍ଗ୍ ଓ ବ୍ୟାଙ୍କିଙ୍ଗ୍ ପର୍ଯ୍ୟନ୍ତ ଜୋତା ଉତ୍ପାଦନର ସମସ୍ତ ଦିଗରେ ପ୍ରଶିକ୍ଷିତ କରାଯିବ।

## ମିଶ୍ରଣ ପରେ ନୂଆ ସଂସ୍ଥା ସୃଷ୍ଟି

ନୂଆଦିଲ୍ଲୀ,୧୦।୧୨

ବାଣିଜ୍ୟିକ ଯାନର ଅର୍ଥ ଲଗାଣକାରୀ ସଂସ୍ଥା ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ କମ୍ପାନୀ ଏବଂ ସର୍ବବୃହତ୍ ଦୁଇଚକିଆ ଯାନ ଅର୍ଥ ଲଗାଣକାରୀ ତଥା ଏମ୍‌ଏସ୍‌ଏମ୍‌ଇ ବର୍ଗକୁ ଋଣ ଯୋଗାଣ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ଥିବା ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ ମଧ୍ୟରେ ମିଶ୍ରଣ ଘଟି ଶ୍ରୀରାମ ଫାଇନାନ୍ସ ଲିମିଟେଡ୍ (ଶ୍ରୀରାମ ଫାଇନାନ୍ସ) ଗଠିତ ହୋଇଛି। ଶ୍ରୀରାମ ଫାଇନାନ୍ସ ନେଟ୍ ମୂଲ୍ୟ ୪୦,୯୦୦ କୋଟି ଟଙ୍କା ଏବଂ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ୧,୭୧,୦୦୦ କୋଟି ଟଙ୍କା ସହ ଏକ ବିବିଧିକୃତ କମ୍ପାନୀ ହେବ ବୋଲି ଜଣାପଡ଼ିଛି।

# ସିଏଟ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୦।୧୨

ଦେଶର ପ୍ରମୁଖ ଟାୟାର ଉତ୍ପାଦନକାରୀ କମ୍ପାନୀ ସିଏଟ୍ ଲିମିଟେଡ୍ ପକ୍ଷରୁ ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି। ଭାରତରେ ଏସ୍‌ୟୁଭିଗୁଡିକ ନିମନ୍ତେ ଏହାର ଉଚ୍ଚ ପ୍ରଦର୍ଶନକାରୀ, ସମସ୍ତ ଭୂଭାଗ ଉପଯୋଗୀ ନୂଆ ଟାୟାର 'କ୍ରସ୍‌ଡ୍ରାଇଭ'ର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। କ୍ରସ୍‌ଡ୍ରାଇଭରେ ସିଏଟ୍‌ର ସର୍ବାଧୁନିକ ୩ଡି ସାଇପ ପ୍ରଯୁକ୍ତି ଏବଂ ମଜଭୁତ ସୋଲ୍‌ଡର ଡିଜାଇନ ସ୍ଥାନ ପାଇଛି। ଏହା ଟାୟାରକୁ ସମସ୍ତ ପ୍ରକାର ଭୂଭାଗରେ ବ୍ୟବହାର ନିମନ୍ତେ ଉପଯୋଗୀ ହେବାରେ ସହାୟତା କରୁଛି। ଟାୟାରର ନୂଆ କାର୍ବନ ବ୍ଲାକ୍ ଟ୍ରେଡ୍ କମ୍ପାଉଣ୍ଡ ଅଧିକ ଉନ୍ନତ ଗ୍ରିପ୍ ସହ ଉନ୍ନତ ଇନ୍ଧନ ସଞ୍ଚୟ ଫାଇଦା ପ୍ରଦାନ କରୁଛି ଏବଂ ଏହାକୁ ଇନ୍ଦୋରସ୍ଥିତ ସର୍ବାଧୁନିକ ଯାନବାହନ ପରୀକ୍ଷଣ ଟ୍ରାକ୍ 'ଏନ୍‌ଏଟିଆର୍‌ଏଏକ୍ସ'ରେ ତଥା ଇନ୍ଦୋର ନିକଟରେ ହାଲୁକା ଅଫ୍ ରୋଡ୍ ପରିସ୍ଥିତିରେ ବ୍ୟାପକ ଭାବେ ପରୀକ୍ଷଣ କରାଯାଇଛି।

ଏ ସମ୍ପର୍କରେ ସିଏଟ୍ ଟାୟାର୍ସ ଲିମିଟେଡ୍‌ର ଚିଫ୍ ଅପରେଟିଂ ଅଫିସର ଅର୍ଣ୍ଣବ ବାନାର୍ଜୀ କହିଛନ୍ତି, ଏସ୍‌ୟୁଭିଗୁଡିକ ସକାଶେ ସମସ୍ତ ପ୍ରକାର ଭୂଭାଗ ପାଇଁ କ୍ରସ୍‌ଡ୍ରାଇଭ ଆମର ଅନ୍ୟତମ ପ୍ରିମିୟମ ଉତ୍ପାଦ ହୋଇଛି। କ୍ରସ୍‌ଡ୍ରାଇଭ ଟାୟାରଗୁଡ଼ିକ ନିମନ୍ତେ ନୂତନ ପ୍ରଯୁକ୍ତି ଓ ଡିଜାଇନର ପ୍ରଚଳନ ଆମ ଗ୍ରାହକମାନଙ୍କୁ ଚାଲେଞ୍ଜପୂର୍ଣ୍ଣ ଏବଂ ବିଭିନ୍ନ ଭୂଭାଗରେ ନିରାପଦର ସହିତ ଆଗକୁ ବଢ଼ିବାରେ ସହାୟତା କରିବ ଏବଂ ତା' ସହିତ ଯାନର ଇନ୍ଧନ ସଞ୍ଚୟରେ ଉନ୍ନତି ଘଟାଇବ। ଅଫ୍ ରୋଡ୍ କ୍ଷମତା ଏବଂ ସହରାଞ୍ଚଳ ବ୍ୟବହାର ନିମନ୍ତେ ଆମେ କ୍ରସ୍‌ଡ୍ରାଇଭରର ବ୍ୟାପକ ଭାବେ ପରୀକ୍ଷଣ କରିଛୁ।

ଫୁରସତ୍



# ତାପସୀଙ୍କୁ ପ୍ରଶଂସା

ମୁମ୍ବାଇ

ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ତାପସୀ ପନ୍ନୁଙ୍କୁ କ୍ରିଟିକ୍ସମାନେ ଭୁରି ଭୁରି ପ୍ରଶଂସା କରିବାରେ ଲାଗିଛନ୍ତି। ଶୁକ୍ରବାର ରିଲିଜ୍ ହୋଇଥିବା 'ବ୍ଲର'ରେ ଏହି ନାୟିକାଙ୍କ ଅଭିନୟକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଛି। ଫିଲ୍ମ ରିଲିଜ୍‌ର ଗୋଟିଏ ଦିନ ପରେ ହିଁ ଫଳ ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ବ୍ଲରର ପ୍ରଯୋଜନା ଦାୟିତ୍ୱ ତାପସୀ ନିଜେ ସମ୍ଭାଳିଥିବାବେଳେ ଅଜୟ ବାହଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ବ୍ଲର' ଶୁକ୍ରବାର ଓଟିଟି ପ୍ଲାଟଫର୍ମ ଜି୫ରେ ରିଲିଜ୍ ହୋଇଛି। ଏଥିରେ ତାପସୀ ଡବଲ ରୋଲ୍ କରିଛନ୍ତି। ଟୁଇନ୍ସ ସିଷ୍ଟରଙ୍କ ହତ୍ୟାର କାରଣ ଖୋଜି ବାହାର କରିବାକୁ ଚାହୁଁଛନ୍ତି ତାପସୀ। କିନ୍ତୁ ଏ ସବୁ ଭିତରେ ନିଜ ଦୃଷ୍ଟି ଶକ୍ତି ହରାଇ ବସୁଛନ୍ତି। ଥ୍ରିଲର, କ୍ରାଇମ୍, ଡ୍ରାମା ଫିଲ୍ମ ପାଇଁ ତପସୀଙ୍କୁ ପ୍ରଶଂସା କରିବାରେ ପଛାଇ ନାହାନ୍ତି ସୋସିଆଲ ମିଡିଆ ୟୁଜର୍ସ। ତାପସୀଙ୍କ ଅଭିନୀତ 'ଡଙ୍କି' ଆସନ୍ତା ବର୍ଷ ଡିସେମ୍ବର ୨୨ରେ ମୁକ୍ତିଲାଭ କରିବ । ତପସୀଙ୍କ ସହ ଫିଲ୍ମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ନଜରକୁ ଆସିବେ।

# ମାନବ ସଭ୍ୟତାର ମୂକସାକ୍ଷୀ ପର୍ବତ



## ଅନ୍ତର୍ଜାତୀୟ ପର୍ବତ ଦିବସ

ମାନବ ସଭ୍ୟତାର ମୂକସାକ୍ଷୀ ଭାବେ ପର୍ବତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପର୍ବତ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧୧ରେ ଅନ୍ତର୍ଜାତୀୟ ପର୍ବତ ଦିବସ ପାଳନ କରାଯାଇଥାଏ। ମାଉଣ୍ଟେନ ଡେ ୨୦୦୩ରେ ଜାତିସଂଘ ସାଧାରଣ ସଭା ଦ୍ୱାରା ପର୍ବତରେ ସ୍ଥାୟୀ ବିକାଶକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାଧାରଣ ସଭା ନିରନ୍ତର ପର୍ବତ ବିକାଶର ମହତ୍ତ୍ୱକୁ ହୃଦୟଙ୍ଗମ କରି ଏହି ଦିବସ ପାଳନ ଅବସରରେ ସମସ୍ତ ସ୍ତରରେ ଇଭେଣ୍ଟ ଆୟୋଜନ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଉତ୍ସାହିତ କରିଥିଲା। ୧୮୩୮ ମସିହା ଅଗଷ୍ଟ ୧୧ରେ ପ୍ରଥମେ ପର୍ବତ ଦିବସ ପାଳନ ଆରମ୍ଭ ହୋଇଥିଲା। ମାଉଣ୍ଟ ହୋଲିଓକ କଲେଜର ଛାତ୍ରୀଛାତ୍ରମାନେ ହୋଲିଓକ ପର୍ବତ ଅଭିମୁଖେ ଯାତ୍ରା କରିଥିଲେ। ସ୍ମିଥ୍ କଲେଜ ୧୮୭୭ରେ ଏହାର ପର୍ବତ ଦିବସ ଘୋଷଣା କରିଥିଲା। ଜୁନିଟା କଲେଜ ୧୮୯୬ରେ ଏହାର ପର୍ବତ ଦିବସ ପ୍ରତିଷ୍ଠା କରିଥିଲା। ସେହିପରି ୱିଲିୟମ୍ସ କଲେଜ ଛାତ୍ରମାନେ ୧୮୦୦ ଦଶକରୁ ପର୍ବତ ପାଳନ କରିବା ପାଇଁ ମାସାଚ୍ୟୁସେଟ୍ସର ସର୍ବୋଚ୍ଚ ପର୍ବତ ଗ୍ରେଲକ ଉପରକୁ ଚଢ଼ିଥିଲେ। କଲବି-ସାୱେର୍ କଲେଜର ପର୍ବତ ଦିବସ ୧୮୫୦ ଦଶକରେ ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଉଦ୍ୟମ କରାଯାଇଥାଏ।

# ରିମେକ୍ ଯୋଗୁ ବର୍‌ବାଦ ହୋଇଛି ବଲିଉଡ୍



**ମୁମ୍ବାଇ:** ଦିନ ଥିଲା ବଲିଉଡ୍ ସିନେମା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ହେଲେ ବିଗତ କିଛି ଦିନରୁ ବଲିଉଡ୍ ଦର୍ଶକଙ୍କ ମନ ଜିଣିବାରେ ବିଫଳ ହୋଇଛି। ପରିଣାମସ୍ୱରୂପ ରିଲିଜ ହେଉଥିବା ଫିଲ୍ମଗୁଡ଼ିକୁ ଦର୍ଶକେ ପସନ୍ଦ କରୁନାହାନ୍ତି। ଏହାକୁ ନେଇ ନିର୍ମାତା କରନ ଜୋହର ବଡ ବୟାନ ଦେଇଛନ୍ତି। କରନ ନିଜକୁ ଏସବୁ ପାଇଁ ଦାୟୀ କହିବା ସହ ବଲିଉଡ୍ ବୁଡି ଯିବାର କାରଣ 'ରିମେକ୍' ବୋଲି କହିଛନ୍ତି। ହିନ୍ଦୀ ସିନେମାର ବଡ ସମସ୍ୟା ହେଉଛି ଯେ ଆମେ କାହାଣୀକୁ ନେଇ ଦୃଢ଼ ବିଶ୍ୱାସ ଏବଂ ଆସ୍ଥା ନାହିଁ। ଆମ ପାଖରେ ସଲିମ ଜାଭେଦଙ୍କ ଭଳି ବ୍ୟକ୍ତିତ୍ୱ ଥିଲେ, ଯିଏ ସିନେମାକୁ ଜୀବନ୍ତ ରୂପ ଦେଉଥିଲେ। ୭୦ ଦଶକ ପର୍ଯ୍ୟନ୍ତ ସେ ଅସଲ କାହାଣୀ ଏବଂ ଚରିତ୍ରକୁ ସମ୍ଭାଳି ଆସୁଥିଲେ। ହେଲେ ୮୦ ଦଶକରୁ ଦକ୍ଷିଣ ଭାରତୀୟ ସିନେମାର ରିମେକ କରିବା ଆମେ ଆରମ୍ଭ କରିଦେଲୁ।

# ହ୍ୟାଙ୍ଗରରେ ଡ୍ରେସ୍ ଟାଙ୍ଗି ରେକର୍ଡ

ଖୁବ କମ ସମୟ ମଧ୍ୟରେ ହ୍ୟାଙ୍ଗରରେ ଟି-ଶର୍ଟ ଟାଙ୍ଗି ଆମେରିକାର ଡେଭିଡ୍ ଗିନିଜ ରେକର୍ଡ କରିଛନ୍ତି। ସେ ମାତ୍ର ୧୬ ସେକେଣ୍ଡରେ ହ୍ୟାଙ୍ଗରରେ ୫ଟି ଟି-ଶର୍ଟ ଟାଙ୍ଗି ରେକର୍ଡ କରିଛନ୍ତି। ଗିନିଜ ୱାଲର୍ଡ ରେକର୍ଡର ନିୟମ ଅନୁଯାୟୀ, ଡେଭିଡ ତାଙ୍କ ଟି-ଶର୍ଟ ବ୍ୟବହାର କରିଥିଲେ। ଆମେରିକୀୟ ଡେଭିଡ ରେକର୍ଡ ବ୍ରେକର୍ ୧୬ ସେକେଣ୍ଡରେ ପୁନର୍ବାର ଇତିହାସ ସୃଷ୍ଟି କରିଛନ୍ତି। ଆଇଡାହୋ ବାସିନ୍ଦା ଡେଭିଡ ରୁଶ ଏ ପର୍ଯ୍ୟନ୍ତ ତାଙ୍କ ନାମରେ ୨୫୦ରୁ ଅଧିକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଏଥର ସେ ଏକ ଅନନ୍ୟ ବିଶ୍ୱ ରେକର୍ଡ ଭାଙ୍ଗି ଏହାକୁ ତାଙ୍କ ନାମରେ କରିଛନ୍ତି। ଯଦିଓ ନିୟମ ହେତୁ ତାଙ୍କୁ କିଛି ଅସୁବିଧା ହୋଇଥିଲା, ଏହା ସତ୍ତ୍ୱେ ସେ ୧୬ ସେକେଣ୍ଡରେ ପାଞ୍ଚଟି ଟି-ଶର୍ଟ ଟାଙ୍ଗି ୨୦୧୫ର ରେକର୍ଡ ଭାଙ୍ଗି ଏହାକୁ ତାଙ୍କ ନାମରେ ପରିଣତ କରିଥିଲେ।








See Career Appointment on every Wednesday & Saturday



























ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୧ ଡିସେମ୍ବର, ୨୦୨୨ Bhubaneswar, Sunday, December 11/2022

# ଅନ୍ତିମ ମ୍ୟାଚରେ ଭାରତର ବୃହତ୍ ବିଜୟ

ଚଟ୍ଟୋଗ୍ରାମ,୧୦।୧୨(ପି.ଟି.)

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ମୁକାବିଲାରେ ବୃହତ୍ ବିଜୟ ହାସଲ କରିଛି ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ପୂର୍ବରୁ ହାରି ସାରିଥିବା ବେଳେ ଶନିବାର ଅନ୍ତିମ ଦିନିକିଆକୁ ୨୨୭ ରନରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇଶାନ କିଶନଙ୍କ ୨୧୦ ଓ ବିରାଟ କୋହଲିଙ୍କ ୧୧୩ ରନ ସହିତ ନିର୍ଦ୍ଧାରିତ ଓଭରରେ ୮ ଉଇକେଟରେ ୪୦୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ

## ଇଶାନ କିଶନଙ୍କ ବିସ୍ଫୋରକ ଦ୍ୱିଶତକ

ବାଂଲାଦେଶ ୩୪ ଓଭରରେ ୧୮୨ ରନରେ ସମସ୍ତ ଉଇକେଟ ହରାଇଥିଲା। ପ୍ରଥମ ଦୁଇ ମ୍ୟାଚ ଭାରତ ହାରି ସାରିଥିବା ବେଳେ ଏହି ମ୍ୟାଚଟି କେବଳ ଔପଚାରିକତା ରହିଥିଲା। ରୋହିତ ଶର୍ମାଙ୍କ ସ୍ଥାନରେ ଇଶାନ କିଶନ ଓ ଦୀପକ ଚହରଙ୍କ ସ୍ଥାନରେ ଉମ୍ରାନ ମଲିକ୍ ଏବଂ ଶାହବାଜ ଅହମଦଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ଖେଳାଇଥିଲା ଭାରତ।

ଅଧିନାୟକ ଲୋକେଶ ରାହୁଲ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୧୫ ରନରେ ଶିଖର ଧାୱନ(୩) ପ୍ୟାଭିଲିୟନ ଫେରିଥିଲେ ହେଁ ଇଶାନ କିଶନ ୨୧୦ ଓ ବିରାଟ କୋହଲି ୧୧୩ ଦ୍ୱିତୀୟ ଉଇକେଟରେ ୨୯୦ ରନ୍ ଯୋଡିଥିଲେ। ଦିନିକିଆ କ୍ୟାରିୟରର ପ୍ରଥମ ଶତକକୁ କିଶାନ ଦ୍ୱିଶତକରେ ପରିଣତ କରିଥିଲେ। ୧୩୧ ବଲରୁ ୨୧୦ ରନ କରିଥିବା କିଶାନ ୨୪ ଚୌକା ଓ ୧୦ ଛକା ମାରିଥିଲେ। ସେହିପରି ଦିନିକିଆ କ୍ୟାରିୟରରେ ୪୪ତମ ଶତକ ହାସଲ କରିଥିବା କୋହଲି ମଧ୍ୟ ୯୧ ବଲରୁ ୧୧୩ ରନ୍ କରିଥିଲେ। କୋହଲିଙ୍କ ଇନିଂସରେ ୧୧ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ୩୭ ଓ ଅକ୍ଷର ପଟେଲ ୨୦ ରନର ଇନିଂସ ଖେଳିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ୍ ଅଲ ହସନ, ଏବାଦତ ହୋସେନ୍ ଓ ଟାସ୍କିନ୍ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୪୧୦ ରନ୍ ଜବାବରେ ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୧୮୨ ରନରେ ଅଲଆଉଟ ହୋଇଥିଲେ। ଶାକିବ ଅଲ ହସନ ସର୍ବାଧିକ ୪୩ ରନ୍ କରିଥିବା ବେଳେ ଲିଟନ୍ ଦାସ ୨୯ ରନ୍ କରିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ଉମ୍ରାନ ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ।


ଇଶାନ କିଶନ

### କୋହଲି ଓ କିଶନଙ୍କ କୀର୍ତ୍ତିମାନ

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ଅନ୍ତିମ ଦିନିକିଆରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି ବିରାଟ କୋହଲି ଓ ଇଶାନ କିଶନ। କିଶନ ନିଜର ୧୦ମ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ବେଳେ କୋହଲି ଶତକ ହାସଲକାରୀଙ୍କ ମଧ୍ୟରେ ରିକି ପଣ୍ଟିଙ୍ଗଙ୍କୁ ପଛରେ ପକାଇଛନ୍ତି। ୨୧୦ ରନର ଇନିଂସ ଖେଳିଥିବା କିଶନ ଦ୍ରୁତତମ ୧୫୦ ଓ ୨୦୦ ରନ୍ କରିଛନ୍ତି। ୧୦୩ ବଲରୁ ୧୫୦ ରନ୍ କରି ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇଥିବା ବେଳେ ୧୨୬ ବଲରୁ ଦ୍ୱିଶତକ ହାସଲ କରି କ୍ରିସ୍ ଗେଲଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହା ସହିତ ପ୍ରଥମ ଖେଳାଳି ଭାବରେ ନିଜର ପଦାର୍ପଣ ଶତକକୁ ଦ୍ୱିଶତକରେ ପରିଣତ କରିବାର ସୌଭାଗ୍ୟ ହାସଲ କରିଛନ୍ତି। ଭାରତ ପକ୍ଷରୁ ଚତୁର୍ଥ ବ୍ୟାଟର ଭାବରେ ସେ ଦ୍ୱିଶତକ ହାସଲ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ସେହିପରି ଦିନିକିଆରେ ନିଜର ୪୪ତମ ଶତକ ହାସଲ କରିଥିବା ବିରାଟ କୋହଲି ଅନ୍ତର୍ଜାତୀୟ ଶତକ ତାଲିକାରେ ରିକି ପଣ୍ଟିଙ୍ଗଙ୍କୁ ପଛରେ ପକାଇଛନ୍ତି। କୋହଲି ଏସିଆ କପ୍ ଟି୨୦ରେ ଆଫଗାନିସ୍ତାନ ବିପକ୍ଷରେ ଶତକ ସହିତ ପଣ୍ଟିଙ୍ଗଙ୍କ ୭୧ ତମ ଶତକର ସମକକ୍ଷ ହୋଇଥିଲେ। ଶନିବାର ୭୨ ତମ ଶତକ ସହିତ ସେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକଙ୍କୁ ପଛରେ ପକାଇଛନ୍ତି। ସଚିନ ତେନ୍ଦୁଲକର ୧୦୦ ଶତକ ସହିତ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୫୦ ଓଭରରେ ୪୦୯/୮(ଇଶାନ କିଶନ- ୨୧୦, ବିରାଟ କୋହଲି-୧୧୩, ୱାଶିଂଟନ୍ ସୁନ୍ଦର-୩୭, ଶାକିବ୍ ଅଲ ହସନ-୨/୬୮, ଏବାଦତ ହୋସେନ୍-୨/୮୦, ଟାସ୍କିନ୍ ଅହମ୍ମଦ-୨/୮୯)।

**ବାଂଲାଦେଶ:** ୩୪ ଓଭରରେ ୧୮୨/୧୦ ( ଶାକିବ ଅଲ ହସନ- ୪୩, ଲିଟନ୍ ଦାସ-୨୯, ୟାସିର ଅଲୀ-୨୫, ଶାର୍ଦ୍ଦୂଳ ଠାକୁର-୩/୩୦, ଅକ୍ଷର ପଟେଲ-୨/୨୨, ଉମ୍ରାନ ମଲିକ-୨/୪୩)।

## ଶାମିଙ୍କ ସ୍ଥାନରେ ଉନାଡ୍‌କଟ


ଜୟଦେବ ଉନାଡ୍‌କଟ

ନୂଆଦିଲ୍ଲୀ, ୧୦।୧୨ (ପି.ଟି.)

ବାଂଲାଦେଶ ବିପକ୍ଷ ଆଗାମୀ କ୍ରିକେଟ ଟେଷ୍ଟ ସିରିଜ ପାଇଁ ଆଘାତପ୍ରାପ୍ତ ମହମ୍ମଦ ଶାମିଙ୍କ ସ୍ଥାନରେ ଭେଟେରାନ ବାମହାତୀ ପେସ୍ ବୋଲର ଜୟଦେବ ଉନାଡ୍‌କଟଙ୍କୁ ଭାରତୀୟ କ୍ରିକେଟ ଦଳରେ ସ୍ଥାନ ମିଳିଛି। ନିକଟରେ ସୌରାଷ୍ଟ୍ରର ବିଜୟ ହଜାରେ ଟ୍ରଫି ବିଜୟରେ ଉନାଡ୍‌କଟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ରାଜକୋଟ୍‌ଠାରେ ଅଛନ୍ତି। ଭିଜା କାଗଜପତ୍ର ପ୍ରସ୍ତୁତ ସରିବା ପରେ ସେ ଚଟ୍ଟୋଗ୍ରାମ୍‌ରେ ଟେଷ୍ଟ ଦଳରେ ଯୋଗ ଦେଇଥିଲେ। ହାତରେ ଏକ ଇଞ୍ଜୁରି ଯୋଗୁ ଶାମି ସିରିଜରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶରେ ଭାରତ ଦୁଇ ଟେଷ୍ଟ ମ୍ୟାଚ ଖେଳିବ। ୩୧ ବର୍ଷୀୟ ଉନାଡକଟ ୨୦୧୦ରେ ଏକମାତ୍ର ଟେଷ୍ଟ ମ୍ୟାଚ ସେଞ୍ଚୁରିଆନଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ପରେ ସେ ୭ ଅନ୍ତର୍ଜାତୀୟ ଦିନିକିଆ ଓ ୧୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସୌରାଷ୍ଟ୍ର ଅଧିନାୟକ ଗତ ବିଜୟ ହଜାରେ ଟ୍ରଫିରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ସେ ୧୦ଟି ଗେମ୍‌ରେ ୧୯ ଉଇକେଟ ଅକ୍ତିଆର କରିଥିଲେ। ମୋଟ ଉପରେ ସେ ୯୬ ପ୍ରଥମଶ୍ରେଣୀ ମ୍ୟାଚରେ ୩୫୩ ଉଇକେଟ ହାସଲ କରିଛନ୍ତି। ବାଂଲାଦେଶ ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ଇଞ୍ଜୁରି ସମସ୍ୟାରେ ସଂଘର୍ଷ କରୁଛି। ଅଧିନାୟକ ରୋହିତ ଶର୍ମା ଏବଂ କୁଲଦୀପ ସେନ୍ ଓ ଦୀପକ ଶର୍ମାଙ୍କ ଭଳି ଯୁବ ଖେଳାଳି ଆଘାତପ୍ରାପ୍ତ ହୋଇ ପୂର୍ବରୁ ସିରିଜରୁ ବାଦ୍ ପଡ଼ିସାରିଛନ୍ତି।




# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

ଆଡିଲେଡ୍,୧୦।୧୨(ଏପି)

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏବେ ସମ୍ପୂର୍ଣ୍ଣ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଘରୋଇ ଦଳ ଏହାର ପ୍ରଥମ ଇନିଂସ ୫୧୧/୭ରେ ଘୋଷଣା କରିବା ପରେ ଶନିବାର ପୂର୍ବଦିବସ ଅସମାପ୍ତ ସ୍କୋର ୧୦୨/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା ୱେଷ୍ଟଇଣ୍ଡିଜ। ଦଳ ମାତ୍ର ୨ ଘଣ୍ଟା ଖେଳରେ ଏହାର ଅବଶିଷ୍ଟ ୬ ଉଇକେଟ ବିନିମୟରେ ୨୧୪ ରନରେ ଅଲଆଉଟ ହୋଇ ଫଲୋଅନର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ଫଲୋଅନ ନ ଦେଇ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୬ ଉଇକେଟ ବିନିମୟରେ ୧୯୯ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୪ଉଇକେଟ ହରାଇ ମାତ୍ର ୩୮ ରନ କରିଛି। ମ୍ୟାଚ ଜିତିବା ପାଇଁ ଦଳ ଆହୁରି ୪୫୯ରନ ଆବଶ୍ୟକ କରୁଛି।


ଉଇକେଟ ନେବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ବୋଲର ସ୍କଟ ବୋଲାଣ୍ଡ

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୧୧/୭, ଘୋଷଣା

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୨୧୪ (ଟାଗେନାରିନ୍ ଚନ୍ଦରପଲ-୪୭, ଆଣ୍ଡରସନ ଫିଲିପ୍-୪୩, ରୋଷ୍ଟନ ଚେଜ୍-୩୪ ; ନାଥାନ ଲିୟନ-୩/୫୭, ମାଇକେଲ ନେସେର-୨/୩୪, ମିଚେଲ ଷ୍ଟାର୍କ-୨/୪୮)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୯୯/୬, ଘୋଷଣା (ଉସମାନ ଖ୍ୱାଜା-୪୫, ଟ୍ରାଭିସ୍ ହେଡ୍-୩୮*, ଅଲ୍‌ଜାରି ଯୋଶେଫ-୩/୩୩, ମିଚେଲ ଷ୍ଟାର୍କ-୧/୧୧)।

ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୮/୪ (ଟଗେନାରିନ ଚନ୍ଦରପଲ-୧୭, ସ୍କଟ ବୋଲାଣ୍ଡ-୩/୯)।

## ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୧୨(ସ୍ପୋର୍ଟସ୍ ବ୍ୟୁରୋ)

କେଟି ଗ୍ଲୋବାଲ ସ୍କୁଲ ପଡ଼ିଆଠାରେ କାଭି ଓଡ଼ିଶା ଓ କେଟି ଗ୍ଲୋବାଲ ସ୍କୁଲର ମିଳିତ ଆନୁକୂଲ୍ୟରେ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଦୁଇଦିନିଆ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ନକ୍‌ଆଉଟ ଫର୍ମାଟରେ ଖେଳା ଯାଉଥିବା ଟୁର୍ନାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲାରୁ ୭ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିବସରେ ରମାଦେବୀ ମହିଳା ବିଶ୍ୱ,ବାଲେଶ୍ୱର, ଲୁଇସ ବ୍ରେଲ ଦୃଷ୍ଟିହୀନ ବିଦ୍ୟାଳୟ ଏବଂ ଭଦ୍ରକ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ଆଇଆଇଜି ସ୍ପୋର୍ଟସ ଏକାଡେମୀର ସମ୍ପାଦକ ପ୍ରଶାନ୍ତ ପୁହାଣ, କେଟି ଗ୍ଲୋବାଲ ସ୍କୁଲର ଉପଦେଷ୍ଟା ଅରୁଣ କୁମାର ଦାସ,ମିଶନ ଅଲିମ୍ପିକ ସ୍ପୋର୍ଟସ ଫାଉଣ୍ଡେଶନର ଟ୍ରଷ୍ଟି ସନ୍ତୋଷ କୁମାର ମଲ୍ଲିକ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ, ଆନ୍ତର୍ଜାତିକ କ୍ରିକେଟର ଲିଙ୍ଗରାଜ ରାଉତରାୟ ଏବଂ କାଳିଆ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।


ଖେଳାଳିମାନେ ପରସ୍ପର ସହ କରମର୍ଦ୍ଦନ କରୁଛନ୍ତି।

## ପରାଜୟ ସତ୍ତ୍ୱେ ଚତୁର୍ଥରେ ଓଏଫ୍‌ସି

ଭୁବନେଶ୍ୱର,୧୦।୧୨(ସ୍ପୋର୍ଟସ୍ ବ୍ୟୁରୋ)

**ଇଣ୍ଡିଆନ ସୁପର୍ ଲିଗ୍**

ଇଣ୍ଡିଆନ ସୁପର ଲିଗ୍‌ରେ ଶନିବାର ଗୋଆର ଫତୋର୍ଦ୍ଦା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଏଫ୍‌ସି ଗୋଆଠାରୁ ୩-୦ରେ ପରାଜିତ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ନବମ ମ୍ୟାଚରେ ଏହା ଦଳର ତୃତୀୟ ପରାଜୟ ହୋଇଥିଲେ ମଧ୍ୟ ଦଳ ୧୮ ପଏଣ୍ଟ ସହିତ ପଏଣ୍ଟ ଟେବଲରେ ୪ର୍ଥ ସ୍ଥାନ ବଜାୟ ରଖିଛି । ଶନିବାର ମ୍ୟାଚର ୬୫ ତମ ମିନିଟରେ ନନ୍ଦକୁମାର ସେକରଙ୍କୁ ରେଡ୍‌କାର୍ଡ ମିଳିବା ଫଳରେ ଓଏଫ୍‌ସି ଅବଶିଷ୍ଟ ସମୟ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଏହାର ଫାଇଦା ଉଠାଇବା ସହିତ ଗୋଆ ଦଳ ୩ଟି ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା। ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳ ଗୋଲ ସ୍କୋର କରିପାରି ନ ଥିଲେ। ୩୧ ତମ ମିନିଟରେ ନନ୍ଦକୁମାର ପ୍ରଥମ ୟେଲୋ କାର୍ଡ ପାଇଥିଲେ। ୬୫ ତମ ମିନିଟରେ ତାଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ମିଳିବା ସହିତ ସେ ପଡିଆ ଛାଡିଥିଲେ। ଗୋଆ ପକ୍ଷରୁ ବ୍ରିସନ୍ ଫର୍ନାଣ୍ଡେସ୍(୭୪), ନୋଆ ସଦାଓଇ(୭୮) ଓ ଆଲଭାରୋ ଭାସକ୍ୱେଜ୍(୯୦) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୫ ତାରିଖରେ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଏଟିକେ ମୋହନ ବାଗାନକୁ ଭେଟିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ